

**ସେବେଷ୍ଟିୟନ୍ ଲେକୋର୍ନୁ ପୁଣି ଫ୍ରାନ୍ସ ପ୍ରଧାନମନ୍ତ୍ରୀ ନିଯୁକ୍ତ**

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 199 | ଭାଗ ୩୩ | ସଂଖ୍ୟା ୧୯୯ | Sunday 12 October 2025 | Page 8 Rs. 5.00 | ଭୁବନେଶ୍ୱର ରବିବାର ୧୨ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ

# ନୀଳ ବିପ୍ଳବରେ ଅଗ୍ରଣୀ ହେବ ଓଡ଼ିଶା

- ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ
- ୪ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ
- ସମ୍ବଲପୁରରେ ୧୦୦ କୋଟି ଟଙ୍କାର ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ
- ପାଣ୍ଡରାରେ ୬୦ କୋଟିର ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର
- ଦେଶର ୧୦୦ ଜିଲ୍ଲାରେ ବୃଦ୍ଧି ପାଇବ କୃଷି ଉତ୍ପାଦନ




ଭୁବନେଶ୍ୱର, ୧୧।୧୦(ସଂଚାର ବ୍ୟୁରୋ): ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି ସବୁ ଯୋଜନା ଗୁଡ଼ିକ କୃଷିକ୍ଷେତ୍ରରେ କୃଷକମାନଙ୍କୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ।

ସୂଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା ଆରମ୍ଭ କରାଯାଇଛି। ଏଥିସହିତ ରାଜ୍ୟର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଓ ନୂଆପଡ଼ା ଜିଲ୍ଲାରେ ମଧ୍ୟ ଆଜିଠାରୁ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନାରେ ସାରା ଦେଶରେ ଆସନ୍ତା ୬ ବର୍ଷ ପାଇଁ ବର୍ଷକୁ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଦେଶର ୧.୭ କୋଟି କୃଷକ ଉପକୃତ ହେବେ।

ଏହି ଅବସରରେ ଆଜି ପ୍ରଧାନମନ୍ତ୍ରୀ ସମ୍ବଲପୁରର ବସନ୍ତପୁରଠାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ଏବଂ ଭୁବନେଶ୍ୱରର ପାଣ୍ଡରା ଠାରେ ପ୍ରାୟ ୬୦ କୋଟି ଟଙ୍କାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟ କେବଳ ଓଡିଶାର ନୁହେଁ, ସାରା ଦେଶର ପ୍ରମୁଖ ଜୀବିକା।

ଆଜି ବି ଓଡିଶାର ୬୦ ପ୍ରତିଶତରୁ ଅଧିକ ଏବଂ ଦେଶର ପ୍ରାୟ ୫୦ ପ୍ରତିଶତ ଲୋକେ ଏହା ମାଧ୍ୟମରେ ➪ପୃଷ୍ଠା-୬

### ପଶ୍ଚିମବଙ୍ଗରେ ଲଜ୍ଜା

# ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ



- ଅବସ୍ଥା ଗୁରୁତର, ଆଇସିୟୁରେ ଭର୍ତ୍ତି
- ଛାତ୍ରୀଙ୍କ ସହପାଠୀଙ୍କୁ ପୁଲିସର ପଚରାଉଚରା
- ଘରୋଇ କଲେଜ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ



କୋଲକାତା, ୧୧।୧୦(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ସେ ପଢୁଥିଲେ। ଗତକାଲି ରାତିରେ ହଷ୍ଟେଲରୁ ବାହାରି ଛାତ୍ରୀ ଜଣକ ସହପାଠୀଙ୍କ ସହ ବାହାରକୁ ଖାଇବାକୁ ଯାଇଥିବା ସମୟରେ ତାଙ୍କୁ ଦୁଷ୍କର୍ମ ହୋଇଥିବା ଜଣାପଡିଛି। ଏଭଳି ଅଘଟଣ ବେଳେ ସହପାଠୀ ସେଠାରୁ ଚାଲିଯାଇଥିଲେ। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଛି।

ଏହି ଘଟଣା ଜଣାପଡ଼ିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇପଡ଼ିଛି। ଏନେଇ ଘରୋଇ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଏକ ରିପୋର୍ଟ ମଗାଯାଇଛି। ପ୍ରକୃତରେ କ'ଣ ଘଟିଥିଲା, ଘଟଣାଟି କିପରି ଘଟିଲା, ଏ ସମ୍ପର୍କରେ ବିସ୍ତୃତ ସୂଚନା ରାଜ୍ୟ ସ୍ୱାସ୍ଥ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ତେବେ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ➪ପୃଷ୍ଠା-୬

## ପୀଡ଼ିତାଙ୍କ ବାପାଙ୍କୁ ଆଶ୍ୱାସନା ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୧।୧୦ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ପରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଜଣେ ଓଡ଼ିଆ ଛାତ୍ରୀଙ୍କ ସହ ଘଟିଥିବା ଦୁର୍ଭାଗ୍ୟଜନକ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ପୀଡ଼ାଦାୟକ। ଏହି ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ। ଏହି ସମ୍ବେଦନଶୀଳ ➪ପୃଷ୍ଠା-୬

### ସିନ୍ଧୁ ଜଳଚୁକ୍ତି ରଦ୍ଦ ପରେ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଚେନାବ ଜଳବିଦ୍ୟୁତ ପରିଯୋଜନାକୁ ମଞ୍ଜୁରି



ନୂଆଦିଲ୍ଲୀ, ୧୧।୧୦: କେନ୍ଦ୍ର ସରକାର ସିନ୍ଧୁ ଜଳଚୁକ୍ତିକୁ ରଦ୍ଦକରିବା ପରେ ଜମ୍ମୁ କାଶ୍ମୀରରେ ଚେନାବ ନଦୀ ଉପରେ ୧୮୫୬ ମେଗାୱାଟର ସାବଲକୋଟ ଜଳବିଦ୍ୟୁତ ପରିଯୋଜନାକୁ ପରିବେଶ ମଞ୍ଜୁରି ମିଳିଛି। ଚାରି ଦଶନ୍ଧିରୁ ଅଟକି ରହିଥିବା ଏହି ପରିଯୋଜନା ଚେନାବ ବେସିନରେ ଭାରତର ସବୁଠୁ ବଡ଼ ଜଳବିଦ୍ୟୁତ ପରିଯୋଜନା ମଧ୍ୟରୁ ଗୋଟିଏ ହେବ। ଏହାର ଉଦ୍ଦେଶ୍ୟ ହେଉଛି ଯେ ସିନ୍ଧୁ, ଝେଲମ ଓ ଚେନାବର ଜଳକୁ ନିଜ ପାଇଁ ଉପଯୋଗରେ ଲଗାଇବା।

ଏହି ପରିଯୋଜନାକୁ ଏପରି ସମୟରେ ପରିବେଶ ମଞ୍ଜୁରି ମିଳିଛି, ଯେତେବେଳେ କେନ୍ଦ୍ର ସରକାର ଏପ୍ରିଲ୍ ୨୨ରେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ସରକାର ସିନ୍ଧୁ ଜଳଚୁକ୍ତିକୁ ରଦ୍ଦ କରିବା ଘୋଷଣା କରିଥିଲେ। ଏହାପରେ ଭାରତ ସରକାର ସିନ୍ଧୁ, ଝେଲମ ଓ ଚେନାବା ନଦୀ ଉପରେ ସ୍ୱତନ୍ତ୍ର ରୂପେ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ଏନ୍‌ଏଚ୍‌ପିସି ଦ୍ୱାରା ନିର୍ମିତ ସାବଲକୋଟ୍ ଜଳବିଦ୍ୟୁତ ପରିଯୋଜନା ଏକ ନଦୀ-ଆଧାରିତ ପରିଯୋଜନା ଅଟେ, ଯାହା କେନ୍ଦ୍ର ଶାସିତ ପ୍ରଦେଶ ଜମ୍ମୁ କାଶ୍ମୀରର ରାମବନ, ରିୟାସୀ ଓ ଉଧମପୁର ଜିଲ୍ଲାରେ ଚେନାବ ନଦୀର ପାଣିକୁ ବ୍ୟବହାର କରାଯିବ। ଏହାର ନିର୍ମାଣ ଦୁଇଟି ପର୍ଯ୍ୟାୟରେ (ପର୍ଯ୍ୟାୟ ୧ ପାଇଁ ୬×୨୨୫ ମେଗାୱାଟ୍ ଓ ୧×୫୬ ମେଗାୱାଟ୍ ଓ ପର୍ଯ୍ୟାୟ ୨ ପାଇଁ ୨×୨୨୫ ➪ପୃଷ୍ଠା-୬

### ବିଜେଡି ଜଳକା

# ଜୟଙ୍କୁ ଭରସା ମୋହନ

- ନୂଆପଡ଼ା ଜିଲ୍ଲାବାସୀଙ୍କ ଦାୟିତ୍ୱ ମୁଁ ନିଜେ ନେବି: ମୁଖ୍ୟମନ୍ତ୍ରୀ
- ନୂଆପଡ଼ାରେ ବିଜେପି ସଂଗଠନ ଶକ୍ତିଶାଳୀ ହେବ: ମନମୋହନ
- ବାପାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବି: ଜୟ ଢ଼ୋଲକିଆ
- ବିକଶିତ ଭାରତ ଗଠନ ପାଇଁ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢୁଛି
- ଟୋପି ଓ ଉତ୍ତରୀୟ ପ୍ରଦାନ କରି ଜୟଙ୍କୁ ସ୍ୱାଗତ କରାଗଲା



ଭୁବନେଶ୍ୱର, ୧୧।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତ୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ଦିବଂଗତ ନେତା ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ଢ଼ୋଲକିଆଙ୍କୁ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଅକାଳ ବିୟୋଗ ପରେ ଉପନିର୍ବାଚନ ଆସନ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ସାମିଲ ହେବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ଯୋଗଦାନ ଦ୍ୱାରା ଭାରତୀୟ ଜନତା ପାର୍ଟି ନୂଆପଡ଼ାରେ ସମେତ ସମଗ୍ର ଓଡ଼ିଶାରେ ଆହୁରି ଅଧିକ ଶକ୍ତିଶାଳୀ ହେବ। ବିଜେପି ସରକାର ଓଡିଶାରେ ୧୬ ମାସ ଶାସନ କରିବା ଭିତରେ ଅନେକ ଲୋକାଭିମୁଖୀ କାର୍ଯ୍ୟ କରିଛି। ଏସବୁ ➪ପୃଷ୍ଠା-୬



## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଆମେରିକୀୟ ରାଷ୍ଟ୍ରଦୂତ

- ପ୍ରତିରକ୍ଷା, ବାଣିଜ୍ୟ ନେଇ ଦ୍ୱିପାକ୍ଷିକ ଆଲୋଚନା
- ଟ୍ରମ୍ପ ମେସେଜ୍ ଲେଖାଥିବା ଫଟୋ ଦେଲେ ଉପହାର

ନୂଆଦିଲ୍ଲୀ, ୧୧।୧୦: ଗୋଟିଏ ପଟେ ବାରମ୍ବାର ଭାରତ ବିରୋଧୀ ନିଷ୍ପତ୍ତି ନେଇ ଟ୍ରମ୍ପ ସମ୍ପର୍କ ଖରାପ କରୁଥିବା ବେଳେ ପରୋକ୍ଷରେ ମୋଦୀଙ୍କ ସହ ସମ୍ପର୍କ ବଜାଇ ରଖିବାକୁ ଚେଷ୍ଟା କରୁଛନ୍ତି। କେତେବେଳେ ସୋସିଆଲ୍ ମିଡିଆରେ ନିଜେ ମୋଦୀଙ୍କୁ ପ୍ରଶଂସା କରୁଥିବା ବେଳେ ଆଉ କେତେବେଳେ ନିଜ ସରକାରୀ ଅଧିକାରୀଙ୍କ ଦ୍ୱାରା ସମ୍ପର୍କ ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏହି ➪ପୃଷ୍ଠା-୬

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ସହିଦ

- ଅନ୍ୟ ଦୁଇ ଗୁରୁତର



ରାଉରକେଲା, ୧୧।୧୦(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକର ଜରାଇକେଲା ପଞ୍ଚାୟତ ସୀମାନ୍ତରେ ଥିବା ଝାଡ଼ଖଣ୍ଡସ୍ଥିତ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରିଛନ୍ତି। ତେବେ ନକ୍ସଲମାନଙ୍କ ଦ୍ୱାରା କରାଯାଇଥିବା ଆଇଇଡି ବିସ୍ଫୋରଣରେ ଆହତ ସିଆରପିଏଫ ହେଡ୍ କନଷ୍ଟେବଳ ମହେନ୍ଦ୍ର ଲସ୍କର ସହିଦ ହୋଇଛନ୍ତି। ଶୁକ୍ରବାର ➪ପୃଷ୍ଠା-୬

# ପରୀକ୍ଷା ଜାଲିଆତି ପଛରେ ବଡ଼ ଷଡ଼ଯନ୍ତ୍ର

- ଓପିଆରବି ରଖିଲା ସ୍ପଷ୍ଟୀକରଣ
- ଆଇଟିଆଇକୁ ସୋ'କଜ୍ ମାଗିଲା ଓପିଆରବି



ଭୁବନେଶ୍ୱର, ୧୧।୧୦ (ସଂଚାର ବ୍ୟୁରୋ): ପରୀକ୍ଷା ଜାଲିଆତି ନେଇ ସ୍ପଷ୍ଟୀକରଣ ରଖିଛି ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ବା ଓପିଆରବି। ସରକାରୀ ଚାକିରି ଆଶାୟୀଙ୍କ ବିରୋଧରେ ବିଧିବଦ୍ଧ ଚକ୍ରାନ୍ତ ହୋଇଥିବା ସନ୍ଦେହ ପ୍ରକାଶ କରିଛି ଓପିଆରବି। ରାଜ୍ୟରେ ଚାଲିଥିବା ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିବା କିମ୍ବା ପ୍ରଭାବିତ କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ହୋଇଛି ବୋଲି ସନ୍ଦେହ ପ୍ରକାଶ କରିଛି ଓପିଆରବି। ଅତୀତରେ ଏହିଭଳି ଅନେକ ପ୍ରଶ୍ନପତ୍ର ଲିକ ଘଟଣା ସାମ୍ନାକୁ ଆସିଛି। କିନ୍ତୁ ଯେତେବେଳେ ବି ପ୍ରଶ୍ନପତ୍ର ଲିକ ହୋଇଛି, ସେହି ପ୍ରଶ୍ନପତ୍ରକୁ ତୁରନ୍ତ ବାତିଲ କରି ପୁଣି ଥରେ ଖୁବ ➪ପୃଷ୍ଠା-୬

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ନବଜାତ ଶିଶୁ ଚୋରି ଘଟଣା

# ଶିଶୁପୁତ୍ର ଉଦ୍ଧାର, ଅଭିଯୁକ୍ତ ମହିଳା ଗିରଫ

ବାରିପଦା, ୧୧।୧୦(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୫ ମହଲା କୋଠାର ମହିଳା ଏବଂ ଶିଶୁ ବିଭାଗ ୱାର୍ଡରୁ ନବଜାତ ଶିଶୁ ଚୋରି ହେବା ଅଭିଯୋଗ ପରେ ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ତାଙ୍କ ନାମ ପାର୍ବତୀ ହେମ୍ବ୍ରମ। ତାଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରାଯିବା ସହ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ମହିଳା ଜଣକ ବୈଶିଙ୍ଗା ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ କେଉଁ କାରଣରୁ ପାର୍ବତୀ ନବଜାତ ଶିଶୁଟିକୁ ଚୋରି କରିଥିଲା, ତାହା ସ୍ପଷ୍ଟ ହୋଇନି। ଏନେଇ ତଦନ୍ତ ଜାରି ରହିଥିବା ପ୍ରକାଶ।

ଶନିବାର ସକାଳୁ ଶିଶୁଟି ଚୋରି ହୋଇଥିବା ନେଇ ନବଜାତକର ପରିବାର ଲୋକେ ଫାଣ୍ଡିରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ବାରିପଦା ଟାଉନ ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ଖୋଜାଖୋଜି କରାଯାଇଥିଲା। ପ୍ରସୂତି ମହିଳା ଜଣକ ହେଲେ ବାରିପଦା ସଦର ଥାନା ଅଧୀନ ରାଣୀଭୋଳ ଗ୍ରାମର ଫୁଲମଣି ସୋରେନ(୨୦)। ଗତ ଶୁକ୍ରବାର ସକାଳୁ ଫୁଲମଣିଙ୍କୁ ପ୍ରସବ ଜନିତ ବେଦନା ହେବାରୁ ଆଶାକର୍ମୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲେ। ବାଟରେ ଆସୁଥିବା ସମୟରେ ଆମ୍ବୁଲାନ୍ସରେ ଫୁଲମଣି ପିଲା ଜନ୍ମ କରିଥିଲେ। ପରେ ତାଙ୍କୁ ହସ୍ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ୫ ମହଲାର ପ୍ରସୂତି ୱାର୍ଡ ୟୁନିଟ୍-୧ରେ ଚିକିତ୍ସାଧୀନ ଥିବା ସମୟରେ ପିଲାଚୋର ମହିଳା ଜଣକ ପାଖାପାଖି ରହୁଥିଲେ। ନବଜାତକ ଶିଶୁକୁ ସାମାନ୍ୟ ଛିଙ୍କ ହେଉଥିବାରୁ ଫୁଲମଣିଙ୍କ ସହ କଥାବାର୍ତ୍ତା ହୋଇ ଡାକ୍ତର ଦେଖାଇବାକୁ କହିଥିଲେ। ➪ପୃଷ୍ଠା-୬



## କାନ ଡେରିଥା

ପ୍ରଶାସନ ପରା ଶାସନ କରିଲା
ଗେଣ୍ଡା ସରକାରେ ରହି
ଏବେ ଆଉ ତାଙ୍କ ବ୍ରେନ ଖଟୁନି
ଡାକିଲେଣି ତ୍ରାହି ତ୍ରାହି
କୋଟିପତି ସବୁ ଜେ.ଇ !
ଯିଏ ଯେତେ
ବେଶୀ ଚାଟୁ କରୁଥିଲା
ଧନ ବଢ଼ାଇଲା ସେଇ ।

■ ଦେବାଶିଷ

### କଡ଼ାଗଣ୍ଡାର ହିସାବ ନେଉଛି ବିଜେପି

# ବିଜେଡି କାର୍ପେଟଦାରଙ୍କ ଅକଲ ଗୁଡୁମ

- ନବୀନ ନିବାସରେ ବସିଲା ଘନଘନ ବୈଠକ
- ବିଜେପି ଆଶାୟୀ ପ୍ରସନ୍ନ ପାଢ଼ୀ ଓ ଯଦୁ ପାଣିଗ୍ରାହୀଙ୍କୁ ଟାର୍ଗେଟ
- ବବିଙ୍କୁ ପ୍ରାର୍ଥୀ କରିବାକୁ ବରିଷ୍ଠ ନେତାଙ୍କ ପ୍ରସ୍ତାବ



ଭୁବନେଶ୍ୱର, ୧୧।୧୦(ସଂଚାର ବ୍ୟୁରୋ): ଜୟ ଢୋଲକିଆ ବିଜେପିରେ ମିଶିବା ପରେ ନବୀନ ପଟ୍ଟନାୟକଙ୍କ ଅକଲ ଗୁଡୁମ ହେଇଯାଇଛି। ରାଗରେ ତମତମ ହେଉଛନ୍ତି ନବୀନ। ସେପଟେ ବିଜେପି ମହଲରେ ଚର୍ଚ୍ଚା ଯେ, ଦଳ କଡ଼ାଗଣ୍ଡାର ହିସାବ ନେଉଛି। ପୂର୍ବରୁ ନବୀନ ଏମିତି ନେତାଙ୍କୁ ହାଇଜାକ କରୁଥିଲେ। ଉଦାହାରଣ ସ୍ୱରୂପ ତୁଷାରକାନ୍ତି ବେହେରା। ୨୦୧୯ରେ ତୁଷାରକାନ୍ତି ବେହେରା ବିଜେପି ଟିକେଟ ନେଇସାରିଥିଲେ। ତଥାପି ନବୀନ ତାଙ୍କୁ ଲୋଭ ଦେଖାଇ ବିଜେଡିର ମିଶାଇଥିଲେ ଆଉ ପ୍ରାର୍ଥୀ କଲେ। କ୍ଷମତାରେ ଥିବା ବେଳେ ନବୀନ ଯେଉଁ ରଣନୀତି ଆପଣାଉଥିଲେ ଏବେ ବିଜେପି ସେହି ନୀତି ତାଙ୍କ ଉପରେ ପ୍ରୟୋଗ କରୁଛି। ଜୟ ଢୋଲକିଆଙ୍କୁ ବିଜେପି ନିଜ ସହ ମିଶାଇ ପ୍ରାର୍ଥୀ କରିବାକୁ ଲକ୍ଷ୍ୟ ରଖିଛି। ଏହାଦ୍ୱାରା ବିଜେଡି ହାତରେ ଆଉ ସୈନ୍ୟ ନାହାନ୍ତି। ଆୟୁବ ଖାଁଙ୍କୁ ଦଳ ବହୁ ଆଗରୁ ମାଟି କରିଦେଇଛି। ତେଣୁ ତାଙ୍କୁ ପ୍ରାର୍ଥୀ କରି ଦଳ ଆଉ ରିସ୍କ ନେବାକୁ ଚାହୁଁନି। ଆୟୁବ କିନ୍ତୁ ଭାରି ଆଶାୟୀ।

ଏହାକୁ ନେଇ ଆଜି ନବୀନ ନିବାସରେ ହୋଇଛି ମାନସ ମନ୍ଥନ। ମୁଖପାତ୍ର ଟିମ ସହ ରାଜନୈତିକ ବ୍ୟାପାର କମିଟି ବୈଠକ ବି ବସିଥିଲା। ଏଥିରେ ନୂଆପଡା ଉପନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି ନେଇ ନବୀନ ଖୁବ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ବିଜେପିରୁ ନେତାଙ୍କୁ ପୋଚିଂ କରିବାକୁ ଯୋଜନା ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜୟ ଢୋଲକିଆ ପଦ୍ମ ଧରିବା ପରେ ବିଜେପିର କିଛି ଆଶାୟୀ ଅସନ୍ତୁଷ୍ଟ ଅଛନ୍ତି। ସେ ମଧ୍ୟରେ ଅଛନ୍ତି ପ୍ରସନ୍ନ ପାଢ଼ୀ ଓ ଯଦୁ ପାଣିଗ୍ରାହୀ। ପ୍ରସନ୍ନ ପୂର୍ବରୁ ବିଜେଡିରେ ଥିଲେ। ନୂଆପଡା ଜିଲ୍ଲା ସଭାପତି ଦାୟିତ୍ୱରେ ମଧ୍ୟ ଥିଲେ। କିନ୍ତୁ ସ୍ୱର୍ଗତ ରାଜେନ୍ଦ୍ରଙ୍କ ସହ ଅପଡ଼ ହେବାରୁ ସେ ବିଜେପି ଚାଲିଯାଇଥିଲେ। ସେହିଭଳି ଯଦୁ ପାଣିଗ୍ରାହୀ ୨୦୧୯ରେ ବିଜେପିରୁ ଟିକେଟ ନପାଇ ସ୍ୱାଧୀନ ଭାବେ ଲଢ଼ିଥିଲେ।

ଏହି ଦୁଇ ନେତାଙ୍କୁ ଏବେ ବିଜେଡି ଟାର୍ଗେଟ କରିଛି। ତେବେ ଦଳର କିଛି ବରିଷ୍ଠ ନେତା ବବି ଦାସଙ୍କୁ ନୂଆପଡ଼ାରୁ ପ୍ରାର୍ଥୀ କରିବାକୁ ପ୍ରସ୍ତାବ ଦେଇଛନ୍ତି। ବରିଷ୍ଠ ନେତାଙ୍କ ଯୁକ୍ତି ହେଉଛି ଯଦି ଜୟ ବିଜେପିରୁ ଲଢ଼ିବ, ତେବେ ପଦ୍ମ ଦଳକୁ ଏକା ବବି ହିଁ ଟକ୍କର ଦେଇପାରିବେ। ଅର୍ଥ ବଳ ସହ ସାଂଗଠନିକ ଦକ୍ଷତା ବି ଅଛି। ତେଣୁ ବିଜେଡି ସମ୍ମାନର ସହ ଲଢ଼ିବାକୁ ହେଲେ ବବି ପ୍ରାର୍ଥୀ ହେବ ଜରୁରୀ ବୋଲି ସେମାନେ କହିଛନ୍ତି। ଅବଶ୍ୟ ଚୂଡାନ୍ତ ନିଷ୍ପତ୍ତି ନବୀନ ନେବେ।

## ଗଜଲକ୍ଷ୍ମୀଙ୍କ ପୂଜାରେ ଯୋଗଦେଲେ ବିଧାୟକ ଅରବିନ୍ଦ



**ଗରଦପୁର, ୧୧।୧୦(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅନ୍ତର୍ଗତ ବେଡ଼ାରୀ ଗ୍ରାମରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ବହୁ ଆଡମ୍ବର ସହକାରେ ପାଳନ କରାଯାଉଅଛି। ଏହି ପୂଜା ବହୁ ପୁରାତନ, ବେଡାରୀ ଗ୍ରାମରେ ହେଉଥିବା ମାଆ ଗଜଲକ୍ଷ୍ମୀଙ୍କ ପୂଜା ଏଠାରେ ଭିନ୍ନ ଧରଣରେ ପାଳନ କରାଯାଏ। ପୂଜା ଆରମ୍ଭ ହେବା ଦିନ ଠାରୁ ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ଭିଡ କହିଲେ ନସରେ ଆଖପାଖ ଗ୍ରାମର ଭକ୍ତ ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରତ୍ୟେକ ମଧାହ୍ନରେ ପ୍ରସାଦ ସେବ କରିବା ସହ ସନ୍ଧ୍ୟାରେ ଭଜନ ସମାହାରୋ ଓ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମକୁ ମନ ଭରି ଉପୋଭୋଗ କରିଥାଆନ୍ତି। ବେଡାରୀ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ସହୋଜଗରେ ପୂଜା ଆରମ୍ଭରୁ ଭସାଣି କାର୍ଯ୍ୟକ୍ରମ ଯଥା ରୀତିନୀତିରେ ସମ୍ପନ୍ନ ହୋଇଥାଏ। ମାଆ ଗଜଲକ୍ଷ୍ମୀ ପୂଜା କମିଟି ବେଡ଼ାରୀର ନିମନ୍ତ୍ରଣ ପାଇ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇ ଗ୍ରାମବାସୀଙ୍କ ପାଇଁ ଶୁଭ ମନାସି ଥିଲେ ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ ।

## ପୂଜା ମଣ୍ଡପ ବୁଲିଲେ ପୌରାଧକ୍ଷାଙ୍କ ସହ କାଉନସିଲର



**କେନ୍ଦ୍ରାପଡା, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଗଣପର୍ବ ପବିତ୍ର ଗଜଲକ୍ଷ୍ମୀ ପୂଜା କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଆଜି ଷଷ୍ଠ ଦିନରେ ପହଁଚିଛି । ଆସନ୍ତା କାଲି ବିସର୍ଜନ ପୂଜା ଅନୁଷ୍ଠିତ ହେବ । ଏହା ପୂର୍ବରୁ କେନ୍ଦ୍ରାପଡା ପୌରସଂସ୍ଥା ର ପୌରାଧକ୍ଷା ଶ୍ରୀମତୀ ସରିତା ସାହୁ ବିଭିନ୍ନ କାଉନସିଲର ମାନଙ୍କ ସହିତ ଆଜି ସକାଳ ସମୟରେ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ଦିଅଁ ମାନଙ୍କୁ ଦର୍ଶନ କରିବା ସହ ଆର୍ଶୀବାଦ ଭିକ୍ଷା କରିଥିଲେ । ଗୋପ, ଏକଣାଖଣ୍ଡି, ଅଯୋଧ୍ୟାନଗର, କେଶପୁର ବଜାର, ସାନ ମଙ୍ଗଳା ସମେତ ବଳଗଣ୍ଡି, ମଢିଆଳ ଓ ସହରର ଅନ୍ୟାନ୍ୟ ସ୍ଥାନରେ ଥିବା ତିନିମୁହାଣୀ ପର୍ଯ୍ୟନ୍ତ ସମସ୍ତ ପୂଜା ମଣ୍ଡପ ବୁଲି ଦର୍ଶନ କରିବା ସହ ପୂଜା କମିଟିର କର୍ମକର୍ତା ମାନଙ୍କ ସହ ଆଲୋଚନା କରିଥିଲେ। ପାଗ ଅନୁକୂଳ ଥିବାରୁ ଏହି ଗଣପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ବହୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି ।

## ସାନମଙ୍ଗ ପଞ୍ଚାୟତରେ ଗଜଲକ୍ଷ୍ମୀ ପୂଜା ପାଳିତ



**ଆଳି, ୧୧।୧୦(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଅନ୍ତର୍ଗତ ସାନମଙ୍ଗ ପଞ୍ଚାୟତରେ ଗଜଲକ୍ଷ୍ମୀ ପୂଜା ୧୦୬ ବର୍ଷରେ ପଦାର୍ପଣ କରିଛି। ୧୯୧୯ ମସିହାରୁ ଏହି ପୂଜା ମଣ୍ଡପ ଆରମ୍ଭ ହୋଇଥିଲା। ସାନମଙ୍ଗ ଗ୍ରାମର ପୁରାତନ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ ସୂଚନା, ଯେତେବେଳେ ପୂର୍ବରୁ କଟକ ଜିଲ୍ଲାର ଆଳି ବ୍ଲକ ଥିଲା ସେ ସମୟରୁ ସାନମଙ୍ଗରେ ଗଜଲକ୍ଷ୍ମୀ ପୂଜା ପାଳନ ହୋଇଆସୁଛି। ନଦୀନାଳ ଘେରା ଜଙ୍ଗଲିଆ ଗାଁ ଥିଲା ସାନମଙ୍ଗ। ସେ ସମୟରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା କମିଟି ଶଗଡ଼ ଯୋଗେ ଆସି ସାନମଙ୍ଗ ଗଜଲକ୍ଷ୍ମୀ ପୂଜା ମଣ୍ଡପରୁ ଗୁଆ ନେଇ ପୂଜା ଆରମ୍ଭରୁ କରୁଥିଲେ। ବର୍ତ୍ତମାନ ସମୟ ବହୁତ ଆଗକୁ ଯିବା ସହ ବହୁ ଆଡମ୍ବର ସହକାରେ ସାନମଙ୍ଗରେ ଗଜଲକ୍ଷ୍ମୀ ପୂଜା ପାରମ୍ପରିକ ରୀତିନୀତି ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦିପାଲା, ସ୍ୱର ସଙ୍ଗୀତ, ମୀନା ବଜାର, ବିଭିନ୍ନ କିଣାବିକା ଦୋକାନ ମଧ ହୁଏ। ଠାକୁରସାହି, ବାଟିପଡା, ବଡମଙ୍ଗ, କଳସପୁର, ଭୂଇଁପୁର, ପାଞ୍ଚଣପଡା, ପତ୍ରପୁରୁ, ଚଣ୍ଡିଆଗଡି ,ସିଙ୍ଗିର ଆଳିର ବିଭିନ୍ନ ପଞ୍ଚାୟତରୁ ଶ୍ରଦ୍ଧାଳୁ ସମାଗମ ହୁଅନ୍ତି। ଏବଂ ପଡୋଶୀ ଜିଲ୍ଲା ଭଦ୍ରକ, ଯାଜପୁର, ଜଗତସିଂହପୁର ବହୁ ବ୍ୟବସାୟୀମାନେ ବେପାର ଆଣନ୍ତି। ତା ସହ ଗଜଲକ୍ଷ୍ମୀ ପୂଜା ଉପଭୋଗ କରନ୍ତି।

### ଶୃଙ୍ଖଳିତ ପୂଜା ଓ ଭସାଣି ଲାଗି ପ୍ରଶାସନ ଆଲର୍ଟ

# ଅପରାଧୀଙ୍କ ଉପରେ ନଜର ରଖିବ ଏଆଇ କ୍ୟାମେରା

**କେନ୍ଦ୍ରାପଡ଼ା, ୧୧।୧୦(ସଂଚାର ବ୍ୟୁରୋ):** ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିଛି ଏବେ ଏଆଇ କ୍ୟାମେରା। ଗଜଲକ୍ଷ୍ମୀ ପୂଜା ଲାଗି ଅସମ୍ଭାଳ ଭିଡ଼

**ସ୍ଥିତି ସମୀକ୍ଷା କରି ଫ୍ଲାଗମାର୍ଚ୍ଚ କଲେ ଡିଆଇଜି**



ହେଉଥିବା କେନ୍ଦ୍ରାପଡା ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ପୁଲିସ ନଜର ରଖିବା ସହ ଏଆଇ କ୍ୟାମେରା ମଧ ଲଗାଇଛି। ଯାହା ଫଳରେ ପୂଜାରେ ବିଶେଷ କିଛି ଅଘଟଣ ଘଟିନାହିଁ।

ଶନିବାର ପୂଜାର ଷଷ୍ଠ ଦିନରେ କେନ୍ଦ୍ରାଳ ଡିଆଇଜି ସତ୍ୟଜିତ ନାୟକ କେନ୍ଦ୍ରାପଡାରେ ସ୍ଥିତି ସମୀକ୍ଷା କରିଛନ୍ତି। ଜଜାଙ୍ଗସ୍ଥିତ ପ୍ରଦକ୍ଷଣଭବନରେ ସ୍ଥିତି ସମୀକ୍ଷା କରିବା ପରେ ସହରରେ ଫ୍ଲାଗ ମାର୍ଚ୍ଚ କରିଥିଲେ ଡିଆଇଜି ଶ୍ରୀ ନାୟକ ।

ଏହି ପୂଜାକୁ ଉପଭୋଗ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁମାନେ ଆସୁଛନ୍ତି। ତେଣୁ ପୂଜାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ୩୦ ପ୍ଲାଟୁନ୍ ପୁଲିସ ବଳ ମୃତୟନ ହୋଇଛନ୍ତି। ଯେଉଁ ସ୍ଥାନଗୁଡିକରେ ଏକ ହଜାରରୁ ଅଧିକ ଲୋକ ଜମା ହେଉଛନ୍ତି ସେହି ସ୍ଥାନଗୁଡ଼ିକର ଭିଡିଓ ଏଆଇ କ୍ୟାମେରା ସାହାଯ୍ୟରେ କଣ୍ଟ୍ରୋଲ ରୁମରେ ଦେଖି ହେଉଛି। ତେଣୁ ସେଠାରେ କୌଣସି ବ୍ୟକ୍ତି ଅଘଟଣ ଘଟାଇଲେ ତୁରନ୍ତ ତାହାକୁ ଧରିହେବ। ସେହିପରି ଯେଉଁମାନେ ମେଳା, ମହୋତ୍ସବରେ ଅଭ୍ୟାସଗତ ଭାବେ ଲୁଟ୍ ତରାଜ କରନ୍ତି ସେମାନଙ୍କର ଏକ ଡାଟା ବେସ ପ୍ରସ୍ତୁତ କରାଯାଇଛି । ସେମାନେ ମେଳାରେ ବୁଲାବୁଲି କଲେ ଜଣାପଡି ଯିବେ। ଫଳରେ ସେମାନଙ୍କୁ ମେଳାର ଭିଡ ଭିତରୁ ସହଜରେ ବାହାର କରାଯାଇପାରିବ।

## ଜିଲ୍ଲା ବିଜ୍ଞାନକେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ

**ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ**

**ପଟ୍ଟାମୁଣ୍ଡାଇ, ୧୧।୧୦ (ସଂଚାରବ୍ୟୁରୋ):** କେନ୍ଦ୍ରଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବନ୍ତୋ ଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାପନ କରିବା ପାଇଁ ଗତ ବିଜେଡି ସରକାର ନିଷ୍ପତ୍ତି ନେଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଭିଡ଼ିଓ କନଫରେନ୍ସ ଯୋଗେ ଏହି ବିଜ୍ଞାନଗାର ଶୁଭ ଦେଇଥିଲେ । ପଟ୍ଟାମୁଣ୍ଡାଇ ଠାରେ ଜିଲ୍ଲା ବିଜ୍ଞାନଗାର ପ୍ରତିଷ୍ଠା ହେଲେ କଲେଜ ଛାତ୍ରଛାତ୍ରୀମାନେ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ଜୈବ ବିବିଧତା ଉପରେ ଗବେଷଣା କରିବା ସହିତ ବିଭିନ୍ନ କ୍ଷେତ୍ରରେ ଗବେଷଣା କରିପାରିବେ । ଇତି ମଧରେ ସରକାର ପରିବର୍ତନ ହୋଇ ଥିବାରୁ ଚଳିତ ବିଧାନସଭା ଅଧିବେଶନରେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବନ୍ତୋ ଠାରେ ଜିଲ୍ଲା ବିଜ୍ଞାନକେନ୍ଦ୍ର ସ୍ଥିତି ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିବାରେ କେନ୍ଦ୍ରାପଡ଼ା ବଳଦେବଜୀଉ ନିକଟ ଓ ମହାକାଳପଡା ସୀମାକୁ ଲାଗି ଏକ ବିକଳ୍ପ ସ୍ଥାନ ନିରୂପଣ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସରକାରୀ ଚିଠି କରାଯାଇଛି । ଜିଲ୍ଲାପାଳ ବିକଳ୍ପ ସ୍ଥାନ ନିରୂପଣ କରି ପ୍ରସ୍ତାବ ପଠାଇଲେ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।



ଏହି ଖବର ଜଣାପଡିବା ପରେ ପଟ୍ଟାମୁଣ୍ଡାଇ ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଜିଲ୍ଲା ବିଜ୍ଞାନକେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତିର କଡା ବିରୋଧ କରିଛନ୍ତି । ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ ଓ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଙ୍କୁ ପ୍ରଦାନ କରି ବିଜ୍ଞାନକେନ୍ଦ୍ର ସ୍ଥାନାନ୍ତର ନକରିବାକୁ ଦାବୀ କରିଛନ୍ତି ।

## ଜିଲ୍ଲାକୁ ଦାଦନମୁକ୍ତ କରିବାକୁ ସମନ୍ୱିତ କୃଷି ଯୋଜନା ସମ୍ପର୍କୀୟ ଆଲୋଚନା

**କେନ୍ଦ୍ରାପଡା, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଧନଧାନ୍ୟ ଯୋଜନାର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ଅଧିକାରୀ ଡକ୍ଟର ମନୋଜ କୁମାର ପଟ୍ଟନାୟକ, କୃଷି ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ଜିଲ୍ କୃଷି ଅଧିକାରୀ ହେମନ୍ତ କୁମାର ସାମଲ ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ବିଭିନ୍ନ କୃଷି ଯୋଜନା ବିଷୟରେ ଅବଗତ ହୋଇଥିଲେ । କେନ୍ଦ୍ରାପଡା ଜିଲ୍ଲାକୁ ଦାଦନମୁକ୍ତ କରିବାପାଇଁ ସମନ୍ୱିତ କୃଷି ଯୋଜନା ସଂପର୍କରେ ଆଲୋଚନା କରାଯିବା ସହିତ କେନ୍ଦ୍ରାପଡା ଜିଲ୍ଲାରେ ଅଣ୍ଡାଦିଆ କୁକୁଡାର ଫାର୍ମ କରିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଇଥିଲା । ଏହି ଯୋଜନା ଦ୍ୱାରା ଚାଷୀମାନେ ବହୁ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆତ୍ମାର ଡିପିଡି ନିରଞ୍ଜନ ରାଉତ, ଯୋଜନା ଅଧିକାରୀ ପଲ୍ଲବୀ ସାହୁ, ପାୟଲ୍ ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଝରକା ତାଡ଼ି କଳାକନା ବୁଲାଇଲେ ଦୁର୍ବୃତ୍ତ



**ଆଳି, ୧୧।୧୦(ସଂଚାର ବ୍ୟୁରୋ):** ବର୍ଷ ବର୍ଷର ଶ୍ରମ ଅର୍ଜିତ ଧନକୁ ଏକା ଥରେକେ କଳାକନା ବୁଲାଇ ଛୁ ହୋଇଯାଉଛନ୍ତି ଚୋରମାନେ। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁଇଟି ଘରୁ ଝରକା ତାଡି କଳାକନା ବୁଲାଇଲେ ଛକି ଲୁଟେରା ଗ୍ୟାଙ୍ଗ । ଗତ ରାତିରେ ଆଳି ଥାନା ଅନ୍ତର୍ଗତ ତରି ପାଟଣା ଗ୍ରାମରେ ଦୁଇଟି ଘରର ଝରକା ତାଡ଼ି ନଗଦ ଟଙ୍କା ସହ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ । ଗ୍ରାମର ମାନସ କୁମାର ପ୍ରଧାନଙ୍କ ପରିବାର ଲୋକ ଘରେ ଅନୁପସ୍ଥିତ ଥିବାର ସୁଯୋଗ ନେଇ ଲୁଟେରା ମାନେ ଘର ପଛ ପଟେ ଥିବା ଝରକା ଗ୍ରିଲକୁ କାଟି ଗଡ଼ରେଜରେ ଥିବା ନଗଦ ଏକ ଲକ୍ଷ ଟଙ୍କା ସହ ଆଠ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସୁନା ଲୁଟ ହୋଇଥିବା ନେଇ ପରିବାର ଲୋକ ଆଳି ଥାନାରେ ଅଭିଯୋଗ ଦେଇଥିବା ବେଳେ ସେହି ଗ୍ରାମର ପ୍ରେମାନନ୍ଦ ପଣ୍ଡାଙ୍କ ଗୋଟିଏ ରୁମର ଝରକା ତାଡ଼ି ନଗଦ ଟଙ୍କା ସହ ପାଞ୍ଚ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ କରିଛନ୍ତି । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି।

## ଯୁବତୀଙ୍କ ଗଳା କାଟିଲା ଯୁବକ



**ରାଜକନିକା, ୧୧।୧୦(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ କୁଜିପୁର ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ରାଜକନିକା ବ୍ଲକ କାଟଣା ପଂଚାୟତ ଗାରଡ଼ପୁର ଗାଁର ଶତ୍ରୁଘନ ନାୟକଙ୍କ ପୁଅ ସୁବ୍ରତ କୁମାର ନାୟକ (୩୨) ଶନିବାର ଦିନ ୧୧ଟା ସମୟରେ ଜୟନଗର ପଞ୍ଚାୟତ କୁଜିପୁର ଗାଁର ସୁଶାନ୍ତ କିଶୋର ଦାସଙ୍କ ଘରେ ପଶିବା ସହିତ ସାଙ୍ଗରେ ନେଇଥିବା ଏକ ଭୁଜାଲି ଧରି ତାଙ୍କ ଭାଣିଜୀର ରୁମରେ ପଶି ଭାଣିଜୀକୁ ଜୀବନରୁ ମାରିଦେବାକୁ ତାଙ୍କ ଗଳା କାଟି ହତ୍ୟା କରିବା ଉଦ୍ୟମ କରିଥିଲା। ଯୁବତୀ ଜଣକ ଚିତ୍କାର କରିବାରୁ ଯୁବତୀର ମାମୁଁ କବାଟ ଭାଙ୍ଗି ରକ୍ତାକ୍ତ ଅବସ୍ଥାରେ ଯୁବତୀଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ। ସେପଟ ଯୁବକଙ୍କୁ କାବୁକରି ରାଜକନିକା ପୁଲିସ ଜିମା ଦେଇଥିବା ଯୁବତୀର ମାମୁଁ ସୁଶାନ୍ତ ରାଜକନିକା ଥାନରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳନ



**କେନ୍ଦ୍ରାପଡା, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ୨୦୨୫ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷୁମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଡିଓ ଅଭିଶେକ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୧୧ ତାରିଖରେ ଆନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳନ କରାଯାଏ । ସଖୀ ସହେଲୀ ଗ୍ରୁପ୍‌ର ମୁଖ୍ୟ ସଂପର୍କରେ ଆଲୋଚନା କରାଯାଇଥିଲା । କିଶୋରୀମାନେ ସେମାନଙ୍କ ଜୀବନ ନେତୃତ୍ୱର ଅଭିଜ୍ଞତା ସଂପର୍କରେ ଆଲୋଚନା କରିଥିଲେ। କିଭଳି ନେତୃତ୍ୱ ନେଇ ଆଗକୁ ବଢ଼ିପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାର ୯ଟି ବ୍ଲକର ଶହେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ୨୬ଜଣଙ୍କୁ ପୁରସ୍କୃତ କରାଯାଇଛି।

## ଅଟଳ ସେନା ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ




**ସାଲେପୁର, ୧୧।୧୦(ସଂଚାର ବ୍ୟୁରୋ):** ଅଟଳ ସେନା ଓଡ଼ିଶା ପକ୍ଷରୁ ଗତଗୁରୁବାର ଦିନ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସାଲେପୁର କଲେଜ ରୋଡ୍ ସ୍ଥିତ ଅଟଳ ସେନା କାର୍ଯ୍ୟାଳୟ ଠାରେ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ଶଶିଭୂଷଣ ମିଶ୍ର ଯୋଗ ଦେଇ ଗୋପବନ୍ଧୁଙ୍କୁ ସେବାର ମୁକ୍ତିବନ୍ତ ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଯୋଗ ଦେଇ ତାଙ୍କୁ ଓଡ଼ିଶା ପ୍ରଦେଶ ଗଠନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ସଂପର୍କରେ ମାର୍ଗ ଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡଃ ଉମେଶ ଚନ୍ଦ୍ର ପତି, ବିଶିଷ୍ଟ ଶିକ୍ଷାବିତ୍ ବିପିନ୍ ବିହାରୀ କର, ବିଶିଷ୍ଟ ସମାଜ ସେବୀ ଅବତନ ଷଡ଼ଙ୍ଗୀ ଯୋଗ ଦେଇ ଉତ୍କଳମଣି ଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ ।

## କୃଷି ବିଜ୍ଞାନ କେନ୍ଦ୍ରରେ ପିଏମ୍ ଧନଧାନ୍ୟ ଯୋଜନା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚାଷୀ ଭାଇ ଭଉଣୀମାନଙ୍କୁ କୃଷି ପ୍ରକଳ୍ପର ଉପହାର ସ୍ୱରୂପ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡଃ. ଅରବିନ୍ଦ ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ ହେବା ସହ କୃଷି ଭିତିଭୂମି ପାଣ୍ଠି, ପଶୁପାଳନ, ମତ୍ସ୍ୟ ପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୧୧୦୦ରୁ ଅଧିକ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା । ଏଥିସହିତ କେନ୍ଦ୍ରରେ ଉପସ୍ଥିତଥିବା ଚାଷୀଙ୍କର ବୈଜ୍ଞାନିକ ମାନଙ୍କ ସହିତ ଆଲୋଚନା କରାଯାଇ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି । ଧାନ ଫସଲରେ ସମନ୍ୱିତ ରୋଗ, ପୋକ ପରିଚାଳନା ଉନ୍ନତ ପଦ୍ଧତିରେ ଉଦ୍ୟମ କୃଷି ଓ ମତ୍ସ୍ୟ ପାଳନ ଆଦି ସଂପର୍କରେ ଚାଷୀମାନେ ଆଲୋଚନା କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷୀ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର, ଡ. ଗାୟତ୍ରୀ ସାହୁ, ଡଃ. ତାପସ ରଞ୍ଜନ ସାହୁ, ଡଃ. ମାନସ ସଞ୍ଜିବ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ‘ରାଇଜିଂ ଓଡିଶା’ ପକ୍ଷରୁ ସାମାଜିକ ଉନ୍ନତିରେ ଶିକ୍ଷାର ଗୁରୁତ୍ୱ



**କେନ୍ଦ୍ରାପଡା, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ରାଇଜିଂ ଓଡିଶା ଟ୍ରଷ୍ଟ ପକ୍ଷରୁ ସାମାଜିକ ଉନ୍ନତିରେ ଶିକ୍ଷାର ଗୁରୁତ୍ୱ ସଂପର୍କରେ ଆଲୋଚନା କରା ଯାଇଥିଲା । ନିୟୁଜେନ୍ ସ୍କୁଲ ପରିସର ରେ ମହମ୍ମଦ ଜକରିଆଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମୌଲାନା ଆବୁ ହୋରେରା ମୋଦିନି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହମ୍ମଦ ଅଶାଦୁଲ୍ଲା, ଲୋହିତ ମହାନ୍ତି, ହରେକୃଷ୍ଣ ମଲିକ, ସାକିବ ଅନସାରୀ, ଆଶିଫ୍ ଇକବାଲ, ସେକ ଅସଲମ, ହାକିମ ଖାନ ପ୍ରମୁଖ ଯୋଗ ଦେଇ ସାମାଜିକ ଉନ୍ନତିରେ ଶିକ୍ଷାର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଶିକ୍ଷା ଅଧିକାର ଆଇନ ଅନୁଯାଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଙ୍କୁ ଶିକ୍ଷା ସହିତ ଯୋଡିବା ସହିତ ତାଙ୍କର ଭବିଷ୍ୟତ ଶିକ୍ଷା ଦ୍ୱାରା ଉଜ୍ଜ୍ୱଳ ହୋଇଥାଏ ବୋଲି ଆଲୋଚନା କରିଥିଲେ । ସଭା ଶେଷରେ ଟ୍ରଷ୍ଟର ଅଧକ୍ଷ ସୁମାମା ସିଦିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡିର ପଞ୍ଚାୟତସ୍ତରୀୟ ଜନସମ୍ପର୍କ ପଦଯାତ୍ରା




**ସାଲେପୁର, ୧୧।୧୦(ସଂଚାର ବ୍ୟୁରୋ):** ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ଆଜି ନଈଗୁଆଁ ଓ ଶିଶୁଆ ପଂଚାୟତ ରେ ଜନ ସମ୍ପର୍କ ପଦ ଯାତ୍ରା ଅନୁଷ୍ଠିତ ହୋଇଯାଇଛି, ଏହି ପଦଯାତ୍ରାରେ ସାଲେପୁରର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ପୁରଧା ଭାବେ ଯୋଗ ଦେଇଥିଲେ, ପ୍ରଥମେ ଶିଶୁଆ ପଂଚାୟତର ଶିଶୁଆ, କଲ୍ୟାଣପୁର, ପୁରୁଷୋତ୍ତମପୁର ପ୍ରଭୃତି ଗ୍ରାମ ପଦଯାତ୍ରା କରି ଲୋକ ମାନଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ, ପରେ ନଈଗୁଆଁ ଗ୍ରାମ ପଂଚାୟତ ର ନଈଗୁଆଁ, ବଲ୍ଲଭପୁର, ବାଲିଆ, କରିମାବାଦ ପ୍ରଭୃତି ଗ୍ରାମ ପଦଯାତ୍ରା କରି ଜନସାଧାରଣ ଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ତାର ପ୍ରତିକାର ଦିଗରେ ଜନତା ଓ ପ୍ରଶାସନ ସହିତ କଥା ହୋଇ ସମାଧାନ ଦିଗରେ ବିଧାୟକ ପ୍ରତିଶୃତି ଦେଇଥିଲେ।

## ଚାଷୀଙ୍କ ଦୁଃଖ ଶୁଣିଲେ ସମବାୟ ସମିତି ସହନିବନ୍ଧକ

**ବିରଜା ପ୍ରସାଦ ଦାସଙ୍କୁ ସମ୍ପାଦକ ଦାୟିତ୍ୱ**

**ଆଳି, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଆଳି କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ଚାଷୀ ମାନଙ୍କ ପାଇଁ ଥିବା ସମବାୟ ସମିତି ମଧ୍ୟରୁ ନୂତନ ଭାବେ ଗଢି ଉଠିଥିବା ଜୁଆଣିଆ ଓ ପେତପଡା ସମବାୟ ସମିତି ଅନ୍ୟତମ। ଦୀର୍ଘଦିନର ବାଦ ବିବାଦ ପରେ ଜୁଆଣିଆ ଓ ପେତପଡା ସମବାୟ ସମିତିର ସମ୍ପାଦକ ଭାବେ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସ ଦାୟିତ୍ୱ ନେଇଛନ୍ତି ।



ଉଲ୍ଲେଖଯୋଗ୍ୟ ଦୀର୍ଘଦିନ ଧରି ଏହି ସମବାୟ ସମିତିରେ କାହାକୁ ଦାୟିତ୍ୱ ଦିଆନଯିବା ଫଳରେ ଚାଷୀମାନେ ସରକାରୀ ଯୋଜନାରେ ଚାଷ ପାଇଁ ଋଣ, ସାର, ବିହନ, ଫସଲବୀମା ଆଦି ପାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶେଷରେ ସେମାନେ ବାଧ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦେଶ କ୍ରମେ ତାଙ୍କ ସ୍ଥାନରେ ଅନ୍ୟ ସମ୍ପାଦକଙ୍କୁ ସମବାୟ ସମିତି ଦୁଇଟିର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ ସମ୍ପାଦକ ନିଯୁକ୍ତି ହୋଇପାରିନଥିଲା। ପୁନଃ ଏ ସମ୍ପର୍କରେ ଚାଷୀ ମାନେ ଏଆରସିଏସ, ଡିଆରସିଏସ ଓ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ସମାଧାନ ର ବାଟ ଫିଟିଥିଲା। ଆଜି କେନ୍ଦ୍ରାପଡ଼ା ସମବାୟ ସହନିବନ୍ଧକ ଉଭୟ ପେତପଡା ଓ ଜୁଆଣିଆ ସମବାୟ ସମିତିର ସମ୍ପାଦକ ଭାବେ ଗୋବିନ୍ଦପୁର ସମବାୟ ସମିତିର ସମ୍ପାଦକ ବିରଜା ପ୍ରସାଦ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।

## କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

**ରାଜନଗର, ୧୧।୧୦(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ସରକାରୀ ଶୈଳେନ୍ଦ୍ରନାରାୟଣ ଉ.ପ୍ରା. ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏହି କ୍ଲଷ୍ଟରର ୧୫ଟି ବିଦ୍ୟାଳୟ ସହ ୨ଟି ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୁଶାନ୍ତକୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସରଂପଚ ସଂଘର ସଭାପତି ଅଶୋକକୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡଃ ଘନଶ୍ୟାମ ମିଶ୍ର, ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟା ସୁମିତ୍ରା ସେଠୀ, ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାକୁ ସୁରଭି ମାଧମରେ ଲୋକଲୋଚନକୁ ଆସି ପାରିବ ବୋଲି ମତବ୍ୟକ୍ତ କରିଥିଲେ ।



## ନାହାଙ୍ଗ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ମାହାଙ୍ଗା, ୧୧।୧୦(ସଂଚାର ବ୍ୟୁରୋ):** ମାହାଙ୍ଗା ଶିକ୍ଷା ମଣ୍ଡଳ ଅଧିନସ୍ଥ ନାହାଙ୍ଗ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୋଡରା ପଞ୍ଚାୟତ ସ୍ଥିତ କାହ୍ନୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏବିଇଓ ନାରାୟଣ ରାଉତ, ଅତିଥି ଭାବେ ପ୍ରଫୁଲ୍ଲ କୁମାର ସାହୁ, ରମାକାନ୍ତ ଦାସ, ରଘୁନାଥ ମହାନ୍ତି, ସୂର୍ଯ୍ୟକାନ୍ତ ପଣ୍ଡା ଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ହରପ୍ରିୟା ମହତାବ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ବିକାଶ ପାଇଁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି, ୧୧।୧୦(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଅଧିନରେ ଥିବା ବନ୍ଧକାଟିଆ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଜବୁଲି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଅକ୍ଷୟ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଶିକ୍ଷାବିତ୍ ଉତ୍ସବଚନ୍ଦ୍ର ବାରିକ, ଅତିଥି ଭାବେ ଶରତ ଚନ୍ଦ୍ର ଷଡଙ୍ଗୀ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କ ଅର୍ନ୍ତନିହିତ ବିକାଶ ପାଇଁ ପାଠପଢ଼ା ସହିତ ଖେଳ, କୁଦ, ନାଚ, ସଙ୍ଗୀତ ଆଦି ନିତ୍ୟାନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ୮ଟି ବିଦ୍ୟାଳୟର ୮୭୫ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ। ସେହିପରି ଭାବେ ଖଣ୍ଡାୟତ ପଟକିରା କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଖଣ୍ଡାୟତ ପଟକିରା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ୯ଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ନଳିନୀକାନ୍ତ ମହାବିଦ୍ୟାଳୟ ଅଧକ୍ଷଙ୍କ ପରଲୋକ

**ରାଜନଗର, ୧୧।୧୦(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ତ୍ରିପାଠୀଙ୍କର ଆଜି ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ



୫୯ ବର୍ଷ ହୋଇଥିଲା। ଆଜି ସକାଳ ସାଢେ ୫ଟା ବେଳେ ନିଜ ବାଡିରୁ ଠାକୁର ପୂଜା ପାଇଁ ଫୁଲ ତୋଳୁଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ଘରେ ପହଞ୍ଚିବା କ୍ଷଣି ହୃଦଘାତର ଶିକାର ହୋଇଥିଲେ। ଘର ଭିତରେ ପଡିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଅକସ୍ମାତ ବିୟୋଗ ସମଗ୍ର ରାଜନଗରରେ ଶୋକର ଛାୟା ଖେଳାଇ ଦେଇଛି।

## ‘ମଧୁଧାରା’ର ଶାରଦୀୟ ପୂଜା ବିଶେଷାଙ୍କ ଲୋକାର୍ପିତ

**କେନ୍ଦ୍ରାପଡ଼ା, ୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ମୁଖପତ୍ର ସାହିତ୍ୟ ପତ୍ରିକା ‘ମଧୁଧାରା’ର ଶାରଦୀୟ ପୂଜା ବିଶେଷାଙ୍କ ଗୋପଛକସ୍ଥିତ କମଳ ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ମଧୁଧାରାର ସଂପାଦକ ସରୋଜ କୁମାର ମହାନ୍ତିଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବିଶିଷ୍ଟ କଥାକାର ରାମଚନ୍ଦ୍ର ବେହେରା ଓ ପ୍ରଫେସର ନନ୍ଦକିଶୋର ପରିଡା ଅତିଥି ରୂପେ ଯୋଗଦେଇଥିଲେ। ‘ମଧୁଧାରା’ର ଉନ୍ମୋଚନ କରି ପ୍ରଫେସର ନନ୍ଦକିଶୋର ପରିଡା ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ବିକାଶ କ୍ଷେତ୍ରରେ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ରତା



ସମ୍ପର୍କରେ ଆଲୋକପାତ କରିବା ସହିତ ଉନ୍ମୋଚିତ ପତ୍ରିକାର ବିଶେଷତ୍ୱ ସମ୍ପର୍କରେ ଅବତାରଣା କରିଥିଲେ। କଥାକାର ରାମଚନ୍ଦ୍ର ବେହେରା ଆମ ସାହିତ୍ୟର ଅଭିବୃଦ୍ଧିରେ ପତ୍ରପତ୍ରିକା ଭୂମିକା ସଂପର୍କରେ ସାରଗର୍ଭକ ଅଭିମତ ରଖିଥିଲେ।

ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ଦୋଷୀଙ୍କୁ ଗିରଫ ସହ ତ୍ୱରିତ ଦଣ୍ଡବିଧାନ ହେଉ: ବିଜେପି

ଭୁବନେଶ୍ୱର.୧୧।୧୦(ସଂଚାର ବ୍ୟୁରୋ): ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଦିନ ଦ୍ୱିପହରରେ ବିଧାୟକ, ସାଂସଦଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଉଛି। ଗତକାଲି ଓଡିଆ ଝିଅ ତଥା ଦୁର୍ଗାପୁରସ୍ଥିତ ମେଡିକାଲ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ, ଏବଂ ଏହାକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ପଡ଼ିଯିବ। ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କୁ ଯଥାଶୀଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଦାବୀ କରିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଦୁଷ୍କର୍ମକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ପଶ୍ଚିମବଙ୍ଗ ସରକାର ଗିରଫ କରିନାହାନ୍ତି। ଏପରିକି ସ୍ଥାନୀୟ ପୋଲିସ ସହଯୋଗ ମଧ୍ୟ କରୁନାହିଁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇଥିବା




ବେଳେ ତାଙ୍କର ସମ୍ବେଦନଶୀଳତା ଦେଖାଯାଉନାହିଁ। ଏହି ଘଟଣାକୁ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ ନିନ୍ଦା କରିବା ସହିତ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହିତ ପିଡୀତାଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ସୁରକ୍ଷା ଦେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି। ଏଥି ସହ ଓଡ଼ିଶା ସରକାରଙ୍କ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ଯାଇ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରି ପିଡ଼ିତା ଏବଂ ତାଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ କରାନଗଲେ ପଶ୍ଚିମବଙ୍ଗ ରାଜ୍ୟ ବିଜେପି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ଉପସ୍ଥିତ ଥିଲେ।

# ବିଜେପିରେ ଜୟ; ଜୟନାରାୟଣ-ପ୍ରତାପ ବାକ୍‌ଯୁଦ୍ଧ

- ବିଜେପି ଘୋଡ଼ା ବେପାରରେ ଜୟ ସାମିଲ ହୋଇଗଲେ: ପ୍ରତାପ ଜେନା
- ଓଡ଼ିଶାରେ ଆଉ ଘୋଡ଼ା ନାହିଁ, ବେପାର କରିବୁ କେମିତି- ଜୟ ନାରାୟଣ





ଭୁବନେଶ୍ୱର, ୧୧।୧୦ (ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିର ଉଷ୍ଣତା ବୃଦ୍ଧି ପାଇଛି। ମୋହନ ମାଝୀଙ୍କ ନେତୃତ୍ୱରେ ଦେଢ଼ବର୍ଷ ଶାସନ ପରେ ପ୍ରଥମଥର ପାଇଁ ଭାଜପା ନୂଆପଡ଼ା ଉପନିର୍ବାଚନ ଲଢ଼ିବ। ବିଜେଡ଼ି ମୁଖିଆ ଦିଲ୍ଲୀରେ ରହିବା ଭିତରେ ଜୟ ଢ଼ୋଲକିଆଙ୍କୁ ହାତେଇ ନେଲା ବିଜେପି। ଏବେ ବିଜେଡି ନୂଆପଡ଼ା ଉପନିର୍ବାଚନ ଲାଗି କାହାକୁ ପ୍ରାର୍ଥୀ କରିବ ସେ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ଏଭଳି ରୋଚକ ସ୍ଥିତିରେ ଜୟଙ୍କୁ ନେଇ ବିଜେଡ଼ି ଓ ବିଜେପି ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି। ତେବେ ଜୟ ଢୋଲକିଆଙ୍କ ପଛରେ ତାଙ୍କ ପିତାଙ୍କ ମୃତ୍ୟୁର ସହାନୁଭୂତି ରହିଛି। ଯଦିଓ ଗତ ନିର୍ବାଚନରେ ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଭାଜପା ପ୍ରାର୍ଥୀ କରିଥିଲା ତେବେ ଏଥର ଉପନିର୍ବାଚନରେ ଦଳର ସମୀକରଣ ବଦଳିଥିବା କୁହାଯାଉଛି। ଏହାକୁ ନେଇ ବିଜେପି ଓ ବିଜେଡ଼ି ମଧ୍ୟରେ ତୁ ତୁ ମେ ମେ ଆରମ୍ଭ ହୋଇଗଲାଣି। ବିଜେପିରେ ଜୟ ଢୋଲକିଆ ମିଶିବା ନେଇ ବିଜେଡି ତୀବ୍ର ବିରୋଧ କରି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ହୋଇଛି। ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା କହିଛନ୍ତି, ଜୟ କହିଥିଲେ ନବୀନ ମୋ ନେତା। ହେଲେ ବିଜେପିରେ ମିଶିଲେ। ଏହାର କୌଣସି ପ୍ରଭାବ ନିର୍ବାଚନରେ ପଡ଼ିବ ନାହିଁ। ଜୟଙ୍କ ମୁଖା ଖୋଲିଗଲା। ବିଜେପି ଦଳର ଘୋଡ଼ା ବେପାରରେ ସେ ସାମିଲ ହୋଇଗଲେ। ରାଜେନ୍ଦ୍ର ଢୋଲକିଆଙ୍କୁ ନବୀନ ପଟ୍ଟନାୟକ କ୍ୟାବିନେଟ୍ ମନ୍ତ୍ରୀ କରିଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ଆତ୍ମା କେବେ ଜୟଙ୍କୁ କ୍ଷମା ଦେବନି। ମୁଖ୍ୟମନ୍ତ୍ରୀ କିଛି ଦିନ ପୂର୍ବରୁ ଶିଳାନ୍ୟାସ କରିଥିବା ପ୍ରକଳ୍ପକୁ ନବୀନ ଉଦ୍‌ଘାଟନ କରିଥିଲେ। ବିଜେପିରେ ଜୟଙ୍କର ଏ ମିଶ୍ରଣ ଲୋକଙ୍କ ଦ୍ୱାରା ନାପସନ୍ଦ ହୋଇଛି। ଜୟ ପ୍ରକୃତରେ ଯଦି ରାଜେନ୍ଦ୍ରଙ୍କ ନିଜ ପୁଅ ହୋଇ ଥାଆନ୍ତେ ସେ ବିଜେପିରେ ମିଶି ନଥାନ୍ତେ। ଜୟ ଢୋଲକିଆ ପୋଷ୍ୟ ପୁଅ ଯୋଗୁ ବିଜେପିକୁ ଗଲେ। ବିଜେପି ଦଳର ଘୋଡ଼ା ବେପାରରେ ସେ ସାମିଲ ହୋଇଗଲେ। ରାଜେନ୍ଦ୍ର ଢୋଲକିଆଙ୍କ ରକ୍ତ ଜୟ ଢୋଲକିଆଙ୍କ ଦେହରେ ନାହିଁ ବୋଲି ପ୍ରତାପ ଜେନା କହିଛନ୍ତି।

ପ୍ରତାପଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ବରିଷ୍ଠ ବିଜେପି ନେତା ଜୟ ନାରାୟଣ ମିଶ୍ର। ସେ କହିଛନ୍ତି, ଓଡ଼ିଶାରେ ଆଉ ଘୋଡ଼ା ନାହିଁ। ତେଣୁ ଆମେ ଘୋଡ଼ା ବେପାର କରିବୁ କେମିତି ବୋଲି ବିଜେଡ଼ିକୁ କଟାକ୍ଷ କରିଛନ୍ତି। ଆମ ପାଖରେ ପ୍ରାର୍ଥୀ ନାହିଁ ବୋଲି ସେମାନେ କହିଛନ୍ତି କିନ୍ତୁ ତାଙ୍କ ପାଖରେ ପ୍ରାର୍ଥୀ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି।

## ପୁଣି ଆଇସିୟୁରେ ଭର୍ତ୍ତିହେଲେ ଅଭିଜିତ



ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ): ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପୁଣି ସଙ୍କଟାପନ୍ନ ହୋଇଛି। ପୁଣିଥରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି ଅଭିଜିତ। ଗତ ୨୪ ଘଣ୍ଟାରେ ତାଙ୍କର ସ୍ଥିତି ଅଧିକ ଖରାପ ହୋଇଥିବା ସୂଚନା ଦେଇଛି ଭୁବନେଶ୍ୱର ଏମ୍ସ। ଡାକ୍ତର ସ୍ନାୟୁ ଜନିତ ସମସ୍ୟାରେ କୌଣସି ସୁଧାର ହୋଇନାହିଁ। ସେ ନିରନ୍ତର ଅଚେତ ଅବସ୍ଥାରେ ଅଛନ୍ତି ବୋଲି ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ ଜଣାଇଛନ୍ତି। ଯାହାରେ ଜଣାପଡ଼ିଛି ଯେ, ସେ ଅସମୋଟିକ୍ ଡେମିଲେସନ ସିଣ୍ଡ୍ରୋମ ନାମକ ଏକ ସ୍ନାୟୁ ଜନିତ ରୋଗରେ ପୀଡ଼ିତ। ନିମୋନିଆ ସହିତ ତାଙ୍କର ଫୁସଫୁସରେ ସଂକ୍ରମଣ ହୋଇଛି। ରକ୍ତରେ ଜୀବାଣୁ ସଂକ୍ରମଣ ଓ ପୁରୁଣା ଯକୃତ୍ ରୋଗ ସମସ୍ୟା ଏବଂ ଭିଟାମାଟି 'ଡି' ଓ ଫଲିକ ଏସିଡ ଭଳି ପୋଷକ ତତ୍ତ୍ୱର ଅଭାବ ରହିଛି। ଗତ ୨୫ ସେପ୍ଟେମ୍ବରରେ ତାଙ୍କୁ ମେଡିକାଲ ଆଇସିୟୁରୁ ମେଡିସିନ ୱାର୍ଡକୁ ଅଣାଯାଇଥିଲା। କିନ୍ତୁ ଶନିବାର ସ୍ୱାସ୍ଥ୍ୟ ବିଗିଡ଼ିବାରୁ ପୁଣିଥରେ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଜିତଙ୍କ ଫ୍ୟାନମାନେ ଚିନ୍ତା ପ୍ରକଟ କରିବା ସହ ତାଙ୍କ ଆଶୁ ଆରୋଗ୍ୟ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

## ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର, ୧୧।୧୦(ସଂଚାର ବ୍ୟୁରୋ): ରାଜ୍ୟସ୍ତରୀୟ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଏହି ଦୁଇ ମହାନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇ ଓଡିଶା ବିଧାନସଭା ପାର୍ଶ୍ୱ ଫାଟକ-୧ ସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଏତଦବ୍ୟତୀତ ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଛକସ୍ଥିତ ଶହୀଦ ବାଜି ରାଉତ ଓ ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ଲୋକନାୟକ ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ, ସୂଚନା ଅଧିକାରୀ ପ୍ରମୋଦିନୀ ଟେଟେ, ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଯୋଗଦେଇଥିଲେ।

## ଔପନ୍ୟାସିକା ବସନ୍ତ କୁମାରୀ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହ




ଭୁବନେଶ୍ୱର,୧୧।୧୦ (ସଂଚାର ବ୍ୟୁରୋ) : ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ଔପନ୍ୟାସିକା ବସନ୍ତ କୁମାରୀ ପଟ୍ଟନାୟକଙ୍କ ଜନ୍ମଶତବାର୍ଷିକୀ ସମାରୋହ ଓ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ସାହିତ୍ୟିକା ଶ୍ରୀମତୀ ବନଜ ଦେବୀ ଉଦ୍‌ଘାଟକ ଭାବେ ଯୋଗଦେଇ ବସନ୍ତ କୁମାରୀଙ୍କ କଥା ସାହିତ୍ୟର କଳାତ୍ମକ ପରିପ୍ରକାଶ ଓ ସାମାଜିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ନାରୀ ଜୀବନର କଠୋର ସତ୍ୟତା ଓ ବାସ୍ତବତାର ଚିତ୍ରକୁ ଜୀବନ୍ତଭାବେ ବସନ୍ତକୁମାରୀ ତାଙ୍କ ରଚନାରେ ପ୍ରତିଫଳିତ କରିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ କଥାଶିଳ୍ପୀ ଡ. ସରୋଜିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବସନ୍ତକୁମାରୀଙ୍କ କଥା ସାହିତ୍ୟ ସମୂହରେ ନାରୀ ଜୀବନର ଚିତ୍ର ଓ ସାହିତ୍ୟିକ ତତ୍ତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ବିଶିଷ୍ଟ ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀର ବାସ୍ତବ ଚରିତ୍ରକୁ ଚିତ୍ରଣ କରିବାରେ ଜଣେ ସଫଳ କଥାଶିଳ୍ପୀ ଭାବେ ବସନ୍ତକୁମାରୀଙ୍କ ସାହିତ୍ୟିକ ପ୍ରତିଭାକୁ ବିଶ୍ଳେଷଣ କରିଥିଲେ । ବିଶିଷ୍ଟ ସାହିତ୍ୟିକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀଯୁକ୍ତ ଦେବପ୍ରସାଦ ଦାଶ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବସନ୍ତ କୁମାରୀଙ୍କୁ ଜଣେ ଅନନ୍ୟା ସାହିତ୍ୟିକା ଭାବେ ଅଭିହିତ କରିଥିଲେ। ଏହି ଅବସରରେ "ଓଡ଼ିଆ କଥା ସାହିତ୍ୟ କ୍ଷେତ୍ରରେ ବସନ୍ତ କୁମାରୀ ପଟ୍ଟନାୟକଙ୍କ ଭୂମିକା" ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ବିଷ୍ଣୁପ୍ରିୟା ଓତା, ଡ. କବିତା ବାରିକ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ପ୍ରଫେସର ଚକ୍ରଧର ବେହେରା, ଡ. ମମତା ବାରିକ, ଡ. ମମତାରାଣୀ ବେହେରା ଓ ଡ. ଶର୍ମିଷ୍ଠା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଓଡ଼ିଆ ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଚିବ ସଂଜୟ କୁମାର ଛୁଆଲସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ନବୀନଙ୍କୁ ଭେଟିଲେ ବିଭିନ୍ନ ବ୍ଲକ ଚେୟାରମ୍ୟାନ

ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ଅଧିକାରର ସୁରକ୍ଷା ଲାଗି ରଣହୁଙ୍କାର



ଭୁବନେଶ୍ୱର, ୧୧।୧୦(ସଂଚାର ବ୍ୟୁରୋ): ରାଜ୍ୟର ପ୍ରାୟ ପଚାଶରୁ ଅଧିକ ପଞ୍ଚାୟତ ସମିତି ଚେୟାରମ୍ୟାନ ଆଜି ନବୀନ ନିବାସ ଠାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ପ୍ରଶାସନିକ ଓ ଆର୍ଥିକ କ୍ଷମତା ସଂକୋଚନ ପାଇଁ ରାଜ୍ୟ ସରକାରଙ୍କ ଅଗଣତାନ୍ତ୍ରିକ ନିଷ୍ପତ୍ତି ବିରୁଦ୍ଧରେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଏହି ଅଗଣତାନ୍ତ୍ରିକ ନିଷ୍ପତ୍ତିକୁ ନିନ୍ଦା କରିଥିଲେ ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ବିଜେଡିର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ। ବର୍ତ୍ତମାନ ଏ ବିଷୟ ହାଇକୋର୍ଟଙ୍କ ବିଚାରାଧୀନ ରହିଛି। ଆବଶ୍ୟକ ପଡିଲେ ବିଜେଡି ଏଥିପାଇଁ ସୁପ୍ରିମକୋର୍ଟ ଯିବ ବୋଲି ଶ୍ରୀ ପଟ୍ଟନାୟକ ପ୍ରତିନିଧି ଦଳଙ୍କୁ କହିଥିଲେ। ଏହି ଆଲୋଚନା ସମୟରେ ପଞ୍ଚାୟତ ସମିତି ଚେୟାରମ୍ୟାନ ମାନଙ୍କ ସହିତ ବିଧାୟକ ସାରଦା ଜେନା, ନବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ଉମା ସାମନ୍ତରାୟ, ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲ ତଳ ନୟନଯୋରୀରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ଭଦ୍ରକ,୧୧।୧୦(ସଂଚାର ବ୍ୟୁରୋ): ଆଜି ଭଦ୍ରକ ବାଇପାସ୍ ଛପୁଲିଆ ପୋଲ ତଳ ନୟନଯୋରୀରେ ଏକ ନବଜାତ ଶିଶୁର ଗଳିତ ମୃତଦେହ ଦୁର୍ଗନ୍ଧ ହେଉଥିବାରୁ ଲୋକମାନଙ୍କ ନଜରକୁ ଆସିଥିଲା। ଛପୁଲିଆ ପୋଲ ତଳ ଏହି ନୟନଯୋରୀରେ ଚଳିତବର୍ଷ ଦୁର୍ଗାଙ୍କ ମେଢ ବିସର୍ଜନ ହୋଇଥିବାରୁ ପିଲାଟିକୁ କେହି ଦେଖିପାରିନଥିଲେ। ପାଣିରେ ଭାସୁଥିବା ଦୁର୍ଗା ମେଢଙ୍କ ଛାଞ୍ଚ ମଧ୍ୟରେ ହୁଏତ ପିଲାଟି ଲୁଚିଯାଇଥିଲା। ପରବର୍ତ୍ତୀ ସମୟରେ ଏହା ପଚି ଦୁର୍ଗନ୍ଧ ହେବାରୁ ଲୋକଙ୍କ ନଜରକୁ ଆସିଥିଲା। ତେବେ ଏହି ଶିଶୁଟି କାହାର ପାପ ଗର୍ଭରୁ ଜନ୍ମିତ କି ଶିଶୁଟି କନ୍ୟା ହୋଇଥିବାରୁ ତାକୁ ମା' ଗର୍ଭରୁ ଜନ୍ମ ନେବା ପରେ ମାରି ଦିଆଯାଇଛି, ସେଥିନେଇ ତଦନ୍ତର ଆବଶ୍ୟକତା ରହିଛି। ସତରେ ଏ ଦୁନିଆଟି ବଡ଼ ନୃଶଂସ। ଏହି ନିଷ୍ପାପ ନବଜାତ ଶିଶୁଟିକୁ ଯେଉଁ ପରିସ୍ଥିତିରେ ପରିବାର ଲୋକେ ଫୋପାଡ଼ି ଦେଇ ଚାଲିଯାଇଛନ୍ତି, ତାହା ନିଶ୍ଚୟ ନିନ୍ଦାର ବିଷୟ। ଏହି ଖବର ପ୍ରଚାରିତ ହେବା ପରେ ବହୁ ଜନସାଧାରଣ ପୋଲ ଉପରେ ଠିଆ ହୋଇ ମୃତ ଶିଶୁଟିକୁ ଦେଖିବା ପାଇଁ ଗହଳି କରିଥିଲେ। ପରବର୍ତ୍ତୀ ସମୟରେ ପୁଲିସ୍ ପହଞ୍ଚି ଲୋକ ଗହଳିକୁ ହଟାଇ ଶିଶୁର ଶବଟିକୁ ପୋଲ ତଳୁ ଉଦ୍ଧାର କରି ଶିଶୁଟି କାହାର ଓ କିଏ ତାକୁ ଫୋପାଡିଛି, ତାହାର ତଦନ୍ତ କରୁଛି।

- ଦେଉଳିଆପାଟଣା ଭାଇ ଭାଇ ଆଶ୍ରମ କେଳେଙ୍କାରୀ

## ନାବାଳିକା ଦୁଷ୍କର୍ମ ମାମଲାରେ ବାବା ଓ ସହଯୋଗୀ ଗିରଫ

ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ) : ରାଜଧାନୀର ଦେଉଳିଆପାଟଣା ଭାଇ ଭାଇ ଆଶ୍ରମ ବାବା ଗିରଫ ହୋଇଛନ୍ତି। ବାବା ଅଜୟ ସାମନ୍ତରାୟଙ୍କୁ ଗିରଫ କରିଛି ପୁଲିସ୍। ଇନଫୋଭାଲି ଦେଉଳିଆ ପାଟଣା ଆଶ୍ରମ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାସ କରି ଏଭଳି କେଳେଙ୍କାରୀର ଖୁଲାସା କରିଛି ପୁଲିସ।ଗୁଳିମାଡ଼ କରିଥିବା ଦୁଇ ଅଭିଯୁକ୍ତ ମୁକ୍ତି ଦାସ ଓ ସୂରଜ୍ ରାଉତଙ୍କୁ ଭଦ୍ରକରୁ ଗିରଫ କରିଛି ପୁଲିସ। ଗୁଳିମାଡ଼ କାରଣ ଖୋଜୁ ଖୋଜୁ



ଆଶ୍ରମ କେଳେଙ୍କାରୀର ବଦଲା ନେବାକୁ ଏଭଳି ଗୁଳିମାଡ଼ ହୋଇଥିବା ଖୁଲାସା ହୋଇଛି। ୨୦୨୨ ମସିହାରେ ଦଶମ ପରୀକ୍ଷାରେ ଭଲ କରିବା ପାଇଁ ଆଶ୍ରମକୁ ଆସିଥିଲେ ଜଣେ ନାବାଳିକା। ଯାହାଙ୍କୁ ସେବେଠୁ ପୂଜା ପାଠ ଆଳରେ ଯୌନ ଶୋଷଣ କରି ଆସୁଥିଲେ ବାବା ଓ ତାଙ୍କ ସହଯୋଗୀ। ଯାହାକୁ ନେଇ ଆଶ୍ରମର କେଳେଙ୍କାରୀ ନେଇ ବଦଲା ନେବାକୁ ପୀଡିତାର ସମ୍ପର୍କୀୟ ଯୋଜନା କରିଥିଲେ। ଗତ ପାଞ୍ଚ ତାରିଖରେ ଆଶ୍ରମରେ ବାବାଙ୍କୁ ଟାର୍ଗେଟ କରି ଆସି ଗୁଳିମାଡ଼ ବେଳେ ଅନ୍ୟ ଜଣଙ୍କ ଦେହରେ ଗୁଳି ବାଜିଥିଲା। ପୁଲିସ ଫାୟାରିଂ କେସର ଗୁମର ଫିଟାଉ ଫିଟାଉ ୪ ବର୍ଷ ତଳର ନାବାଳିକା ଯୌନ ଶୋଷଣର ସୁରାକ ପାଇଥିଲା ପୁଲିସ। ଏନେଇ ଆଶ୍ରମରେ ନାବାଳିକା ଦୁଷ୍କର୍ମ ମାମଲାରେ ବାବା ସହ ସହଯୋଗୀ ଗିରଫ ହୋଇଛନ୍ତି। ଗୁଳିମାଡ଼ କରିଥିବା ଦୁଇ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୪ ଜଣଙ୍କୁ ଗିରଫ କରିଛି ପୁଲିସ।

ଉପକୂଳ ବିକାଶ ପଦକ୍ଷେପ

## ଏମ୍‌ଏସ୍‌ପି କାର୍ଯ୍ୟକାରୀ କରିବାରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ): ନୀଳ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ମେରାଇନ୍ ସ୍ପାଟିଆଲ ପ୍ରୋଗ୍ରାମ (ଏମଏସପି) ଡାଞ୍ଚା କାର୍ଯ୍ୟକାରୀ କରିବାରେ ଦେଶର ନଅଟି ଉପକୂଳବର୍ତ୍ତୀ ରାଜ୍ୟ ମଧ୍ୟରୁ ଓଡ଼ିଶା ପ୍ରଥମ ହେବାକୁ ଯାଉଛି। ୨୦୨୩ ମସିହାରେ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ଏବଂ ଲାକ୍ଷାଦ୍ୱୀପରେ ଏହି ଉପକରଣକୁ ସଫଳତାର ସହିତ ଗ୍ରହଣ କରିଥିଲେ।

ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସଚିବ ଚିତ୍ରା ଆରୁମୁଗମ କହିଛନ୍ତି, ଭାରତ-ନରୱେ ସହଯୋଗୀ ସମୁଦ୍ର ପଦକ୍ଷେପର ଦ୍ୱିତୀୟ ପର୍ଯ୍ୟାୟର ଅଂଶ ଭାବରେ ଏମଏସପି ଗ୍ରହଣ କରିବା ପାଇଁ ଓଡ଼ିଶା ସରକାର ଖୁବ୍ ଶୀଘ୍ର ଭୂବିଜ୍ଞାନ ମନ୍ତ୍ରଣାଳୟ (ଏମଓଇଏସ) ଅଧୀନରେ ଥିବା ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର (ଏନସିସିଆର) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ। ଏମଏସପି ପରିବେଶଗତ, ଆର୍ଥିକ ଏବଂ ସାମାଜିକ ଉଦ୍ଦେଶ୍ୟକୁ ସନ୍ତୁଳିତ କରି ସାମୁଦ୍ରିକ ସମ୍ପଦର ସ୍ଥାୟୀ ବ୍ୟବହାରକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ସାମୁଦ୍ରିକ ପରିସଂସ୍ଥାକୁ ସଂରକ୍ଷଣ କରିବା ସହିତ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା। ଆମର ବିସ୍ତୃତ ଉପକୂଳ ସହିତ, ଆମେ ଆମର ସାମୁଦ୍ରିକ ସମ୍ପଦର ଏକ ପ୍ରମାଣ-ଭିତ୍ତିକ ବୈଜ୍ଞାନିକ ଅଧ୍ୟୟନ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ନିଶ୍ଚିତ କରିବ ଯେ ଶକ୍ତି, ପରିବହନ, ମତ୍ସ୍ୟପାଳନ, ଜଳକୃଷି ଏବଂ ପର୍ଯ୍ୟଟନ କ୍ଷେତ୍ର ଭଳି କ୍ଷେତ୍ରରେ ସମୁଦ୍ରରେ ମାନବ କାର୍ଯ୍ୟକଳାପ ଦକ୍ଷ, ସୁରକ୍ଷିତ ଏବଂ ସ୍ଥାୟୀ ଭାବରେ ପରିଚାଳିତ ହେବ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୧୯ ତାରିଖରେ, ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ



ଏମଏସପିର ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଏଠାରେ ଏନସିସିଆର ଅଧିକାରୀ ଏବଂ ବିଭିନ୍ନ ରାଜ୍ୟ ସରକାରୀ ବିଭାଗ ସହିତ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ।

ଗର୍ଗ ସାମୁଦ୍ରିକ ସମ୍ପଦ ଏବଂ କାର୍ଯ୍ୟକଳାପରେ ଜଡିତ ବିଭାଗଗୁଡ଼ିକ ମଧ୍ୟରେ ସକ୍ରିୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ, ଏମଏସପି କାର୍ଯ୍ୟାନ୍ୱୟନ ତଦାରଖ କରିବା ପାଇଁ ବିକାଶ କମିସନରଙ୍କ ନେତୃତ୍ୱରେ ଏକ ପରିଚାଳନା କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କମିଟିରେ ଅଂଶୀଦାର ବିଭାଗର ମୁଖ୍ୟମାନେ ସାମିଲ ହେବେ ଏବଂ ନିୟମିତ ଭାବରେ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବେ। ପ୍ରତ୍ୟେକ ବିଭାଗ ଏନସିସିଆର ସହିତ ପ୍ରାସଙ୍ଗିକ ଏମଏସପି ସମ୍ବନ୍ଧୀୟ ସୂଚନା ବାଣ୍ଟିବା ପାଇଁ ଦାୟୀ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରିବେ। ସୂଚନାଯୋଗ୍ୟ, ଓଡ଼ିଶାର ୫୭୫ କିଲୋମିଟର ଉପକୂଳ ପ୍ରାୟତଃ ଅବ୍ୟବହୃତ ରହିଛି। ଉପକୂଳରେ ବର୍ତ୍ତମାନର ଆର୍ଥିକ କାର୍ଯ୍ୟକଳାପ ମଧ୍ୟରେ ସାମୁଦ୍ରିକ ବାଣିଜ୍ୟ, ପର୍ଯ୍ୟଟନ ଏବଂ ମାଛ ଧରିବା ଅନ୍ତର୍ଭୁକ୍ତ।

## ଗାନ୍ଧୀ ଦର୍ଶନ ପ୍ରତିଯୋଗିତାର ପୁରସ୍କାର ବିତରଣ




ଭୁବନେଶ୍ୱର, ୧୧।୧୦ (ସଂଚାର ବ୍ୟୁରୋ): ଯୁବପିଢ଼ିଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶର ବାର୍ତ୍ତା ପହଞ୍ଚାଇବାକୁ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଆର୍ଥିକ ସହାୟତାରେ ଓ ବିଜେବି କଲେଜ ପୂର୍ବତନ ଛାତ୍ରଛାତ୍ରୀ ସଂଘ ବିଜେବି ଫ୍ରେଣ୍ଡ୍ସ ଆନୁକୂଲ୍ୟରେ ବିଜେବି କଲେଜରେ 'ୟୁଥ୍ ରିମେମ୍ବରିଂ ଗାନ୍ଧୀ' ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଗାନ୍ଧୀ ପିସ୍ ଫାଉଣ୍ଡେସନର ଓଡ଼ିଶା ମୁଖ୍ୟ ଜଷ୍ଟିସ ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଜେବି କଲେଜର ଅଧ୍ୟକ୍ଷା ପ୍ରଫେସର ଝୁମକୀ ପରଥ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଡେପୁଟି ଗଭର୍ଣ୍ଣର ହାରୁନ୍ ରସିଦ୍ ଖାନ୍ ଓ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଜେନେରାଲ ମ୍ୟାନେଜର ଏଚ୍. କେ.ଦାସ, ଡେପୁଟି ଜେନେରାଲ ମ୍ୟାନେଜର ହରଦିପ୍ ସିଂ ସିନ୍ଧୁ , ରିଜିଓନାଲ୍ ନିରଞ୍ଜନ ବାରିକ ଓ ଗାନ୍ଧୀ ପିସ୍ ଫାଉଣ୍ଡେସନ ଭୁବନେଶ୍ୱର ଭାଗର ଅଧ୍ୟକ୍ଷ ତଥା ବିରୁପାକ୍ଷ ତ୍ରିପାଠୀ ଅତିଥି ରୂପେ ଯୋଗଦେଇ ସେମାନଙ୍କର ମୂଲ୍ୟବାନ ବକ୍ତବ୍ୟ ଦେଇଥିଲେ।

ଏହି ଉତ୍ସବରେ ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ କରାଯାଇଥିବା ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ରଚନା, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ନଗଦ ରାଶି, ମାନପତ୍ର ତଥା ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ବିଜେବି ଫ୍ରେଣ୍ଡ୍ ର ସଭାପତି ଦେବାଶିଷ ପଟ୍ଟନାୟକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଓ ସଂପାଦକ ସତ୍ୟବ୍ରତ ଧୂପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଲିଙ୍ଗରାଜ ମନ୍ଦିରକୁ ବନ୍ଧୁକ ନେବା ଅଭିଯୋଗରେ ଜଣେ ଅଟକ

ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ): ଲିଙ୍ଗରାଜ ମନ୍ଦିର ଭିତରକୁ ବନ୍ଧୁକ ନେଇ ଯାଇଥିବା ଅଭିଯୋଗ ରେ ଜଣଙ୍କୁ ଅଟକ ରଖିଛି ପୋଲିସ। ଶନିବାର ମଧ୍ୟାହ୍ନ ସମୟରେ ଲିଙ୍ଗରାଜ ମନ୍ଦିର ଭିତରୁ ଜଣେ ବନ୍ଧୁକ ଧାରୀଙ୍କୁ କାବୁ କରାଯାଇଥିଲା।

## ପୋଖରିରୁ କୁମ୍ଭୀର ଉଦ୍ଧାର

ମହାକାଳପଡ଼ା,୧୧।୧୦(ସଂଚାର ବ୍ୟୁରୋ) : ଗାଁ ପୋଖରୀରେ କୁମ୍ଭୀର, ଦେଖି ଲୋକେ ଭୟଭୀତ। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଦତ୍ତପୁର ଗାଁରେ ଏକ ପୋଖରୀରୁ ୧୦ ଫୁଟିଆ ବଉଳା କୁମ୍ଭୀର ଉଦ୍ଧାର କରିଛି ବନ ବିଭାଗ। ଗାଁ ପୋଖରୀରେ କୁମ୍ଭୀର ଭାସୁଥିବା ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଟିମ ଗାଁରେ ପହଞ୍ଚି କୁମ୍ଭୀରକୁ କାବୁ କରି ଗଳିଆ ନଦୀରେ ଛାଡି ଦେଇଥିବା ସୂଚନା ମିଳିଛି।

# ନୂଆ ରାସନକାର୍ଡ ପାଇବାକୁ ପ୍ରତିଯୋଗିତା



ଭୁବନେଶ୍ୱର,୧୧।୧୦: ମାଗଣା ଚାଉଳ, ଗହମ ସହିତ ଆୟୁଷ୍ମାନ କାର୍ଡ ଓ ସରକାରୀ ଘରଟିଏ ପାଇବାକୁ ଲୋକଙ୍କ ମଧ୍ୟରେ ଚାଲିଛି ପ୍ରତିଯୋଗିତା। ଏଥିପାଇଁ ଗାଁ ଠାରୁ ସହର ପର୍ଯ୍ୟନ୍ତ ଅଧିକରୁ ଅଧିକ ସଂଖ୍ୟାରେ ଲୋକେ ରାସନକାର୍ଡ ପାଇଁ ଆବେଦନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଗରିବ ଲୋକଙ୍କୁ ମାଗଣାରେ ଚାଉଳ ଓ ଗହମ ଯୋଗାଇ ଦିଆଯାଉଛି। ଏହାକୁ ପାଇବା ପାଇଁ ରାଜ୍ୟରେ ଏବେ ଏକପ୍ରକାର ପ୍ରତିଯୋଗିତା ଚାଲିଛି। ବିଜେପି ସରକାର ଗଠନ ପରଠାରୁ ଅର୍ଥାତ୍ ୨୦୨୪ ଜୁନ୍ ମାସରୁ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷରୁ ଅଧିକ ପରିବାର ପାଇଁ ନୂତନ ରାସନକାର୍ଡ ଜାରି ହୋଇ ସାରିଲାଣି। ଏଥିରେ ପାଖପାଖି ୪ଲକ୍ଷ ଲୋକ ରହିଛନ୍ତି। ଆହୁରି ଅନେକ ବ୍ୟକ୍ତି ଏଥିପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି।

ନୂତନ କାର୍ଡ ଜାରି ହୋଇଥିବା ତାଲିକାରେ ସବୁଠାରୁ ଆଗରେ ରହିଛି ଗଞ୍ଜାମ ଜିଲ୍ଲା। ଏହି ଜିଲ୍ଲାରେ ୨୭ହଜାରରୁ ଅଧିକ ନୂଆ ରାସନକାର୍ଡ ଜାରି ହୋଇଥିବା ବେଳେ ବଲାଙ୍ଗିରରେ ୧୫ ହଜାରରୁ ଅଧିକ, ଯାଜପୁରରେ ୧୨ହଜାର, ବାଲେଶ୍ୱରରେ ୧୧ହଜାର ଓ ଖୋର୍ଦ୍ଧା ଜିଲ୍ଲାରେ ୧୦ହଜାରରୁ ଅଧିକ ନୂଆ କାର୍ଡ ଦିଆଯାଇଛି। ସୁନ୍ଦରଗଡ ଜିଲ୍ଲାରେ ଏହା ୯ ହଜାରରୁ ଅଧିକ ରହିଛି। ଲକ୍ଷ୍ୟ କରାଯାଉଛି ଯେ, ମାଗଣା ଚାଉଳ ପାଇବା ସହିତ କିଛି ପରିବାର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ପାଇବାପାଇଁ ରାସନକାର୍ଡ ଲାଗି ଆବେଦନ କରୁଛନ୍ତି। କାରଣ ଯାହାର ରାସନାର୍ଡଟିଏ ନାହିଁ ତାକୁ ଆୟୁଷ୍ମାନ କାର୍ଡ ମିଳୁନାହିଁ। ଯଦି ପରିବାରର କୌଣସି ସଦସ୍ୟଙ୍କ ବୟସ ୭୦ବର୍ଷ କିମ୍ବା ତଦୁର୍ଦ୍ଧ ରହିଛି ତେବେ ସିଏ ବିନା ରାସନକାର୍ଡରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ପାଇପାରୁଛନ୍ତି। ଏହି କାର୍ଡରେ ପୁରୁଷଙ୍କ ପାଇଁ ୫ଲକ୍ଷ ଓ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ସୁବିଧା ଥିବାରୁ ଏଥିପାଇଁ ରାସନ କାର୍ଡଟିଏ ହାତେଇବାକୁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଛି। ସରକାରୀ ଘରଟିଏ ପାଇବାକୁ ହେଲେ ରାସନକାର୍ଡ ଜରୁରୀ। ଅବସ୍ଥା ଏଭଳି ହୋଇଛି ଯେ, ଜାଲିଆତି କରି ବି ଲୋକେ ରାସନକାର୍ଡ ହାତେଇ ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୦ ହଜାରରୁ ଅଧିକ ଅଯୋଗ୍ୟ ରାସନକାର୍ଡଧାରୀ ଚିହ୍ନଟ ହୋଇଛନ୍ତି, ଯେଉଁମାନଙ୍କର ପରିବାର ସଦସ୍ୟ ସଂଖ୍ୟା ଏକ ଲକ୍ଷରୁ ଅଧିକ। ସେହିଭଳି ମୃତ୍ୟୁ ପରେ ମଧ୍ୟ ୬ ଲକ୍ଷରୁ ଅଧିକ ବ୍ୟକ୍ତିଙ୍କ ନାମ ରାସନକାର୍ଡରେ ଥିବା ଜଣାପଡିବା ପରେ ସେମାନଙ୍କ ନାମ ବାଦ୍ ଦିଆଯାଇଛି।

ସରକାରୀ ଘରଟିଏ ହେଉ କିମ୍ବା ଆୟୁଷ୍ମାନ ଭାରତ କାର୍ଡ ପାଇଁ ହେଉ, ଯେଉଁମାନେ ଏଥିପାଇଁ ରାସନକାର୍ଡ ଆବେଦନ କରି ପାଉଛନ୍ତି, ପରବର୍ତ୍ତୀ ସେମାନେ ନିଜ ନିଜର ମାଗଣା ଚାଉଳ ଓ ଗହମକୁ ଖୋଲା ବଜାରରେ ବିକ୍ରି କରୁଛନ୍ତି। ଏଥିଯୋଗୁଁ ଶହ ଶହ କୋଟି ଟଙ୍କାର ସବସିଡ୍ ଜରିଆରେ ସରକାର ଗରିବଙ୍କ ପାଇଁ ଯେଉଁ ମାଗଣା ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି ତାହା ସିଧାସଳଖ ଖୋଲା ବଜାରକୁ ଚାଲିଯାଉଛି। ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ନଆସିଲେ ଏଭଳି ସମୟ ଆସି ରାଜ୍ୟର ୯୦ ପ୍ରତିଶତରୁ ଅଧିକ ଲୋକ ରାସନକାର୍ଡ ପାଇଁ ଆବେଦନ କରିବେ ଏବଂ ଏହାକୁ ପାଇବାପାଇଁ ସରକାରଙ୍କ ଉପରେ ବିଭିନ୍ନ ସ୍ତରରୁ ଚାପ ପ୍ରୟୋଗ କରିବାକୁ ବାଧ୍ୟ ହେବେ। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୧୧ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Sunday 12 October 2025, Bhubaneswar

# ଆସକ୍ତିର ଶିକାର ହେଉଛନ୍ତି ଯୁବପିଢ଼ି

ଆଧୁନିକ ଯୁଗରେ ଯୁବକମାନେ ବିଭିନ୍ନ ଆସକ୍ତିର ଶିକାର ହୋଇପଡୁଛନ୍ତି। ଏହା ଏକ ଗମ୍ଭୀର ସମସ୍ୟା ଯାହା ସମାଜକୁ ପ୍ରଭାବିତ କରୁଛି। ଯୁବକମାନେ କିପରି ଏହି ଆସକ୍ତିର ଶିକାର ହୁଅନ୍ତି, ତାହା ଉପରେ ଆଲୋଚନା କରିବା ଜରୁରୀ। ପ୍ରଥମେ ଆସନ୍ତୁ ଜାଣିବା କେଉଁ ଆସକ୍ତିଗୁଡ଼ିକ ଯୁବକମାନଙ୍କୁ ଆକର୍ଷିତ କରୁଛି। ସାମାଜିକ ଗଣମାଧ୍ୟମ, ମାଦକ ଦ୍ରବ୍ୟ, ଅନଲାଇନ୍ ଗେମିଂ ଏବଂ ଅନ୍ୟାନ୍ୟ ଆଧୁନିକ ସୁବିଧାଗୁଡ଼ିକ ଏହି ସମସ୍ୟାର ମୂଳ କାରଣ।



ଯୁବକମାନେ ସାମାଜିକ ଗଣମାଧ୍ୟମର ଶିକାର ହେବାର ପ୍ରଧାନ କାରଣ ହେଉଛି ଏହାର ସହଜ ଉପଲବ୍ଧତା ଏବଂ ଆକର୍ଷଣୀୟତା। ଫେସବୁକ୍, ଇନଷ୍ଟାଗ୍ରାମ୍, ଟିକ୍‌ଟକ୍ ଭଳି ପ୍ଲାଟଫର୍ମଗୁଡ଼ିକ ଯୁବକମାନଙ୍କୁ ଘଣ୍ଟାଏ ପର୍ଯ୍ୟନ୍ତ ବାନ୍ଧି ରଖୁଛି। ଏହା ଦ୍ୱାରା ସେମାନେ ଭର୍ଚ୍ୟୁଆଲ ଦୁନିଆରେ ହଜିଯାଆନ୍ତି ଏବଂ ବାସ୍ତବ ଜୀବନରୁ ଦୂରେଇ ଯାଆନ୍ତି। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ଅତ୍ୟଧିକ ସାମାଜିକ ଗଣମାଧ୍ୟମ ବ୍ୟବହାର ଯୁବକମାନଙ୍କର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଅବସାଦ, ଚିନ୍ତା ଏବଂ ନିଦ୍ରାହୀନତା ଭଳି ସମସ୍ୟାଗୁଡ଼ିକ ବଢ଼ିବାରେ ଏହାର ଭୂମିକା ରହିଛି। ଯୁବକମାନେ ଅନ୍ୟମାନଙ୍କ ଜୀବନଶୈଳୀକୁ ଦେଖି ଈର୍ଷା କରନ୍ତି ଏବଂ ନିଜକୁ ଅପର୍ଯ୍ୟାପ୍ତ ମନେ କରନ୍ତି, ଯାହା ସେମାନଙ୍କୁ ଆସକ୍ତିର ପଥକୁ ଧକ୍କା ଦିଏ।

ମାଦକ ଦ୍ରବ୍ୟ ଆସକ୍ତି ଆଉ ଏକ ବଡ଼ ସମସ୍ୟା। ଯୁବକମାନେ ପିୟର୍ ପ୍ରେସର୍ ଯୋଗୁଁ କିମ୍ବା କୌତୂହଳବଶତଃ ଏହି ପଥକୁ ଯାଆନ୍ତି। ସ୍କୁଲ୍ ଏବଂ କଲେଜରେ ସାଥୀମାନଙ୍କ ପ୍ରଭାବରେ ସେମାନେ ଧୂମ୍ରପାନ, ମଦ୍ୟପାନ କିମ୍ବା ଡ୍ରଗ୍ସ ସେବନ ଆରମ୍ଭ କରନ୍ତି। ଏହା ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ଅନେକ ଯୁବକ ଏହି ଆସକ୍ତିରୁ ମୁକ୍ତି ପାଇବା ପାଇଁ ସଂଘର୍ଷ କରନ୍ତି, କିନ୍ତୁ ସମାଜର ଅବହେଳା ଏବଂ ପରିବାରର ଅଭାବରୁ ସେମାନେ ଆହୁରି ଗଭୀରକୁ ପଡ଼ନ୍ତି। ଭାରତରେ ମାଦକ ଦ୍ରବ୍ୟ ଆସକ୍ତି ଏକ ମହାମାରୀ ରୂପ ନେଇଛି, ଯାହା ଲକ୍ଷାଧିକ ଯୁବକଙ୍କ ଜୀବନକୁ ନଷ୍ଟ କରୁଛି।

ଅନଲାଇନ୍ ଗେମିଂ ଏବଂ ଗ୍ୟାମ୍ବଲିଂ ମଧ୍ୟ ଯୁବକମାନଙ୍କୁ ଆସକ୍ତ କରୁଛି। ପବ୍ଜି, ଫ୍ରି ଫାୟାର ଭଳି ଗେମ୍‌ଗୁଡ଼ିକ ଯୁବକମାନଙ୍କୁ ରାତିରାତି ଆକର୍ଷଣ କରୁଛି। ଏହା ଦ୍ୱାରା ସେମାନେ ପଢ଼ାଶୁଣା ଏବଂ କ୍ୟାରିୟର୍‌କୁ ଅବହେଳା କରନ୍ତି। ଅନେକ କ୍ଷେତ୍ରରେ ଏହି ଆସକ୍ତି ଆତ୍ମହତ୍ୟା ପର୍ଯ୍ୟନ୍ତ ନେଇଯାଏ। ଗ୍ୟାମ୍ବଲିଂ ଆପ୍ସ ମାଧ୍ୟମରେ ଯୁବକମାନେ ଟଙ୍କା ହରାଇ ଆର୍ଥିକ ସଂକଟରେ ପଡ଼ନ୍ତି। ଏହି ସମସ୍ୟାର ମୂଳରେ ରହିଛି ଆଧୁନିକ ଟେକ୍ନୋଲୋଜିର ଅପବ୍ୟବହାର। ଯୁବକମାନେ ଏହି ଆସକ୍ତିର ଶିକାର ହେବାର କାରଣ ହେଉଛି ପରିବାରର ଅଭାବ, ଶିକ୍ଷା ବ୍ୟବସ୍ଥାର ଦୁର୍ବଳତା ଏବଂ ସମାଜର ଚାପ। ପରିବାରରେ ଅଭିଭାବକମାନେ ଯଦି ସନ୍ତାନମାନଙ୍କ ସହିତ ସମୟ ବିତାନ୍ତି ନାହିଁ, ତେବେ ସେମାନେ ବାହ୍ୟ ପ୍ରଭାବରେ ପଡ଼ନ୍ତି। ଶିକ୍ଷା ବ୍ୟବସ୍ଥାରେ ଜୀବନ କୌଶଳ ଶିକ୍ଷାର ଅଭାବ ଯୋଗୁଁ ଯୁବକମାନେ ଏହି ଫାନ୍ଦରେ ପଡ଼ନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପ୍ରୟାସ ଆବଶ୍ୟକ। ପ୍ରଥମେ ପରିବାରରେ ସଚେତନତା ବଢ଼ାଇବା ଦରକାର। ଅଭିଭାବକମାନେ ସନ୍ତାନମାନଙ୍କର କାର୍ଯ୍ୟକଳାପକୁ ନିରୀକ୍ଷଣ କରିବା ଉଚିତ୍। ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଆସକ୍ତି ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ କରିଯିବା ଉଚିତ୍। ସରକାର ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନକୁ ଦୃଢ଼ କରିବା ସହିତ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକର ନିୟନ୍ତ୍ରଣ କରିବା ଦରକାର। ଯୁବକମାନଙ୍କୁ କ୍ରୀଡ଼ା, କଳା ଏବଂ ସାହିତ୍ୟ ଭଳି ସୁସ୍ଥ କାର୍ଯ୍ୟକଳାପରେ ଯୋଡ଼ିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିପାରିବ। ସମାଜରେ ସଚେତନତା ଅଭିଯାନ ଚଳାଇବା ମଧ୍ୟ ଆବଶ୍ୟକ।

ଯୁବକମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଯଦି ସେମାନେ ଆସକ୍ତିର ଶିକାର ହୁଅନ୍ତି, ତେବେ ସମାଜର ବିକାଶ ବାଧାପ୍ରାପ୍ତ ହେବ। ଏହି ସମସ୍ୟାର ସମାଧାନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ୍। କେବଳ ସରକାର କିମ୍ବା ପରିବାର ନୁହେଁ, ଯୁବକମାନେ ମଧ୍ୟ ନିଜ ଦାୟିତ୍ୱ ବୁଝିବା ଦରକାର। ସୁସ୍ଥ ଜୀବନଶୈଳୀ ଅପଣାଇବା ଦ୍ୱାରା ସେମାନେ ଏହି ଫାନ୍ଦରୁ ମୁକ୍ତ ହୋଇପାରିବେ।

# ରାମ ମନୋହର ଲୋହିଆ



**ଡ଼ଃ.ଅରୁନ୍ଧତୀ ଦେବୀ**

ଭାରତକୁ ବ୍ରିଟିଶ ଶାସନମୁକ୍ତ କରିବା ପାଇଁ ଅଗଣିତ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ସେହି ବରପୁତ୍ରଙ୍କ ମଧ୍ୟରେ ଜଣେ ଥିଲେ ରାମ ମନୋହର ଲୋହିଆ। ସେ ଭାରତମାତାକୁ ଇଂରେଜ ଗୋଲାମୀରୁ ମୁକ୍ତ କରିବାକୁ ନିଜର ସବୁକିଛି ବାଜି ଲଗାଇ ଦେଇଥିଲେ। ସେ ଥିଲେ ଖୁବ୍ ସାହସୀ ଏବଂ ଆଶାବାଦୀ ମଣିଷ। ତାଙ୍କ ଜୀବନଚରିତ୍ରରୁ ଜଣାପଡ଼େ, ସେ ପ୍ରଗତିଶୀଳ ବିଚାର ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ବର୍ତ୍ତମାନ ସମୟରେ ତାଙ୍କର ଏହି ଅମୂଲ୍ୟ ବିଚାରଧାରା ସାଧାରଣ ଜନତାଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ହୋଇପାରିଛି। ୧୯୧୦ ମସିହା ମାର୍ଚ୍ଚ ୨୩ ତାରିଖରେ ତାଙ୍କର ଜନ୍ମ ହୋଇଥିଲା। ତାଙ୍କ ପିତା ଜଣେ ଅଧ୍ୟାପକ ସାଙ୍ଗକୁ ସଚ୍ଚୋଟ ଦେଶଭକ୍ତ ଥିଲେ। ତାଙ୍କ ବିଚାରଧାରା ପିଲାଦିନରୁ ହିଁ ଲୋହିଆଙ୍କ ଭିତରେ



ଦେଶପ୍ରେମ ଜାଗ୍ରତ କରିଥିଲା। ଲୋହିଆ ଜଣେ ତେଜସ୍ୱୀ ଛାତ୍ର ଥିଲେ। ସ୍କୁଲ ଶିକ୍ଷା ସମାପ୍ତ ପରେ ସ୍ନାତକ ପାଇଁ ବର୍ଲିନ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଜର୍ମାନୀ ଚାଲିଯାଇଥିଲେ। ଭାରତ ଫେରିବା ପରେ ମହାତ୍ମା ଗାନ୍ଧୀ, ଜୟ ପ୍ରକାଶ ନାରାୟଣ, ନେହେରୁ, ସୁଭାଷଚନ୍ଦ୍ର ବୋଷ ଆଦି ସ୍ୱାଧୀନତା ସଂଗ୍ରାମୀଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ଭାରତ ସ୍ୱାଧୀନତା ଆନ୍ଦୋଳନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ କାରାବରଣ ମଧ୍ୟ ଭୋଗିଥିଲେ। ତେବେ ଭାରତ ବିଭାଜନ ତାଙ୍କୁ ଗଭୀର ଭାବେ ମର୍ମାହତ କରିଥିଲା। ଜୀବନସାରା ଦେଶର ସେବା କରିଥିବା ଡ.ରାମ ମନୋହର ଲୋହିଆ ୧୯୬୭ ମସିହା ଆଜିର ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

# ମୁଖ୍ୟ ବିଚାରପତିଙ୍କ ଉପରେ ଆକ୍ରମଣ ଗଣତନ୍ତ୍ର ପାଇଁ ବିପଦ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

୭ ଅକ୍ଟୋବର ୨୦୨୫ରେ, ଭାରତର ସୁପ୍ରିମକୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ଯେତେବେଳେ ଜଣେ ୭୧ବର୍ଷୀୟ ଓକିଲ, ରାକେଶ କିଶୋର, କୋର୍ଟ କାର୍ଯ୍ୟକାଳ ସମୟରେ ଭାରତର ମୁଖ୍ୟ ବିଚାରପତି ବିଆର ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିବାକୁ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣା, ଯାହା ବ୍ୟାପକ ନିନ୍ଦା ସୃଷ୍ଟି କରିଥିଲା, ଗତ ମାସରେ ଗଭାଇ ହିନ୍ଦୁ ଦେବତା ବିଷ୍ଣୁ ସମ୍ପର୍କରେ ଦେଇଥିବା ମନ୍ତବ୍ୟ ଦ୍ୱାରା ପ୍ରେରିତ ହୋଇଥିବା ଜଣାପଡୁଛି। ଏହି ଘଟଣା କୋର୍ଟ ନମ୍ବର ୧ରେ ଉଲ୍ଲେଖ ସମୟରେ ଘଟିଥିଲା, ଯେଉଁଠାରେ କିଶୋର ମଞ୍ଚ ନିକଟକୁ ଯାଇ ଜୋତା କିମ୍ବା କାଗଜର ଏକ ଗୁଡାଏ ଜିନିଷ ସହିତ ଏକ ଧମକପୂର୍ଣ୍ଣ ଇଙ୍ଗିତ କରିଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ ବାହାରକୁ ନେଇଯିବା ସମୟରେ, ସେ ଚିତ୍କାର କରୁଥିବା ଶୁଣାଯାଉଥିଲେ, 'ସନାତନ କା ଅପମାନ ନୁହେଁ ସହେଙ୍ଗେ' (ଆମେ ସନାତନର କୌଣସି ଅପମାନକୁ ସହ୍ୟ କରିବୁ ନାହିଁ), ଯାହା ସନାତନ ଧର୍ମ, ହିନ୍ଦୁ ଧର୍ମର ଅନ୍ୟ ନାମକୁ ଉଲ୍ଲେଖ କରି। ସିଜେଆଇ ଗଭାଇ, ବିଚଳିତ ନହୋଇ ଓକିଲମାନଙ୍କୁ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇ କହିଥିଲେ, 'ମୁଁ ଏସବୁ ଦ୍ୱାରା ବିଚଳିତ ନୁହେଁ। ଆପଣମାନେ ମଧ୍ୟ ବିଚଳିତ ହୁଅନ୍ତୁ ନାହିଁ ଏବଂ ମାମଲାକୁ ଆଗକୁ ବଢ଼ାନ୍ତୁ। ମଧ୍ୟପ୍ରଦେଶର ଖଜୁରାହୋର ଜାଭାରି ମନ୍ଦିରରେ ଭଗବାନ ବିଷ୍ଣୁ ମୁଣ୍ଡ କଟା ମୂର୍ତ୍ତିର ପୁନରୁଦ୍ଧାର ପାଇଁ ଏକ ଆବେଦନର ଶୁଣାଣୀ ସମୟରେ କିଶୋରଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ମନ୍ତବ୍ୟ ଦିଆଯାଇଥିଲା। ଗଭାଇ ଆବେଦନକାରୀଙ୍କୁ 'ଯାଅ ଏବଂ ଦେବତାଙ୍କୁ ଏବେ କିଛି କରିବାକୁ କୁହ' ବୋଲି ପରାମର୍ଶ ଦେଇଥିବା ଜଣାପଡ଼ିଛି। କିଶୋର ପରେ ଦାବି କରିଥିଲେ ଯେ ସେ 'ଦିବ୍ୟ ନିର୍ଦ୍ଦେଶନା' ଅନୁଯାୟୀ କାର୍ଯ୍ୟ କରିଛନ୍ତି, କହିଥିଲେ, 'ସର୍ବଶକ୍ତିମାନ ଏହା କରିଛନ୍ତି ମୁଁ କେବଳ ଜଣେ ସାକ୍ଷୀ ଥିଲି'। ସେ କୌଣସି ଅନୁତାପ ପ୍ରକାଶ କରିନଥିଲେ ବିଶ୍ୱାସ କରିଥିଲେ ଯେ ସେ ଈଶ୍ୱରଙ୍କ ନାମରେ 'ସଠିକ କାମ' କରିଛନ୍ତି। ସିଜେଆଇ ଗଭାଇଙ୍କ ଉପରେ ଆକ୍ରମଣକୁ ଜାତିବାଦୀ ସ୍ୱର ଭାବରେ ବ୍ୟାଖ୍ୟା କରାଯାଇଛି। କାରଣ ଗଭାଇ ଦଳିତ ସମ୍ପ୍ରଦାୟର ଦ୍ୱିତୀୟ ମୁଖ୍ୟ ବିଚାରପତି ଏବଂ ବୌଦ୍ଧ ଧର୍ମର ପ୍ରଥମ। ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ ଏହାକୁ ଭାରତୀୟ ସୁପ୍ରିମକୋର୍ଟ ଉପରେ ଏକ ସ୍ପଷ୍ଟ ଜାତିବାଦୀ ଆକ୍ରମଣ ଭାବରେ ବର୍ଣ୍ଣନା କରିଛନ୍ତି, କିଶୋରଙ୍କ ବିରୁଦ୍ଧରେ ସମ୍ପୂର୍ଣ୍ଣ ତଦନ୍ତ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ କରିଛନ୍ତି। ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏହାକୁ 'ବ୍ରାହ୍ମଣବାଦୀ ମାନସିକତା ଥିବା ଜଣେ ଓକିଲଙ୍କ ଦ୍ୱାରା (ଉଔଓ)ଙ୍କୁ ଭୟଭୀତ କରିବା ପାଇଁ ଏକ କଠୋର ପ୍ରୟାସ' ବୋଲି ନିନ୍ଦା କରିଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଆଲୋକପାତ କରିଛନ୍ତି ଯେ ଏହି ଘଟଣା ସମାଜକୁ ଘୃଣା, ଧର୍ମାନ୍ଧତା ଏବ ଧର୍ମାନ୍ଧତାକୁ ପ୍ରତିଫଳିତ କରୁଛି ଏବଂ ସାମାଜିକ ପ୍ରତିବନ୍ଧକ ଭାଙ୍ଗିଥିବା ଜଣେ ବ୍ୟକ୍ତିଙ୍କୁ ଭୟଭୀତ କରିବାର ଏକ ପ୍ରୟାସ ଥିଲା। ଆଇନ ସମ୍ପ୍ରଦାୟ ଏବଂ ରାଜନୈତିକ ନେତାମାନେ ତୁରନ୍ତ ଏହି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଭାରତୀୟ ବାର ପରିଷଦ କିଶୋରଙ୍କୁ ଅଭ୍ୟାସରୁ ନିଲମ୍ବିତ କରିଛି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ସୁପ୍ରିମକୋର୍ଟ ବାର ଆସୋସିଏସନ (ଝଉଈଇ) ଏବଂ ସୁପ୍ରିମକୋର୍ଟ ଆଡଭୋକେଟ୍-ଅନ୍- ରେକର୍ଡ ଆସୋସିଏସନ (ଝଉଇଙ୍ଗଜଇ) ଉଭୟ 'ନିନ୍ଦନୀୟ କାର୍ଯ୍ୟ'କୁ ନିନ୍ଦା କରି ପ୍ରସ୍ତାବ ପାସ୍ କରିଛନ୍ତି, ଯାହା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ଏପରି ଆଚରଣ ଆଇନଗତ ବୃତିର ମର୍ଯ୍ୟାଦା ଏବଂ ନ୍ୟାୟପାଳିକାର ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରେ। ଭାରତର ପୂର୍ବତନ ଆଟର୍ଣ୍ଣି -ଜେନେରାଲ ମୁକୁଲ ରୋହତଗୀ ଏହି କାର୍ଯ୍ୟକୁ 'ସମ୍ପୂର୍ଣ୍ଣ କ୍ଷମାଯୋଗ୍ୟ ନୁହେଁ ଏବଂ 'ଅପରାଧମୂଳକ ଅବମାନନାର ଏକ ଘୃଣ୍ୟ ରୂପ' ବୋଲି କହିଥିଲେ। ଘଟଣାର ଗମ୍ଭୀରତା ସତ୍ତ୍ୱେ, ସିଜେଆଇ ଗଭାଇ କିଶୋରଙ୍କ ବିରୁଦ୍ଧରେ ଅଭିଯୋଗ ନଆଣିବାକୁ ବାଛିଥିଲେ, ଏହି ନିଷ୍ପତିକୁ ରୋହତଗୀ ସମେତ କିଛି ଲୋକ ପରିପକ୍ୱତା ପ୍ରତିଫଳିତ କରୁଥିବା ଭାବରେ ସ୍ୱୀକାର କରିଥିଲେ କିନ୍ତୁ ଦୃଷ୍ଟାନ୍ତମୂଳକ ଦଣ୍ଡର ଆବଶ୍ୟକତା ବିଷୟରେ ବିତର୍କ ମଧ୍ୟ ସୃଷ୍ଟି କରିଥିଲେ।

ତଥାପି, କର୍ଣ୍ଣାଟକରେ କିଶୋରଙ୍କ ବିରୁଦ୍ଧରେ ଏକ ଶୁନ୍ୟ ଏଫଆଇଆର ରୁଜୁ ହୋଇଥିଲା, ଯାହାକୁ ଦିଲ୍ଲୀ ପୋଲିସକୁ ସ୍ଥାନାନ୍ତର କରାଯିବ। ଏହା ବ୍ୟତୀତ, ସୁପ୍ରିମକୋର୍ଟର ଓକିଲମାନେ କିଶୋରଙ୍କ ବିରୁଦ୍ଧରେ ଫୌଜଦାରୀ ଅବମାନନା ମାମଲା ଆରମ୍ଭ କରିବା ପାଇଁ ଆଟର୍ଣ୍ଣି ଜେନେରାଲଙ୍କ ସମ୍ମତି ଲୋଡିଛନ୍ତି, ଯେଉଁଥିରେ ଆକ୍ରମଣକୁ ଉସୁକାଇବା ଏବଂ ଅନଲାଇନରେ ଜାତିଗତ ମନ୍ତବ୍ୟ ପ୍ରସାରଣ କରିବା ଅଭିଯୋଗ ରହିଛି। ପଞ୍ଜାବ ପୋଲିସ ଶାନ୍ତି ବିଭ୍ରାନ୍ତ କରିବା ଏବଂ ନ୍ୟାୟିକ ପ୍ରତିଷ୍ଠାନ ପ୍ରତି ସମ୍ମାନ ନଷ୍ଟ କରିବା ଉଦ୍ଦେଶ୍ୟରେ ଜାତିଗତ ମନ୍ତବ୍ୟ ଏବଂ ଉସୁକାଇବା ସମେତ ଆପତିଜନକ ବିଷୟବସ୍ତୁ ପାଇଁ ୧୦୦ରୁ ଅଧିକ ସୋସିଆଲ ମିଡିଆ ଆକାଉଂଟ ବିରୁଦ୍ଧରେ ଏକାଧିକ ଏଫଆଇଆର ପଞ୍ଜିକୃତ କରିଛି। ଏହି ଘଟଣାଟି ଅଲଗା ନୁହେଁ, କାରଣ ଭାରତରେ ପୂର୍ବରୁ ବିଚାରପତିମାନଙ୍କ ବିରୁଦ୍ଧରେ ଆକ୍ରମଣ କିମ୍ବା ଧମକ ଦିଆଯାଇଛି, ଯଦିଓ ସୁପ୍ରିମକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ସହିତ ଜଡିତ ଘଟଣା ତୁଳନାତ୍ମକ ଭାବରେ ବିରଳ ୨୦୨୨ ଜୁଲାଇରେ, ଝାଡଖଣ୍ଡରେ ଅତିରିକ୍ତ ସେସନ୍ସ ଜଜ୍ ଉତମ ଆନନ୍ଦଙ୍କୁ ହତ୍ୟା କରାଯାଇଥିଲା। ଅକ୍ଟୋବର ୨୦୧୫ରେ, ଜଣେ ଓକିଲ ଦିଲ୍ଲୀର ଜଣେ ମହିଳା ବିଚାରପତିଙ୍କ ବିରୁଦ୍ଧରେ ଯୌନ ସ୍ପଷ୍ଟ ମନ୍ତବ୍ୟ



ଦେଇଥିବା ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୨୦୦୯ରେ, ଜଣେ ମକଦ୍ଦମାକାରୀ ପୂର୍ବତନ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଅରିଜିତ ପସାୟତଙ୍କ ଉପରକୁ ଚପଲ ଫିଙ୍ଗିଥିଲେ। ୧୯୬୮ରେ ଏକ ଅଧିକ ଗମ୍ଭୀର ଘଟଣା ଘଟିଥିଲା ଯେତେବେଳେ ଜଣେ ବ୍ୟକ୍ତି ଏକ ଛୁରୀ ଦେଖାଇ ଜଷ୍ଟିସ ଏ.ଏନ୍, ଗ୍ରୋଭରଙ୍କ ଆହତ କରିଥିଲେ। ଏହି ଘଟଣାଗୁଡିକ ଭାରତରେ ନ୍ୟାୟପାଳିକାର ସୁରକ୍ଷା ଏବଂ ସ୍ୱାଧୀନତା ବିଷୟରେ ବଢୁଥିବା ଚିନ୍ତାକୁ ସ୍ପଷ୍ଟ ଭାବରେ ଦର୍ଶାଏ। ସିଜେଆଇ ଗଭାଇଙ୍କ ସହ ଜଡିତ ଘଟଣାକୁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଆଇନ ବିଶେଷଜ୍ଞମାନେ ବ୍ୟାପକ ଭାବରେ ନିନ୍ଦା କରିଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟିର ମୁଖ୍ୟ ମଲ୍ଲିକାର୍ଜୁନ ଖାର୍ଗେ ଏହି ଆକ୍ରମଣକୁ ଦୃଢ ନିନ୍ଦା କରି ଏହାକୁ 'ଲଜ୍ଜାଜନକ ଅପମାନ' ଏବଂ ଜଣତାନ୍ତ୍ରୀକ ମୂଲ୍ୟବୋଧ ପ୍ରତି ଆଘାତ ବୋଲି କହିଛନ୍ତି। ସେ କେନ୍ଦ୍ରକୁ ଅପରାଧୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି, ବିଶେଷକରି ଧାର୍ମିକ କିମ୍ବା ଆଦର୍ଶଗତ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ଏହି ପ୍ରକାରର କାର୍ଯ୍ୟ ସମ୍ବିଧାନ ଉପରେ ଆକ୍ରମଣ ବୋଲି ଗୁରୁତ୍ୱାରୋପ କରିଛନ୍ତି। କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ଏହାକୁ ଅଧର୍ମର ପ୍ରଦର୍ଶନ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ସିଜେଆଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସତ୍ତ୍ୱେ ଏକ ସ୍ୱତଃପ୍ରବୃତ ମମମଲା ଏବଂ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ କରିଛନ୍ତି। ଏମ୍‌ଏଲସି ରମେଶ ବାବୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଚିଠି ଲେଖିଛନ୍ତି, ଆକ୍ରମଣ ପଛରେ ଥିବା ଉଦ୍ଦେଶ୍ୟ ଏବଂ ଲିଙ୍କ ବିଷୟରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟିକ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି, ବିଶେଷକରି 'ସନାତନ ଧର୍ମ' ସହିତ ଏହାର କଥିତ ସମ୍ପର୍କକୁ ଦୃଷ୍ଟିରେ ରଖି। ସିଜେଆଇ ଗଭାଇଙ୍କ ଉପରେ ଆକ୍ରମଣ ପ୍ରୟାସ, ଯିଏ ଭାରତର ଦ୍ୱିତୀୟ ଦଳିତ ମୁଖ୍ୟ ବିଚାରପତି ଏବଂ ଏକ ବିଶିଷ୍ଟ ଆମ୍ବେଦକର ବଂଶରୁ ଆସିଛନ୍ତି, ଏକ ବିଶେଷ ଭୟଙ୍କର ଦିଗ ବହନ କରେ। ହିନ୍ଦୁ ସଂସ୍କୃତିରେ ଦଳିତ ବିଚାରପତିଙ୍କ ଉପରେ ଜୋତା ଫିଙ୍ଗିବା, ଯାହା ପରମ୍ପାରିକ ଭାବରେ ଏକ ଗମ୍ଭୀର ଅପମାନ, ଏବଂ ଅପରାଧୀଙ୍କ 'ସନାତନ ଧର୍ମ' ସ୍ଲୋଗାନ ସହିତ ଜଡିତ, ଜାତିଗତ ଗତିଶୀଳତା ଏଂବ ସାମ୍ବିଧାନିକ ପ୍ରତିଷ୍ଠାନ ବିରୁଦ୍ଧରେ ଧାର୍ମିକ ଚିନ୍ତାଧାରାର ଅସ୍ୱୀକରଣକୁ ଉଜ୍ଜ୍ୱଳ କରିଥାଏ। ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଏହି ଘଟଣା ସ୍ପଷ୍ଟ ଭାବରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ ଅଧୀନରେ ଆସେ, ଯାହା ସାର୍ବଜନୀନ ସ୍ଥାନରେ ଅନୁସୂଚିତ ଜାତି/ଅତ୍ୟାଚାର ନିବାରଣ ଆଇନ ଅଧୀନରେ ଆସେ। ତଥାପି ଏହି ଆଇନ ଅନୁଯାୟୀ ଅଭିଯୋଗ ଦାଖଲ କରିବାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କ ରିପୋର୍ଟ ମାନ କରିବା ଏକ ସଂସ୍ଥାଗତ ବିଫଳତା ଭାବରେ ସମାଲୋଚନା କରାଯାଇଛି ଯାହା ଜାତିଭିତିକ ଆକ୍ରମଣକୁ ଦଣ୍ଡମୁକ୍ତ କରିଥାଏ। ଏହି ଘଟଣାର ରାଜନୈତିକ ପ୍ରତିକ୍ରିୟା ମଧ୍ୟ ଯାଞ୍ଚ କରିଛି। ସୋନିଆ ଗାନ୍ଧୀ ଏବଂ ରାହୁଲଗାନ୍ଧୀଙ୍କ ସମେତ ବିରୋଧୀ ନେତାମାନେ ଏହି ଆକ୍ରମଣକୁ ସମ୍ବିଧାନ ଏବଂ ନ୍ୟାୟପଳିକାର ମର୍ଯ୍ୟାଦା ଉପରେ ଆକ୍ରମଣ ଭାବରେ ନିନ୍ଦା କରିଥିଲେ, କିନ୍ତୁ ଶାସକ ପ୍ରତିଷ୍ଠାନ, ବିଶେଷ କରି ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆଇନ ମନ୍ତ୍ରଣାଳୟ ପ୍ରତିକ୍ରିୟା ପ୍ରାରମ୍ଭରେ ବିଳମ୍ବିତ ଏବଂ ନୀରବ ଭାବରେ ଗ୍ରହଣ କରାଯାଇଥିଲା। ଏହି ଅନୁଭୂତି ନୀରବତା ଏବଂ ସୋସିଆଲ ମିଡିଆରେ କିଛି ହିନ୍ଦୁତ୍ୱ ସମର୍ଥକଙ୍କ ଦ୍ୱାରା ପରବର୍ତୀ 'ବିଚଳିତ ଉତ୍ସବ'କୁ ସାମ୍ବିଧାନିକ ପ୍ରତିଷ୍ଠାନ ବିରୁଦ୍ଧରେ ହିଂସାର ଏକ ବିପଦପୂର୍ଣ୍ଣ ସାଧାରଣୀକରଣ ଭାବରେ ବ୍ୟାଖ୍ୟା କରାଯାଇଛି। ଏହି ନିର୍ଦ୍ଦିଷ୍ଟ ଘଟଣା ବ୍ୟତୀତ, ଭାରତୀୟ ନ୍ୟାୟପଳିକା ଏହାର ସ୍ୱାଧୀନତା ପାଇଁ ବର୍ଦ୍ଧିତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ନ୍ୟାୟପାଳିକା ନିଯୁକ୍ତି ଉପରେ କାର୍ଯ୍ୟପାଳିକାର ପ୍ରଭାବ ବିଷୟରେ ଚିନ୍ତା ପ୍ରକାଶ ପାଇଛି, ନିଯୁକ୍ତି ବନ୍ଦ ହେବା ଏବଂ କଲେଜିୟମ ସୁପାରିଶକୁ ପ୍ରତ୍ୟାଖ୍ୟାନ କରିବାର ଉଦାହରଣ ସହିତ, ବିଶେଷକରି ସରକାରୀ ନୀତି କିମ୍ବା ପ୍ରମୁଖ ଶାସକ ଦଳର ସଦସ୍ୟଙ୍କ ବିରୁଦ୍ଧରେ ରାୟ ଦେଇଥିବା ବିଚାରପତିମାନଙ୍କ ପାଇଁ। ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ (ଘଔଇଉ) ସହିତ କଲେଜିୟମ ବ୍ୟବସ୍ଥାକୁ ବଦଳାଇବା ପାଇଁ ମୋଦି ସରକାରଙ୍କ ପ୍ରୟାସକୁ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା, କିନ୍ତୁ ପରବର୍ତୀ ପ୍ରସ୍ତାବିତ କାର୍ଯ୍ୟାବିଧି ସ୍ମାରକପତ୍ର (ଗଙଚ) ନ୍ୟାୟପଳିକା ନିଯୁକ୍ତିରେ କାର୍ଯ୍ୟପାଳିକା କର୍ତ୍ତୃତ୍ୱ ବିଷୟରେ ଚିନ୍ତା ବୃଦ୍ଧି କରିଚାଲିଛି। ଏହା ବ୍ୟତୀତ ବିଚାରଧୀନ ମାମଲାଗୁଡିକ ଉପରେ କାର୍ଯ୍ୟପାଳିକାର ପ୍ରଭାବ ଅଭିଯୋଗର ଉଦାହରଣ ରହିଛି, ଯେପରିକି ବିଚାରପତି ବ୍ରଜଗୋପାଳ ହରକିଶନ ଲୋୟାଙ୍କ ମୃତ୍ୟୁର ତଦନ୍ତ ପରିଚାଳନା ଏବଂ କିଛି ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମାମଲାଗୁଡିକର ପକ୍ଷପାତପୂର୍ଣ୍ଣ ବଣ୍ଟନ। ଜମ୍ମୁ ଓ କାଶ୍ମୀରର ଧାରା ୩୭୦ ରଦ୍ଦ ଏବଂ ଆସାମରେ ଜାତୀୟ ନାଗରିକ ପଞ୍ଜିକାର ଘଜଉ କାର୍ଯ୍ୟକାରୀ କରିବା ଭଳି ରାଜନୈତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ପ୍ରସଙ୍ଗରେ ସୁପ୍ରିମକୋର୍ଟର କାର୍ଯ୍ୟ କିମ୍ବା ନିଷ୍କ୍ରିୟତା ମଧ୍ୟ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ଏବଂ ନାଗରିକ ସ୍ୱାଧୀନତାର ରକ୍ଷକ ଭାବରେ ନ୍ୟାୟପଳିକାର ଐତିହାସିକ ଭୂମିକା ପାଇଁ ସମାଲୋଚନାର ଶିକାର ହୋଇଛି। ବିଚାରପତିଙ୍କ ପଇଁ ଅବସର ପରବର୍ତୀ ନିଯୁକ୍ତି ପ୍ରସଙ୍ଗକୁ ନ୍ୟାୟପଳିକା ସ୍ୱାଧୀନତାକୁ ପ୍ରଭାବିତ କରୁଥିବା ଏକ ସମ୍ଭାବ୍ୟ କାରଣ ଭାବରେ ମଧ୍ୟ ଉଲ୍ଲେଖ କରାଯାଇଛି, କାରଣ ଏହା ବିଚାରପତିମାନଙ୍କୁ ଭବିଷ୍ୟତରେ ନିଯୁକ୍ତି ସୁରକ୍ଷିତ କରିବା ପାଇଁ ବେଞ୍ଚରେ ସେମାନଙ୍କର ସମୟକୁ ସଦୁପଯୋଗ କରିବା ପାଇଁ ଏକ ପ୍ରୋତ୍ସାହନମୂଳକ ଗଠନ ସୃଷ୍ଟି କରିପାରିବ। ପୂର୍ବତନ ଉଔଓ ରଞ୍ଜନ ଗୋଗୋଇଙ୍କ ଅବସର ପରେ ସଂସଦରେ ନିଯୁକ୍ତି, ମୋଦୀ ସରକାରଙ୍କ ପାଇଁ ଅନୁକୂଳ ଗୁରୁତ୍ୱପୂର୍ଣ୍ଣ ରାୟ ପରେ ପ୍ରାୟତଃ ଏକ ଉଦାହରଣ ଭାବରେ ଉଜ୍ଜ୍ୱଳିତ ହୁଏ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ତ ମୁତୁରୀ ମୁଁ ତ ମୁତୁରା ହେଁସ କାହିଁ ପାଇଁ ଧୋଇବା

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ବହୁତ କମ୍ ଲୋକ ଜାଣିଥିବେ ଯେ ହେକ୍ସେନ ନାମକ ଏକ ରାସାୟନିକ ପଦାର୍ଥ ଅଛି। ଏହି ରାସାୟନିକ ପଦାର୍ଥ ପାଣି ପରି। ଏହାର ବିଶେଷତ୍ୱ ହେଉଛି ଯେ ଆପଣ ଏହାକୁ ଏକ ବାଲ୍ଟିରେ ରଖି ଏଥିରେ ଯେକୌଣସି ତେଲବୀଜ ରଖିପାରିବେ, ଅର୍ଥାତ୍ ତୈଳ-ସମ୍ପୃକ୍ତ ଜିନିଷ ଯେପରିକି ବାଦାମ, ତିଳ ବିହନ, ନଡ଼ିଆ, ଅଳସୀ ବିହନ, ବାଦାମ, ସୋରିଷ ବିହନ, ଇତ୍ୟାଦି। ଅଳ୍ପ ସମୟ ମଧ୍ୟରେ, ଏହି ରାସାୟନିକ ପଦାର୍ଥ ଏଥିରୁ ସମସ୍ତ ତେଲ ବାହାର କରିଦେବ। ଧରାଯାଉ ଆପଣ ଏଥିରେ ବାଦାମ ପକାନ୍ତୁ, ଏହି ରାସାୟନିକ ପଦାର୍ଥ ବାଦାମରୁ ସମସ୍ତ ତେଲ ବାହାର କରିଦେବ, ଯାହା ଦ୍‌ବାରା ଆପଣଙ୍କର ବାଦାମ ଅକ୍ଷତ ରହିବ।

ତେଲ ଉତ୍ପାଦନକାରୀ କମ୍ପାନୀ ଏବଂ ଅନେକ ବ୍ୟବସାୟୀ ଏହି ରାସାୟନିକ ପଦାର୍ଥ ବ୍ୟବହାର କରନ୍ତି, ଯାହା ଏକ ପ୍ରକାରର ବିଷ ଏବଂ ଏହା ଅନେକ ରୋଗ ସୃଷ୍ଟି କରୁଛି, ଯେଉଁଥିରେ କର୍କଟ ଭଳି ମାରାତ୍ମକ ରୋଗ ମଧ୍ୟ ରହିଛି। ବାଦାମରୁ ତେଲ ବାହାର କରାଯାଏ, ଯେଉଁଥିରେ ଏହି ରାସାୟନିକ ପଦାର୍ଥର ଏକ ଛୋଟ ପରିମାଣ ମଧ୍ୟ ଥାଏ। ଏହି ତେଲକୁ ପ୍ୟାକେଜ୍ କରି ବିକ୍ରି କରାଯାଏ। ଆପଣ ଏବେ ବିଭିନ୍ନ ବ୍ରାଣ୍ଡ ନାମରେ ରିଫାଇନ୍ ତେଲ ବ୍ୟବହାର କରନ୍ତି। ଅବଶିଷ୍ଟ ବାଦାମ, ଯାହା ସମାନ, ଶୁଖାଯାଏ, ଭଜାଯାଏ ଏବଂ ସିଧାସଳଖ କିମ୍ବା ଚିକି ଏବଂ ମିଠାରେ ବ୍ୟବହାର କରାଯାଏ, ଏବଂ ତାପରେ ବଜାରରେ ବିକ୍ରି କରାଯାଏ। ସେଗୁଡ଼ିକ ସମ୍ପୂର୍ଣ୍ଣ ଅଦରକାରୀ, ବିଷାକ୍ତ ଏବଂ ମୂଳତଃ ଖାଲି ଖୋଳା ଅର୍ଥ, ଆପଣ ବାଦାମ ଏବଂ ଦାନା ଉପରେ ବିନା ମୂଲ୍ୟରେ ସର୍ବୋତ୍ତମ ଡିଲ୍ ପାଆନ୍ତି।

ଲୋକ ମାନେ ବିଭିନ୍ନ ସ୍ଥାନକୁ ଯାତ୍ରା କରନ୍ତି। ଏହି ଯାତ୍ରା ସମୟରେ ବଜାରରେ ମିଳୁଥିବା ଯେକୌଣସି ପୂର୍ବରୁ ପ୍ୟାକିଂ ହୋଇଥିବା ଏବଂ ଭଜା ହୋଇଥିବା ବାଦାମ କିଣନ୍ତୁ, ବିଶେଷକରି ଟ୍ରେନ, ରେଳ ଷ୍ଟେସନ ଇତ୍ୟାଦିରେ ମିଳୁଥିବା ବାଦାମ। ସେହି ବାଦାମଗୁଡ଼ିକୁ ଭୂମିରେ କିମ୍ବା ପଥରରେ ରଖନ୍ତୁ ଏବଂ କିଛି ସାହାଯ୍ୟରେ ଚୂର୍ଣ୍ଣ କରନ୍ତୁ। ଆପଣ ଦେଖିବେ ଯେ ସେଗୁଡ଼ିକ ପାଉଡର ପରି ହୋଇଯିବେ, କିନ୍ତୁ ତେଲ ବାହାର ହୋଇସାରିଥିବାରୁ ସେଥିରୁ ଗୋଟିଏ ବି ତେଲ ବାହାରିବ ନାହିଁ। କେବଳ ବାଦାମ ନୁହେଁ, ବଜାରରୁ ଆପଣ କିଣୁଥିବା ଅଧିକାଂଶ ଖାଦ୍ୟ ଏବଂ ମିଠା ତିଳ, ନଡ଼ିଆ, ଅଳସୀ, ବାଦାମ ଇତ୍ୟାଦିରୁ ତିଆରି ହୋଇସାରିଥାଏ। ଯଦି ଆପଣ କେବେ ଶୁଖିଲା ଫଳ ଭାବରେ ବାଦାମ କିଣନ୍ତି, ତେବେ ନିଶ୍ଚିତ ଭାବରେ ଯାଞ୍ଚ କରନ୍ତୁ ଯେ ସେଥିରୁ ତେଲ ବାହାର କରାଯାଇଛି କି ନାହିଁ। ଆମ ଦେଶରେ ବିଷ ବିକ୍ରୟର ଏହି ଖେଳ ଜୋରଦାର ଚାଲିଛି କାରଣ ସେମାନଙ୍କୁ ରୋକିବା ପାଇଁ କେହି ନାହାନ୍ତି - ସରକାର, ଅଧିକାରୀ କିମ୍ବା କୌଣସି ନେତା। କାରଣ ତୁ ତ ମୁତୁରୀ ମୁଁ ତ ମୁତୁରା ହେଁସ କାହିଁ ପାଇଁ ଧୋଇବା

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଧନ, ଯଶ ଓ ବୈଭବର ଦେବୀ ମା ଗଜଲକ୍ଷ୍ମୀ

**ସନ୍ତୋଷ କୁମାର ଦାଶ।**



ଓଡ଼ିଶାର ଅନେକ ଅଞ୍ଚଳରେ ପ୍ରତିବର୍ଷ କୁମାର ପୂର୍ଣ୍ଣମୀଠାରୁ ଗଜଲକ୍ଷ୍ମୀ ପୂଜାର ଆରମ୍ଭ ହୁଏ। ଦେବୀ ଲକ୍ଷ୍ମୀଙ୍କର ବିଭିନ୍ନ ରୂପ ମଧ୍ୟରୁ ଏହି ରୂପ ଗୋଟିଏ। ଏଥିରେ ତାଙ୍କର ଦୁଇ ପାଶ୍ୱରେ ଦୁଇଟି ଗଜ (ହାତୀ )ରହି କଳସରେ ଜଳ ଢାଳୁଥାଆନ୍ତି। ବିଶ୍‌ବାସ ରହିଛି ଯେ, କୁମାର ପୂର୍ଣ୍ଣମା ରାତିର ଶେଷପ୍ରହର ରେ ଦେବୀ ଲକ୍ଷ୍ମୀ ଗଜବାହନ ରେ ପୃଥିବୀକୁ ଆସନ୍ତି ବୋଲି ତାଙ୍କର ନାମ ଗଜଲକ୍ଷ୍ମୀ ହୋଇଛି। ଏ ଦୃଷ୍ଟିରୁ କୁମାର ପୂର୍ଣ୍ଣମା ରେ ଗଜଲକ୍ଷ୍ମୀଙ୍କର ପୂଜା କରାଯାଇ ଥାଏ। ଚାରିଭୂଜା ଧାରିଣୀ ଦେବୀ ଗଜଲକ୍ଷ୍ମୀ ସର୍ବଦା ଲାଲ ରଙ୍ଗ ର ବସ୍ତ୍ର ପରିଧାନ କରିଥାନ୍ତି । ତାଙ୍କର ଦୁଇ ହାତ ଅଭୟ ତଥା ବରଦ ମୁଦ୍ରାରେ ରହିଥାଏ । ଦେବୀଙ୍କ ଦୁଇପାଖ ରେ ଦୁଇଟି ଗଜ ବା ହାତୀ ଦେବୀଙ୍କ ପ୍ରତି ସମର୍ପଣ ଜଣାଇ ଛିଡ଼ା ହୋଇଥାନ୍ତି । ଦେବୀ ଗଜଲକ୍ଷ୍ମୀଙ୍କୁ ପୂଜା କରିବାଦ୍ୱାରା ଗୋସମ୍ପଦ ପ୍ରାପ୍ତି ହୋଇଥାଏ ବୋଲି ଲୋକ କଥା ରହିଛି। ଗଜଲକ୍ଷ୍ମୀ ପ୍ରସନ୍ନ ହେଲେ ଭକ୍ତଜନଙ୍କୁ ରାଜକୀୟ ସୁଖ ପ୍ରଦାନ କରିଥାନ୍ତି । ଦେବୀ ଗଜଲକ୍ଷ୍ମୀ ଙ୍କ ପୂଜା ଦ୍ୱାରା ଇନ୍ଦ୍ରଦେବ ସ୍ୱର୍ଗପୁରୀ ଏବଂ ଦେବଲୋକର ସମସ୍ତ ସମ୍ପତ୍ତି ଫେରି ପାଇଥିଲେ ବୋଲି ପୁରାଣରେ ଉଲ୍ଲେଖ ରହିଛି । ଦେବୀ ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ସହଧର୍ମିଣୀ ଓ ଶକ୍ତି ସ୍ୱରୁପା ।ରାମାୟଣ ମତେ ସମୁଦ୍ର ମନ୍ଥନ ସମୟରେ ଅମୃତପାତ୍ର ଧରି ସେ ପୃଥିବୀ ପୃଷ୍ଠକୁ ଆସିଥିଲେ । ସେ ସମୁଦ୍ର ଙ୍କର କନ୍ୟା । ଲକ୍ଷ୍ମୀଙ୍କର ବାହାନ ପେଚା ଓ ହାତୀ । ଲକ୍ଷ୍ମୀ ଙ୍କର ନାମ ଲକ୍ଷ ଶବ୍ଦରୁ ଆସିଛି । ରୁକ୍ମଣୀ ଓ ସତ୍ୟଭାମା ଲକ୍ଷ୍ମୀଙ୍କ ଅବତାର ଭାବେ ପରିଚିତ । ପ୍ରେମ ଏବଂ ପ୍ରଜନନର ଦେବତା କାମଦେବ ବିଷ୍ଣୁ ଓ ଲକ୍ଷ୍ମୀଙ୍କର ପୁତ୍ର ବୋଲି ପୁରାଣ ରେ ବର୍ଣ୍ଣନା ହୋଇଛି । ତାଙ୍କର ଚାରିହାତ ଧର୍ମ, କାମନା, ଅର୍ଥ ଓ ମୋକ୍ଷର ପ୍ରତୀକ । ତାଙ୍କୁ ପୂଜାକରିବା ଦ୍‌ବାରା ଧର୍ମ, କାମନା, ଅର୍ଥ ଓ ମୋକ୍ଷ ଭାବନାରୁ ମୁକ୍ତ ହୋଇ ଜଣେ ନିର୍ବାଣ ପାଇପାରିବ ।ଭୃଗୁଋଷିଙ୍କ ତପସ୍ୟା ଫଳରେ ସେ ଭାର୍ଗବୀ, ଶ୍ରୀ ଆଦି ରୂପରେ ଅବତୀର୍ଣ୍ଣା ହୋଇଥିଲେ । ଭାରତର କେତେକ ସ୍ଥାନରେ ଏଥିପାଇଁ ଭୃଗୁକନ୍ୟା ରୂପେ ଶୁକ୍ରବାର ଦିନ ଲକ୍ଷ୍ମୀପୂଜା କରାଯାଏ । ଓଡ଼ିଶାରେ ମାର୍ଗଶିର ମାସ ଗୁରୁବାର ଲକ୍ଷ୍ମୀଙ୍କର ପ୍ରିୟପୂଜା ମାଣବସା ପୂଜା ନାମରେ ପ୍ରସିଦ୍ଧ । ଶ୍ରୀଦେବୀ ବା ଲକ୍ଷ୍ମୀ ହେଉଛନ୍ତି ଶ୍ରୀ ବା ଐଶ୍ୱର୍ଯ୍ୟର ଦେବୀ। ସେ ସୌନ୍ଦର୍ଯ୍ୟ,ସଂପଦ, ଐଶ୍ୱର୍ଯ୍ୟ ଓ ସୌଭାଗ୍ୟର ପ୍ରତୀକ। ପୁରାଣ ରେ ତାଙ୍କୁ ଶ୍ୱେତଚମ୍ପକ, କଞ୍ଚନପୁଷ୍ପ ବା ହସ୍ତୀଦନ୍ତ ତୁଲ୍ୟ ଶୁଭ୍ର ବୋଲି ବର୍ଣ୍ଣନା କରାଯାଇଛି। ସେ ମଧ ଅସାମାନ୍ୟା ରୂପବତୀ ଓ ଚିରଯୁବତୀ।ସ୍ୱର୍ଗ, ମର୍ତ୍ତ୍ୟ, ଗାଭୀ ଓ ସାଗର ସବୁଠାରେ ଦେବୀ ଲକ୍ଷ୍ମୀ ବିଦ୍ୟମାନ। ତାଙ୍କର ଅନେକ ନାମ। ସ୍ୱର୍ଗରେ ଇନ୍ଦ୍ରଙ୍କର ସଂପତ୍ତି ରୂପେ ସେ ସ୍ୱର୍ଗଲକ୍ଷ୍ମୀ, ଗୃହସ୍ଥଙ୍କ ଗୃହରେ ସେ ଗୃହଲକ୍ଷ୍ମୀ ଏବଂ ରାଜପ୍ରାସାଦ ରେ ସେ ରାଜଲକ୍ଷ୍ମୀ। ଗୋଧନ ମାନଙ୍କର ପ୍ରସୂତି ରୂପେ ସେ ସୁରଭି ଏବଂ କ୍ଷୀରସାଗରଙ୍କ କନ୍ୟା ରୂପେ ସେ ପଦ୍ମିନୀ। ଦେବୀ ଲକ୍ଷ୍ମୀ 'ଶ୍ରୀ'ରୂପିଣୀ। ସେ ଚନ୍ଦ୍ରମଣ୍ଡଳରେ, ଆଭୂଷଣରେ, ରତ୍ନରେ, ଫଳରେ, ସମସ୍ତ ଶସ୍ୟରେ, ବସ୍ତ୍ରରେ, ଦେବ ପ୍ରତିମାରେ, ମଙ୍ଗଳଘଟରେ, ହୀରକରେ, ଚନ୍ଦନରେ ଓ ନୂତନ ମେଘରେ ଶ୍ରୀ ବା ଶୋଭା ରୂପରେ ଅବସ୍ଥାନ କରନ୍ତି। ଏଣୁ ସେ ହିଁ ସକଳ 'ଶ୍ରୀ' ବା ଶୋଭାର ଆଧାର। ତେଣୁ ତାଙ୍କର ଅବର୍ତ୍ତମାନରେ ସବୁ 'ଶ୍ରୀହୀନ' ହୋଇଯାଏ। ସେଥିପାଇଁ କେବଳ କୁମାର ପୂର୍ଣ୍ଣମାରେ ଗଜଲକ୍ଷ୍ମୀ ଭାବରେ ବା ମାର୍ଗଶିର ମାସରେ ଶସ୍ୟ (ଧାନ୍ୟ) ଲକ୍ଷ୍ମୀ ଭାବରେ ନୁହେଁ; ସାରା ବର୍ଷ ସେ ସମସ୍ତଙ୍କ ଘରେ ନିତ୍ୟ ପୂଜିତା ହୋଇଥାଆନ୍ତି। ଦେବୀ ଲକ୍ଷ୍ମୀ ଙ୍କୁ ପଦ୍ମା,କମଳା,ପଦ୍ମପ୍ରିୟା,ପଦ୍ମାକ୍ଷୀ, ପଦ୍ମହସ୍ତା,ପଦ୍ମସୁନ୍ଦରୀ,ବିଷ୍ଣୁପ୍ରିୟା , ଉଲ୍ଲୁକ ବାହିନୀ ନାମ ରେ ମଧ୍ଯ ସମ୍ବୋଧନ କରା ଯାଇଥାଏ। ଧନ, ଶାନ୍ତି ଓ ପ୍ରେମର ପ୍ରତୀକ ହେଉଛନ୍ତି ମାଆ ଲକ୍ଷ୍ମୀ। ଧନ ସମ୍ପତ୍ତି ଓ ବୈଭବ ର କାମନା ସମସ୍ତେ କରିଥାନ୍ତି । ଏହାକୁ ପାଇବା ଲାଗି ବ୍ୟକ୍ତି ବିଶେଷ ଲଗାତାର ପ୍ରୟାସ ଜାରି ରଖିଥାନ୍ତି । ତଥାପି ବେଳେବେଳେ ସବୁ ପ୍ରଚେଷ୍ଟା ସତ୍ତ୍ୱେ ମଧ ସଫଳତା ମିଳିପାରି ନଥାଏ । କୁହାଯାଏ, ମା' ଲକ୍ଷ୍ମୀଙ୍କ କୃପା ରହିଲେ ଧନ, ଯଶ ଓ ବୈଭବ ଆଦି ମିଳିଥାଏ । ଏଣୁ କୁମାର ପୂର୍ଣ୍ଣମା ଠାରୁ ଓଡ଼ିଶା ର ବିଭିନ୍ନ ଗାଁ ଓ ବଜାର ଠାରେ ଗଜ ଲକ୍ଷ୍ମୀ ଙ୍କୁ ପୂଜା କରାଯାଇ ଆସୁଛି। ମା ଲକ୍ଷ୍ମୀ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ରେ ପୂଜା ପାଉଥିବାରୁ ଉକ୍ତ ମନ୍ଦିର କୁ ଶ୍ରୀ ମନ୍ଦିର ବୋଲି କୁହା ଯାଇଥାଏ। ଜୟ ମା ଲକ୍ଷ୍ମୀ ସମସ୍ତ ଙ୍କ ର ମଙ୍ଗଳ କରନ୍ତୁ।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮୮**



### ଭାରତୀୟ ସେନା ପାଇଁ ଆଗାମୀ ଦଶନ୍ଧି ଗୁରୁତ୍ୱପୂର୍ଣ୍ଣ

# ମିଳିବ ସ୍ୱଦେଶୀ ଷ୍ଟିଲଥ୍ ଫାଇଟର ଜେଟ୍ ଏଏମ୍‌ସିଏ



**ନୂଆଦିଲ୍ଲୀ,୧୧।୧୦:** ଭାରତ ସରକାର ଦିନକୁ ଦିନ ଦେଶର ସେନାବାହିନୀକୁ ଅଧିକ ସଶକ୍ତ କରିବା ସହ ବ୍ୟାପକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛନ୍ତି। ତେବେ ଭାରତ ପାଇଁ ଆଗାମୀ ଦଶକ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆସନ୍ତା ୨୦୩୫ ପର୍ଯ୍ୟନ୍ତ ୪ଟି ଅତ୍ୟାଧୁନିକ ଓ ସ୍ୱଦେଶୀ ବିମାନ ଦେଶର ସେନାବାହିନୀକୁ ମିଳିବ। ଏଥିରେ ପଞ୍ଚମ ପିଢ଼ିର ଷ୍ଟିଲଥ୍ ଫାଇଟର ଜେଟ୍ ଆଡଭାନ୍ସ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ରହିଛି। ଏହି ଅତ୍ୟାଧୁନିକ ଫାଇଟର ଜେଟ୍ ଶତ୍ରୁର ସାଟେଲାଇଟ୍ ସିଗନାଲକୁ ହ୍ୟାକ୍ କରି କ୍ଷଣକରେ ତାକୁ ଅକାମୀ କରିଦେବ। ଏବେ ସାରା ବିଶ୍ୱରେ ଫାଇଟର ଜେଟ୍ ନିର୍ମାଣ ହେଉଛି। ଏଗୁଡ଼ିକର ଅତ୍ୟଧିକ ସ୍ପିଡ୍ ମଧ ରହିଛି। ଏଥିରେ ରହିଛି ଅତ୍ୟନ୍ତ ଉନ୍ନତ ନାଭିଗେସନ୍ ଓ କମ୍ୟୁନିକେସନ୍ ସିଷ୍ଟମ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏହି ଟେକ୍ନୋଲୋଜିକୁ ହଜାର ଗୁଣ ବୃଦ୍ଧି କରିଛି। ଏ କ୍ଷେତ୍ରରେ ଭାରତ ମଧ ଉଲ୍ଲେଖନୀୟ ଭାବେ ଅଗ୍ରଗତି କରୁଛି। ଏବେ ଦୁନିଆରେ ପଞ୍ଚମ ପିଢ଼ିର ଷ୍ଟିଲଥ୍ ଫାଇଟର ଜେଟ୍ ସବୁଠାରୁ ଭଲ ବୋଲି ବିଚାର କରାଯାଉଛି। ଏଥିରେ ଆମେରିକାର ଏଫ୍-୩୫ଓ ରୁଷିଆର ଏସୟୁ୫୭ ନାଁ ମଧ ରହିଛି, ଯାହାକି ମ୍ୟାକ୍-୨ ପର୍ଯ୍ୟନ୍ତ ମଧ ସ୍ପିଡ୍ ହାସଲ କରିବାର କ୍ଷମତା ରଖେ।

ଏହି ଅତ୍ୟାଧୁନିକ ଯୁଦ୍ଧ ବିମାନ ପରିଚାଳନାରେ ମଧ ସାଟେଲାଇଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ସ୍ଥିତିରେ ଏଏମ୍‌ସିଏ ଏହାର ସଞ୍ଚାଳନରେ ସହାୟତା କରି ସାଟେଲାଇଟ୍ ସିଗନାଲକୁ କିଛି ସେକେଣ୍ଡ ପାଇଁ ବାଧାପ୍ରାପ୍ତ କରିପାରିବେପ। ଚୀନ୍ ଆମେରିକାର ନାସା ସାଟେଲାଇଟ୍ ଉପରେ ଯେଉଁ ଆକ୍ରମଣ କରିଥିଲା,ତାହା କେବଳ ୧୨ ମିନିଟ୍ ଭିତରେ ଶେଷ ହୋଇଯାଇଥିଲା। ଏପର୍ଯ୍ୟନ୍ତ ଏହି ଟେକ୍ନୋଲୋଜିର ବ୍ୟବହାର ସ୍ଥଳଭାଗରୁ କରାଯାଉଥିଲା। କିନ୍ତୁ ଏବେ ଜେଟ୍ ତିଆରି କରାଯାଉଛି, ଯାହା ଅଧିକ ପାୱାରଫୁଲ୍ ଇଲେକ୍ଟ୍ରିକ୍ ୱାରଫେୟାର ଟେକ୍ନୋଲୋଜି।ଏହାଶତ୍ରୁରସାଟେଲାଇଟ୍‌ସିଗନାଲକୁଜାମ୍‌କରିବା ସହ ଭୁଲ କମାଣ୍ଡ ପଠାଇ ତାଙ୍କୁ ଚକମା ଦେବାର କ୍ଷମତା ରଖେ।

### କୃଷକଙ୍କୁ ଉପହାର ଦେଲେ ମୋଦି

# ୩୫୪୪୦ କୋଟିର ୨ଟି ଯୋଜନା ଲୋକାର୍ପିତ

**ନୂଆଦିଲ୍ଲୀ,୧୧।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କୃଷି କ୍ଷେତ୍ରରେ ୩୫,୪୪୦ କୋଟି ଟଙ୍କା ବ୍ୟୟରେ ଦୁଇଟି ପ୍ରମୁଖ ଯୋଜନା, ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା ଓ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି। ଲୋକନାୟକ

**ଶହେଟି ଜିଲ୍ଲାରେ ବଢ଼ିବ କୃଷି ଉତ୍ପାଦକତା**

ଜୟପ୍ରକାଶ ନାରାୟଣଙ୍କ ଜନ୍ମବାର୍ଷିକୀ ଅବସରରେ ସ୍ଥାନୀୟ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ଏକ ସ୍ୱତନ୍ତ୍ର କୃଷି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହି ଯୋଜନାଗୁଡ଼ିକୁ ଲୋକାର୍ପିତ କରିଛନ୍ତି।

ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନାର ବ୍ୟୟବରାଦ ୨୪ ହଜାର କୋଟି ଟଙ୍କା ରହିଥିବା ବେଳେ ଏହା ଦେଶର ଶ୧୦୦ଟି ଜିଲ୍ଲାରେ କୃଷି ଉତ୍ପାଦକତା ବୃଦ୍ଧି କରିବା ସହ ଫସଲ ବିବିଧତା ଏବଂ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ ବୃଦ୍ଧି, ପଞ୍ଚାୟତ ଏବଂ ବ୍ଲକ ସ୍ତରରେ ଅମଳ



ପରବର୍ତ୍ତୀ ସଂରକ୍ଷଣକୁ ବୃଦ୍ଧି, ଜଳସେଚନ ସୁବିଧାରେ ଉନ୍ନତି ଏବଂ ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତାକୁ ସହଜ କରିବ। ସେହିପରି ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ମିଶନର ବ୍ୟୟ ଅଟକଳ ୧୧ ହଜାର ୪୪୦ କୋଟି ଟଙ୍କା ରହିଛି। ଏହା ଡାଲିର ଉତ୍ପାଦକତା ସ୍ତରକୁ ଉନ୍ନତ କରିବା ସହ ଡାଲି ଚାଷ ପରିସରକୁ ବଢ଼ାଇବା, ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା- କ୍ରୟ, ସଂରକ୍ଷଣ ଓ ପ୍ରକ୍ରିୟାକରଣ ଓ କ୍ଷତି ହ୍ରାସ ସୁନିଶ୍ଚିତ କରିବା ଲକ୍ଷ୍ୟରେ ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ସ୍ୱତନ୍ତ୍ର କୃଷି କାର୍ଯ୍ୟକ୍ରମରେ ଚାଷୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କୃଷି, ପଶୁପାଳନ, ମତ୍ସ୍ୟପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୫,୪୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଉଦଘାଟନ କରିବା ସହ ପ୍ରାୟ ୮୧୫ କୋଟି ଟଙ୍କାର ଅତିରିକ୍ତ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି।

ଶ୍ରୀ ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ବେଙ୍ଗାଲୁରୁ ଓ ଜମ୍ମୁ-କାଶ୍ମୀରରେ କୃତ୍ରିମ ଗର୍ଭଧାରଣ ତାଲିମ କେନ୍ଦ୍ର; ଆମରେଲି ଓ ବନାସରେ ଉତ୍କର୍ଷତା କେନ୍ଦ୍ର; ରାଷ୍ଟ୍ରୀୟ ଗୋକୁଳ ମିଶନ ଅଧୀନରେ ଆସାମରେ ଆଇଭିଏଫ୍ ଲ୍ୟାବ ପ୍ରତିଷ୍ଠା; ମେହସାଣା, ଇନ୍ଦୋର ଓ ଭିଲୱାଡ଼ାରେ କ୍ଷୀର ପାଉଡର ପ୍ଲାଣ୍ଟ; ଆସାମର ତେଜପୁରରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ମାଛ ଖାଦ୍ୟ ପ୍ଲାଣ୍ଟ; କୃଷି-ପ୍ରକ୍ରିୟାକରଣ କ୍ଲଷ୍ଟର ପାଇଁ ଭିତ୍ତିଭୂମି, ସମନ୍ୱିତ ଶୀତଳ ଶୃଙ୍ଖଳା ଓ ମୂଲ୍ୟ ବୃଦ୍ଧି ଭିତ୍ତିଭୂମି ଆଦି ପ୍ରମୁଖ। ପ୍ରଧାନମନ୍ତ୍ରୀ ଆନ୍ଧ୍ରପ୍ରଦେଶର କୃଷ୍ଣାଠାରେ ସମନ୍ୱିତ ଶୀତଳ ଶୃଙ୍ଖଳା ଓ ମୂଲ୍ୟ ବୃଦ୍ଧି ଭିତ୍ତିଭୂମି (ବିକିରଣ); ଉତ୍ତରାଖଣ୍ଡରେ ଟ୍ରାଉଟ୍ ମତ୍ସ୍ୟଚାଷ; ନାଗାଲ୍ୟାଣ୍ଡରେ ସମନ୍ୱିତ ଜଳାଶୟ ପାର୍କ; ପୁଡୁଚେରୀର କରାଇକାଲରେ ସ୍ମାର୍ଟ ଏବଂ ସମନ୍ୱିତ ମାଛ ଧରିବା ବନ୍ଦର ଓ ଓଡ଼ିଶାର ହୀରାକୁଦରେ ଅତ୍ୟାଧୁନିକ ସମନ୍ୱିତ ଜଳାଶୟ ସମେତ ଅନେକ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଛନ୍ତି।

● ଆମେରିକାରେ ବିସ୍ଫୋରଣ

## ୧୯ରୁ ଉର୍ଦ୍ଧ୍ୱ ନିଖୋଜ



**ୱାଶିଂଟନ୍,୧୧।୧୦:** ଗତକାଲି ଆମେରିକାର ଟେନିସିରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିବା ଫଳରେ ଏହି ୧୯ରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ହୋଇଯାଇଛନ୍ତି। ଏକ ଗ୍ରାମୀଣ ସାମରିକ ବିସ୍ଫୋରକ ଉତ୍ପାଦନ କାରଖାନାରେ ଏହି ବିସ୍ଫୋରଣ ହୋଇଥିବା ବେଳେ ଅନେକଙ୍କ ମୃତ୍ୟୁ ମଧ୍ୟ ହୋଇଥିବା ଅନୁମାନ କରାଯାଉଛି। କିନ୍ତୁ ସେମାନଙ୍କ ସଂଖ୍ୟା ସମ୍ପର୍କରେ କିଛି ବି ସୂଚନା ମିଳିପାରିନାହିଁ। ଏହି ବିସ୍ଫୋରଣ ସମ୍ପର୍କରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ବାସିନ୍ଦା କହିଛନ୍ତି ଯେ ଏହି ଶକ୍ତିଶାଳୀ ବିସ୍ଫୋରଣ ଫଳରେ ପାଖାପାଖି ମାଇଲେ ଦୂରରେ ଥିବା ଘରଗୁଡ଼ିକୁ ଥରାଇଦେଇଥିଲା ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହିପରି ପାଖାପାଖି ୨୪ କିମି ଦୂରବର୍ତ୍ତୀ ଅଞ୍ଚଳ ମଧ୍ୟରେ ବସବାସ କରୁଥିବା ଲୋକେ ଏହି ବିସ୍ଫୋରଣର ଶବ୍ଦ ଶୁଣିବାକୁ ପାଇଥିଲେ। ଏନେଇ ହିକମ୍ୟାନ୍ କାଉଣ୍ଟି ସେରିଫଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ନାଶଭିଲ୍‌ଠାରୁ ପ୍ରାୟ ୯୭ କିମି ଦକ୍ଷିଣ-ପଶ୍ଚିମସ୍ଥିତ ବକ୍ସନୋର୍ଟ ସହର ନିକଟରେ ଥିବା ଆକ୍ୟୁରେଟ୍ ଏନର୍ଜେଟିକ୍ ସିଷ୍ଟମ୍‌ରେ ଏହି ବିସ୍ଫୋରଣ ହୋଇଥିଲା।

### ବିହାର ବିଧାନସଭା ନିର୍ବାଚନ

# କଂଗ୍ରେସର ୩୬ ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ

**ପାଟନା,୧୧।୧୦:** ଆଗାମୀ ବିହାର ବିଧାନସଭା ନିର୍ବାଚନ ଲାଗି ମହାମେଣ୍ଟରେ ଆସନ ବୁଝାମଣା ପ୍ରକ୍ରିୟା ଜାରି ରହିଛି। ମହାମେଣ୍ଟର ପ୍ରମୁଖ ଦଳ କଂଗ୍ରେସ ଏହାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିଥିବା ସୂଚନା ମିଳିଛି। ଏହି ତାଲିକାରେ ୩୬ ଜଣଙ୍କ ନାଁ ସ୍ଥାନ ପାଇଛି। କିନ୍ତୁ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ।

ମିଳିଥିବା ସୂଚନାନୁସାରେ କଂଗ୍ରେସର ସ୍କ୍ରିନିଂ କମିଟି ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। ନୂଆଦିଲ୍ଲୀରେ ବସିଥିବା ଏହି ବୈଠକରେ ପାଟନାରୁ ଦଳର ରାଜ୍ୟ ପ୍ରଭାରୀ କ୍ରିଷ୍ଣା ଆଲାଭୁରୁ, ରାଜ୍ୟ ସଭାପତି ରାଜେଶ ରାମ, ବିଧାୟକ ଦଳ ନେତା ସକିଲ ଅହମ୍ମଦ ଖାନ ଓ ଅନ୍ୟାନ୍ୟ ନେତାମାନେ ସାମିଲ ହୋଇଥିଲେ। ବୈଠକ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଆସିଥିବା ଆଶାୟୀ ପ୍ରାର୍ଥୀଙ୍କ ଆବେଦନ ଫର୍ମକୁ ଭଲ ଭାବେ ଯାଞ୍ଚ କରାଯାଇଥିଲା। ସେଥିରୁ କିଛି ପ୍ରାର୍ଥୀଙ୍କ ନାମରେ



ମୋହର ଲାଗିଛି।ପ୍ରଥମ ପର୍ଯ୍ୟାୟରେ ଦଳର ୩୬ ଜଣ ପ୍ରାର୍ଥୀଙ୍କ ନାମ ଅନୁମୋଦନ କରାଯାଇଥିବା କୁହାଯାଉଛି।ଖୁବଶୀଘ୍ର ସେମାନଙ୍କ ନାମ ଘୋଷଣା କରାଯିବା ସହ ଦଳୀୟ ଚିହ୍ନ ପ୍ରଦାନ କରାଯିବ।

ଏକ ବିଶେଷ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ମହାମେଣ୍ଟରେ ଦିନେ ଦୁଇ ଦିନ ଭିତରେ ଆସନ ବୁଝାମଣା ଚୂଡ଼ାନ୍ତ ହେବ। ଆସନ ଚୂଡ଼ାନ୍ତ ହେବା ପରେ କଂଗ୍ରେସ ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବିଧିବଦ୍ଧ ଭାବେ ଘୋଷଣା କରିବ। ଆସନ୍ତା ୧୫ ତାରିଖ ପରେ କଂଗ୍ରେସ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରାଯିବ ବୋଲି ସୂଚନା ମିଳିଛି। ବିହାର ବିଧାନସଭା ନିର୍ବାଚନ ଲାଗି ଦୁଇଟି ପର୍ଯ୍ୟାୟରେ ନଭେମ୍ବର ୬ ଓ ୧୧ରେ ଭୋଟ ଗ୍ରହଣ କରାଯିବ। ନଭେମ୍ବର ୧୪ରେ ଭୋଟ ଗଣତି ହେବା ସହ ଫଳାଫଳ ପ୍ରକାଶ ପାଇବ। ରାଜ୍ୟର ମୋଟ ୨୪୩ ବିଧାନସଭା ଆସନରୁ ପ୍ରଥମ ପର୍ଯ୍ୟାୟରେ ୧୨୧ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନରେ ମତଦାନ ହେବ। ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲର ଶେଷ ତାରିଖ ଆସନ୍ତା ୧୭ ରହିଛି। ସେହିପରି ୧୮ରେ ନାମାଙ୍କନପତ୍ର ଯାଞ୍ଚ ଓ ୨୦ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଲାଗି ନାମାଙ୍କନ ଦାଖଲର ଶେଷ ତାରିଖ ଅକ୍ଟୋବର ୨୦ ରହିଥିଲା ବେଳେ ୨୧ରେ ଯାଞ୍ଚ କରାଯିବ। ନାମାଙ୍କପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୩ ରଖାଯାଇଛି। ବିହାର ବିଧାନସଭାର କାର୍ଯ୍ୟକାଳ ଆସନ୍ତା ନଭେମ୍ବର ୨୨ରେ ଶେଷ ହେବ।

### ଆଫଗାନ୍ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଅବ୍ୟବସ୍ଥା

# ସାମ୍ବାଦିକାଙ୍କ ଏଣ୍ଟ୍ରି ଉପରେ ବ୍ୟାନ୍‌କୁ କଂଗ୍ରେସର ନିନ୍ଦା

**ନୂଆଦିଲ୍ଲୀ,୧୧।୧୦:** ସମ୍ପ୍ରତି ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତକି ୭ଦିନିଆ ଗସ୍ତରେ ଭାରତ ଆସିଛନ୍ତି। ଗତକାଲି ସେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଦୁଇ ନେତାଙ୍କ ସାକ୍ଷାତକାର ପରେ ମୁତ୍ତକିଙ୍କ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିଲା। କିନ୍ତୁ ଏଥିରେ ସାମ୍ବାଦିକାଙ୍କ ଏଣ୍ଟ୍ରି ଉପରେ ବ୍ୟାନ୍ ଲଗାଯାଇଥିଲା। ଏପରି ଏକ ନିଷ୍ପତ୍ତିକୁ ବିରୋଧୀ କଂଗ୍ରେସ କଡ଼ା ଭାଷାରେ ସମାଲୋଚନା କରିଛି। କଂଗ୍ରେସ ମହାସଚିବ ତଥା ୱାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧି କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏହା ଭାରତର ସକ୍ଷମ ମହିଳାଙ୍କ ପ୍ରତି ଅପମାନ। ଯଦି ପ୍ରଧାନମନ୍ତ୍ରୀଙ୍କ ମହିଳା ଅଧିକାରକୁ ସ୍ୱୀକୃତି କେବଳ ଗୋଟିଏ ନିର୍ବାଚନରୁ ଅନ୍ୟ ଏକ ନିର୍ବାଚନ



ପର୍ଯ୍ୟନ୍ତ ଲୋକଦେଖାଣିଆ ନୁହେଁ, ତା'ହେଲେ ଆମ ଦେଶର ସକ୍ଷମ ମହିଳାଙ୍କ ପ୍ରତି କିପରି ଅପମାନ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ଦଳରର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି ଚିଦାମ୍ବରମ ସୋସିଆଲ ମିଡିଆରେ ପୋଷ୍ଟ କରି ମଧ ଏହାକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆଫଗାନିସ୍ତାନ ମନ୍ତ୍ରୀ ମୁତ୍ତକିଙ୍କ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକାଙ୍କୁ ବ୍ୟାନ୍ କରିବା ନିଶ୍ଚିତ ଭାବେ ଏକ ଦୁର୍ଭାଗ୍ୟଜନକ ନିଷ୍ପତ୍ତି। ଏପରି ଅନ୍ୟାୟ ହେବା ସମୟରେ ଅନ୍ୟ ସାମ୍ବାଦିକମାନେ ମଧ ଏହି ସାମ୍ବାଦିକ ସମ୍ମିଳନୀକୁ ବହିଷ୍କାର କରିବାର ଥିଲା ବୋଲି ଶ୍ରୀ ଚିଦାମ୍ବରମ୍ କହିବା ସହ ଏହି ଅବସରରେ ଶ୍ରୀ ଜୟଶଙ୍କରଙ୍କୁ ମଧ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ଯେ ତାଲିବାନ ସହ ଆଲୋଚନା କରିବା ନେଇ ଆମର ଭୂ-ରାଜନୈତିକ ବାଧବାଧକତା ବୁଝିହେଉଛି। କିନ୍ତୁ ସେମାନଙ୍କର ପକ୍ଷପାତପୂର୍ଣ୍ଣ ଓ ରୀତିନୀତିକୁ ଗ୍ରହଣ କରିବା ଏକ ହାସ୍ୟାସ୍ପଦ ପଦକ୍ଷେପ। ତାଲିବାନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରୁ ମହିଳା ସାମ୍ବାଦିକମାନଙ୍କୁ ବାଦ ଦେବାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଶ୍ରୀ ଜୟଶଙ୍କରଙ୍କ ଆଚରଣ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଶ୍ରୀ ଚିଦାମ୍ବରମ୍ କହିଛନ୍ତି।

● ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ

## ୧୧ ମୃତ, ୫୦ ସୁରକ୍ଷାକର୍ମୀ ଆହତ

**ଇସଲାମାବାଦ,୧୧।୧୦:** ପାକିସ୍ତାନରେ ପୁଣିଥରେ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ହୋଇଛି। ଖାଇବର ପଖତୁନଖ୍ୱା ପ୍ରଦେଶର ଡେରା ଇସମାଇଲ ଖାନ ଜିଲ୍ଲାରେ ଆତଙ୍କବାଦୀମାନେ ଏପରି ଏକ ଆତ୍ମଘାତୀ ଆକ୍ରମଣ କରିଛନ୍ତି। ସେମାନେ ଏକ ପୁଲିସ ଟ୍ରେନିଂ ସ୍କୁଲକୁ ଟାର୍ଗେଟ୍ କରି ବିସ୍ଫୋରଣ ଘଟାଇବା ସହ ଆଖିବୁଜା ଗୁଳିମାଡ଼ ବି କରିଛନ୍ତି। ଏଥିରେ ୧୧ ଜଣ ସୁରକ୍ଷା କର୍ମୀ ଓ ସାଧାରଣ ନାଗରିକଙ୍କ ଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ସୁରକ୍ଷାକର୍ମୀ ଆହତ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଏପରି ଆକ୍ରମଣ ହୋଇଛି। ଆତଙ୍କବାଦୀମାନେ ପ୍ରଥମେ ପୁଲିସ ଟ୍ରେନିଂ ସ୍କୁଲ ମୁଖ୍ୟ ଗେଟ ଭିତରକୁ ଏକ ବିସ୍ଫୋରକ ବୋଝେଇ ଗାଡ଼ି ପୂରାଇବା ସହ ଏହାକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ପରେ ସେମାନେ ଆଖିବୁଜା ଗୁଳିମାଡ଼ ବି କରିଥିଲେ। ଆହୁରି ସେମାନେ ଗ୍ରେନେଡ ମାଡ଼ ବି କରିଥିଲେ। ଏନେଇ ଉଭୟ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପ୍ରାୟ ୫ ଘଣ୍ଟା ଧରି ସଂଘର୍ଷ ଚାଲିଥିଲା। ଆକ୍ରମଣ ସମୟରେ ଉକ୍ତ ପୁଲିସ୍ ଟ୍ରେନିଂ ସେଣ୍ଟରରେ ପ୍ରାୟ ୨୦୦ କର୍ମଚାରୀ ତାଲିମ ନେଉଥିଲେ।

# ସେବେଷ୍ଟିୟନ୍ ଲେକୋର୍ନୁ ପୁଣି ଫ୍ରାନ୍ସ ପ୍ରଧାନମନ୍ତ୍ରୀ ନିଯୁକ୍ତ

**ପ୍ୟାରିସ୍,୧୧।୧୦:** ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଭାବେ ପୁଣିଥରେ ସେବେଷ୍ଟିଆନ୍ ଲେକୋର୍ନଙ୍କୁ ନିଯୁକ୍ତି ଦିଆଯାଇଛି। ଆଜି ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଏହା ପୂର୍ବରୁ ଗତ ସୋମବାର ଲେକୋର୍ନୁ ନୂଆ ମନ୍ତ୍ରିମଣ୍ଡଳ ଘୋଷଣା ହେବାର ମାତ୍ର କେଇ ଘଣ୍ଟା ପରେ ହଠାତ ପଦରୁ ଇସ୍ତଫା ଦେଇଥିଲେ। ଏହି ଘଟଣାକ୍ରମ ପରେ ମାକ୍ରନ୍‌ଙ୍କ ଉପରେ ରାଷ୍ଟ୍ରପତି ପଦରୁ ଇସ୍ତଫା କିମ୍ବା ନ୍ୟାସନାଲ ଆସେମ୍ବ୍ଲିକୁ ଭଙ୍ଗ କରିବା ଚାପ ପୁଣିଥରେ ବଢ଼ିବାରେ ଲାଗିଥିଲା। ତେବେ ସେ ଏଭଳି କିଛି ପଦକ୍ଷେପ ଗ୍ରହଣ କରିବାକୁ ପୁଣିଥରେ ମନା କରିଦେଇଛନ୍ତି। ଏଥିସହ କିଛି ଦିନର ରାଜନୈତିକ ଅସ୍ଥିରତା ପରେ ପ୍ରଧାନମନ୍ତ୍ରୀଙ୍କୁ ପୁଣିଥରେ ନିଯୁକ୍ତ କରିଛନ୍ତି। ଏହାକୁ ଆର୍ଥିକ ଚ୍ୟାଲେଞ୍ଜ ଦେଇ ଗତି କରୁଥିବା ଦେଶରେ ଏକ ବର୍ଷରୁ ଅଧିକ ସମୟ ଧରି ରାଜନୈତିକ



ଗତିରୋଧକୁ ସମାଧାନ କରିବାର ଏକ ପ୍ରଚେଷ୍ଟା ଭାବେ ବିବେଚନା କରାଯାଉଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତିକୁ ମାକ୍ରନଙ୍କ ପାଇଁ ନିଜର ଦ୍ୱିତୀୟ ରାଷ୍ଟ୍ରପତି କାର୍ଯ୍ୟକାଳରେ ବରଦାନ ଭାବେ ଦେଖାଯାଉଛି। ମାକ୍ରନ୍‌ଙ୍କ ପାଖରେ ନିଜ ଏଜେଣ୍ଡାକୁ ଆଗକୁ ବଢ଼ାଇବା ପାଇଁ ନ୍ୟାସନାଲ ଆସେମ୍ବ୍ଲିରେ ବହୁମତ ନାହିଁ। ଏହାଛଡା ତାଙ୍କୁ ନା କେବଳ ବିରୋଧୀ ବରଂ ତାଙ୍କ ଗୋଷ୍ଠୀର ସଦସ୍ୟଙ୍କୁ ମଧ୍ୟ କଡ଼ା ସମାଲୋଚନାର ଶିକାର ହେବାକୁ ପଡୁଛି। ଗତବର୍ଷ ମାକ୍ରନଙ୍କ ନେତୃତ୍ୱାଧିକ ସଂଖ୍ୟାଲଘୁ ସରକାର ଲଗାତାର ଅସ୍ତିତ୍ୱ ସଙ୍କଟ ଦେଇ ଗତି କରୁଛି। ଯାହା ଫଳରେ ୟୁରୋପୀୟ ସଂଘର ଦ୍ୱିତୀୟ ସବୁଠାରୁ ବଡ଼ ଅର୍ଥ ବ୍ୟବସ୍ଥା ଫ୍ରାନ୍ସ ରାଜନୈତିକି ଗତିରୋଧରେ ଫସିରହିଯାଇଛି ଓ ତାଙ୍କ ଉପରେ ଋଣ ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ଅର୍ଥମନ୍ତ୍ରୀ ୨୦୨୪-୨୫ର ପ୍ରଥମ ତ୍ରୟମାସିକ ଶେଷରେ ଫ୍ରାନ୍ସର ସାର୍ବଜନିକ ଋଣ ୩୩.୪୬ ଖବର ୟୁରୋ ଥିଲା, ଯାହାକି ତା'ର ଜିଡିପିର ୧୧୪ ପ୍ରତିଶତ।

### ଭୋକରେ ଆଉଟୁପାଉଟୁ ହେଉଛନ୍ତି ଉତ୍ତର କୋରିଆବାସୀ

# ବିକଳରେ ଖାଉଛନ୍ତି ବାଘ, ଭାଲୁ ପରି ଜୀବଜନ୍ତୁ

**ନୂଆଦିଲ୍ଲୀ,୧୧।୧୦:** ଉତ୍ତର କୋରିଆରେ ଯଦି ଖାଦ୍ୟ ଥାଳିରେ ବାଘ ମାଂସ ପରସାଯାଏ, ତା'ହେଲେ କେହି ବି ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ। କାରଣ ଏଠାରେ ଲୋକେ ଏବେ ବାଘ, ଭାଲୁ ଓ ଓଧ ଭଳି ଜନ୍ତୁଙ୍କ ମାଂସ ଖାଉଛନ୍ତି। ତେବେ ସେମାନେ ସଉକରେ ଏମାନଙ୍କ ଶିକାର କରୁନାହାନ୍ତି, ବରଂ ଭୋକରେ ଆଉଟୁପାଉଟୁ ହେଉଥିବାରୁ ବିକଳରେ ଯେଉଁ ଜନ୍ତୁଙ୍କ ମାଂସ ଖାଇବାଯୋଗ୍ୟ ନୁହେଁ, ସେମାନଙ୍କୁ ବାଧ୍ୟହୋଇ ମାରି ଖାଉଛନ୍ତି।

ଉତ୍ତର କୋରିଆବାସୀ କ୍ଷୁଧାର ଜ୍ୱାଳା



ସହିପାରୁନାହାନ୍ତି। ସେଥିପାଇଁ ବାଘ ଓ ଭାଲୁ ଭଳି ଜନ୍ତୁଙ୍କୁ ରାନ୍ଧି ଖାଉଛନ୍ତି। ଏଠାରେ ଲୋକେ ଅନେକ ବର୍ଷ ହେଲା ଦୁର୍ଭିକ୍ଷ ସହ ସଂଘର୍ଷ କରୁଛନ୍ତି। ଉତ୍ତର କୋରିଆ ସୁପ୍ରିମୋ କିମ୍ ଜୋଙ୍ଗ-ଉନ୍ ବିଳାସପୂର୍ଣ୍ଣ ଜୀବନ ନିର୍ବାହ କରୁଛନ୍ତି। କିନ୍ତୁ ଦେଶବାସୀଙ୍କୁ ଭୋକରେ ରଖିଛନ୍ତି, ଯେଉଁଥିପାଇଁ ସେ ସର୍ବଦା ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏଠାରେ ରାଜ୍ୟ ବ୍ୟବସ୍ଥା ଧ୍ୱସ୍ତ ହୋଇସାରିଛି। ଖାଦ୍ୟ ସଙ୍କଟ ଚରମରେ ପହଞ୍ଚିଛି। ଏହି ସ୍ଥିତିରେ ବିଲୁପ୍ତିର ଦ୍ୱାରରେ ଥିବା ଦୁର୍ଲଭ ଜନ୍ତୁଙ୍କ ଶିକାର କରିବାକୁ ମଧ୍ୟ ଲୋକେ ପଛାଉ ନାହାନ୍ତି। ଦେଶରୁ ବାହାରିଥିବା ୪୨ ଜଣଙ୍କ ସହ ଆଲୋଚନା ପରେ ଏହି ଚିତ୍ର ସାମ୍ନାକୁ ଆସିଛି। ଏମାନେ ସାହସ ଜୁଟାଇ ଏକଚ୍ଛତ୍ରବାଦ ଶାସନାଧୀନ ନିଜ ଦେଶର ଜୀବନସ୍ତର ବିଷୟରେ ଗଣମାଧ୍ୟମକୁ କହିଛନ୍ତି। ୟୁନିଭର୍ସିଟି କଲେଜ ଲଣ୍ଡନର ଜୋଶୁଆ ଏଲ୍‌ଭେସ-ପାଓ୍ୱେଲ ଗଣମାଧ୍ୟମକୁ କହିଛନ୍ତି ଯେ ଶୁଣିବାକୁ ଏହା ଅଜବ ଲାଗିପାରେ। କିନ୍ତୁ ଉତ୍ତର କୋରିଆରେ ଖାଦ୍ୟ ଭାବେ ବ୍ୟବହାର କରାଯାଉନଥିବା ସମସ୍ତ ଛୋଟ-ବଡ଼ ଜନ୍ତୁଙ୍କର ଶିକାର କରାଯାଉଛି। ଦେଶରେ ବିତରଣ ପ୍ରଣାଳୀ ଧ୍ୱସ୍ତ ହେବା ପରେ ଜନ୍ତୁଙ୍କର ବ୍ୟାପକ ଶିକାର ଆରମ୍ଭ ହୋଇଛି। ଏଥିରେ ସର୍ବାଧିକ ବାଘ ଶିକାର କରାଯାଉଛି, ତାହା ପୁଣି କେବଳ ଭୋଜନ ପାଇଁ।

୧୯୯୦ ଦଶକ ପରେ ପ୍ରଥମ ଥର ଦୁର୍ଭିକ୍ଷ ଯୋଗୁ ଉତ୍ତର କୋରିଆବାସୀ ଦ୍ୱିପ୍ରହର ଭୋଜନ ନ ପାଇଁ ଭୋକରେ ରହୁଛନ୍ତି। ଏଠାରେ ଭୋକରେ ଥିବା ସ୍ଥାନୀୟ ଲୋକଙ୍କ ପାଇଁ ଦୁର୍ଲଭ ପ୍ରଜାତି ଯଥା- ସାଇବେରିଆ ବାଘ, ଅମୂର ଚିତାବାଘ ଓ ସେବଲ ଆଦି (ଏକପ୍ରକାର ନେଉଳ) ଖାଦ୍ୟ ପାଲଟିଛନ୍ତି। ରାତ୍ରିଭୋଜନରେ ପରସା ଯାଉଥିବା ଅନ୍ୟ ଜନ୍ତୁଙ୍କ ମଧ୍ୟରେ ଭାଲୁ, ଓଧ, ହରିଣ ଓ ଲମ୍ବା ଲାଞ୍ଜଯୁକ୍ତ ଗୋରଲ (ଛେଳି ଭଳି ପଶୁ) ସାମିଲ। ଏପରିକି କୋକିଶିଆଳି, ବେଜର ମଧ୍ୟ ଏମାନଙ୍କ ଭୋଜନରେ ସାମିଲ ହୋଇଛନ୍ତି।

## ଦକ୍ଷିଣ ଆମେରିକାରେ ଭୂକମ୍ପ

### ତୀବ୍ରତା ଥିଲା ୭.୮



**ନୂଆଦିଲ୍ଲୀ,୧୧।୧୦:** ଦକ୍ଷିଣ ଆମେରିକାରେ ଆଜି ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଛି। ଦକ୍ଷିଣ ଆମେରିକା ଓ ଆଣ୍ଟାର୍କଟିକା ମଧରେ ଥିବା ଡ୍ରେକ୍ ପାସେଜରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିବା ବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୮ ରେକର୍ଡ କରାଯାଇଛି। ଯୁକ୍ତରାଷ୍ଟ୍ର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିମି ଗଭୀରତାରେ ଅବସ୍ଥିତ, ଯେଉଁଠାରେ ଭୂମିକମ୍ପ ପ୍ରାୟତଃ ବିନାଶକାରୀ ପ୍ରମାଣିତ ହୁଏ। ଭୂମିକମ୍ପ ପରେ ପ୍ରଶାନ୍ତ ମହାସାଗର ସୁନାମି ସତର୍କତା କେନ୍ଦ୍ର ଏକ ସୁନାମି ଚେତାବନୀ ଜାରି କରିଥିଲା, ଉପକୂଳବାସୀଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲା। ସମୁଦ୍ରରେ କାର୍ଯ୍ୟରତ ଜାହାଜଗୁଡ଼ିକୁ ମଧ ସତର୍କ କରାଯାଇଥିଲା। ମତ୍ସ୍ୟଜୀବୀମାନଙ୍କୁ ଫେରିଯିବା ଏବଂ ସମୁଦ୍ରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କର ନାଗରିକମାନଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଦକ୍ଷିଣ ଚିଲିକୁ ମଧ ଏକ ସତର୍କତା ପଠାଯାଇଥିଲା। ଚିଲି କର୍ତ୍ତୃପକ୍ଷ ଆଣ୍ଟାର୍କଟିକା ଏବଂ ଦକ୍ଷିଣ ଆମେରିକାର ଦକ୍ଷିଣତମ ପ୍ରାନ୍ତରେ ଅବସ୍ଥିତ କେପ୍ ହର୍ଣ୍ଣ ଅଞ୍ଚଳରେ ଥିବା ପ୍ରାଟ୍ ଏବଂ ଓ'ହିଗିନ୍ସ ସାମରିକ ଘାଟି ଉପରେ ସମ୍ଭାବ୍ୟ ପ୍ରଭାବ ବିଷୟରେ ଚେତାବନୀ ଦେଇଛନ୍ତି। ଡ୍ରେକ୍ ପାସେଜ୍ ଆଟଲାଣ୍ଟିକ୍ ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରୁଥିବା ବେଳେ ଏହା ପ୍ରାୟ ୬୦୦ ମାଇଲ୍ ଚଉଡାବିଶିଷ୍ଟ ଜଳପଥ। ଡ୍ରେକ୍ ପାସେଜ୍ ଦକ୍ଷିଣ ଆମେରିକାର କେପ୍ ହର୍ନ ଏବଂ ଆଣ୍ଟାର୍କଟିକାର ଦକ୍ଷିଣ ସେଟଲ୍ୟାଣ୍ଡ ଦ୍ୱୀପପୁଞ୍ଜ ମଧରେ ରହିଛି। ଡ୍ରେକ୍ ପାସେଜ୍ ଏହାର ଝଡ଼ ପବନ, ରିପ୍ ସ୍ରୋତ ଏବଂ ଉଚ୍ଚ, ବିନାଶକାରୀ ତରଙ୍ଗ ପାଇଁ କୁଖ୍ୟାତ, ଯାହା ଆଣ୍ଟାର୍କଟିକା ସର୍କମ୍ପୋଲାର୍ ସ୍ରୋତ ଦ୍ୱାରା ବୃଦ୍ଧି ପାଇଥାଏ। ପ୍ରକାଶ ଥାଉକି,ଏହା ପୂର୍ବରୁ ଶୁକ୍ରବାର ଫିଲିପାଇନ୍ସ ସମୁଦ୍ରରେ ରିକ୍ଟର ସ୍କେଲରେ ୬.୯ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ରେକର୍ଡ କରାଯାଇଥିଲା। ଏହି ଭୂମିକମ୍ପ ସନ୍ଧ୍ୟା ୪ଟ ୪୨ ରେ ଅନୁଭୂତ ହୋଇଥିଲା, ଯାହାର ଗଭୀରତା ପ୍ରାୟ ୧୦ କିମି ଥିଲା। ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ୭.୩୨° ଉତ୍ତର ଅକ୍ଷାଂଶ ଏବଂ ୧୨୬.୫୯° ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା।

● ଆବୁଧାବିରେ ପହଞ୍ଚିଲେ ଆଫ୍ରିକା ରାଜା

## ୧୫ ରାଣୀ, ୩୦ ପିଲାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ



**ଆବୁଧାବି,୧୧।୧୦:** ଜଣେ ରାଜା ଆଉ ତାଙ୍କର ୧୫ ରାଣୀ। ଅଧିକନ୍ତୁ ସେମାନଙ୍କର ୩୦ ଜଣ ପିଲା। ଏକବିଂଶ ଶତାବ୍ଦୀରେ ବି ଏପରି ମି ଜଣେ ରାଜା ଅଛନ୍ତି। ଆଫ୍ରିକୀୟ ଦେଶ ଇସୱାତିନିର 'ରାଜା ମସ୍ୱାତି ତୃତୀୟ' ପୁଣିଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ ଭିନ୍ନ ଜୀବନଶୈଳୀ ପାଇଁ ସେ ବେଶ୍ ଜଣାଶୁଣା। ରାଜା ମସ୍ୱାତି ନିଜ ରାଣୀ ଓ ପିଲାଙ୍କୁ ନେଇ ୟୁଏଇ ବା ଆବୁଧାବି ଗସ୍ତ କରିଛନ୍ତି। ମସ୍ୱାତି ନିଜ ପ୍ରାଇଭେଟ୍ ଜେଟ୍ ଯୋଗେ ଆବୁଧାବି ବିମାନବନ୍ଦରରେ ପହଞ୍ଚିବା ପରେ ବିମାନ ବନ୍ଦରରେ ଉପସ୍ଥିତ ଥିବା ଯାତ୍ରୀ ଏବଂ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାହିଁକିନା ସେ ତାଙ୍କର ୧୫ ପତ୍ନୀ, ୩୦ ପିଲା ଓ ପ୍ରାୟ ୧୦୦ ଚାକରଙ୍କୁ ନେଇ ବିମାନରୁ ଓହ୍ଲାଇଥିଲେ। ଏକକାଳୀନ ଏତେ ସଂଖ୍ୟକ ଯାତ୍ରୀ ଓହ୍ଲାଇବାରୁ ବିମାନ କର୍ମଚାରୀଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବେଶ୍ ଆହ୍ୱାନପୂର୍ଣ୍ଣ ହୋଇଥିଲା। ଏପରିକି ଅଧିକାରୀମାନେ ବାଧ୍ୟ ହୋଇ ୩ଟି ଟର୍ମିନାଲକୁ ବନ୍ଦ କରିଦେଇଥିଲେ। ଆଫ୍ରିକୀୟ ଶେଷ ରାଜବଂଶର ରାଜା ମସ୍ୱାତି ଓ ତାଙ୍କ ରାଣୀ ଏବଂ ପିଲାଙ୍କର ସ୍ୱତନ୍ତ୍ର ପୋଷାକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଅର୍ଥନୈତିକ ଚୁକ୍ତିନାମା ଉପରେ ଆଲୋଚନା କରିବା ପାଇଁ ରାଜା ମସ୍ୱାତି ଆବୁଧାବି ଗସ୍ତ କରିଛନ୍ତି। କିନ୍ତୁ ଏହି ଚୁକ୍ତିନାମା ଅପେକ୍ଷା ଅଧିକ ଧ୍ୟାନ ଆକର୍ଷଣ କରିଛି ରାଜାଙ୍କ ପରିବାର। ପ୍ରାୟ ୧୫୦ ଲୋକଙ୍କ ସହ ରାଜା ଆବୁଧାବି ଆସିଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ମସ୍ୱାତି ୧୯୮୬ରୁ ଇସୱାତିନିର ରାଜା ଭାବେ କାର୍ଯ୍ୟ କରୁଛନ୍ତି। ମସ୍ୱାତିଙ୍କ ସମ୍ପତ୍ତି ପରିମାଣ ପାଖାପାଖି ୧ ଆରବ ଡଲାର ହୋଇଥିବା ବେଳେ ତାଙ୍କର ଅନେକଗୁଡ଼ିଏ ବିଳାସପୂର୍ଣ୍ଣ ପ୍ରାସାଦ, ଲଗଜରୀ କାର ଓ ପ୍ରାଇଭେଟ୍ ଜେଟ୍ ବି ରହିଛି। ତେବେ ମସ୍ୱାତିଙ୍କର ୧୫ ଜଣ ରାଣୀ ଥିଲେ ହେଁ ତାଙ୍କ ବାପା ୧୨୫ ଜଣ ମହିଳାଙ୍କୁ ବିବାହ କରିଥିଲେ। ରାଜା ମସ୍ୱାତି ପ୍ରତିବର୍ଷ ରିଡ୍ ନୃତ୍ୟ ସମାରୋହରେ ତାଙ୍କ ପାଇଁ ନୂଆ ସ୍ତ୍ରୀ ବାଛିଥାନ୍ତି, ଯାହାକି ଇସୱାତିନିର ଏକ ପାରମ୍ପରିକ ପ୍ରଥା।

### ୨ୟ ଟେଷ୍ଟର ଦ୍ୱିତୀୟ ଦିନ

# ୱେଷ୍ଟଇଣ୍ଡିଜ୍ ୧୪୦/୪, ଭାରତଠାରୁ ୩୭୮ ରନ ପଛୁଆ

**ନୂଆଦିଲ୍ଲୀ,୧୧।୧୦ :** ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଉଥିବା ୨ୟ ଟେଷ୍ଟର ୨ୟ ଦିନ ଖେଳ ସମାପ୍ତ ହୋଇଛି। ଆଜିର ଷ୍ଟମ୍ପ ଅପସାରଣ ବେଳକୁ ୱେଷ୍ଟଇଣ୍ଡିଜ୍ ୪ ୱିକେଟ ହରାଇ ୧୪୦ ରନ କରିଛି। ଏହାସହିତ ୱେଷ୍ଟଇଣ୍ଡିଜ୍ ଭାରତଠାରୁ ୩୭୮ ରନରେ ପଛୁଆ ରହିଛି। ଦଳ ପକ୍ଷରୁ ଟାଙ୍ଗାରିନ ଚନ୍ଦ୍ରପୋଲ ୩୪ରନ କରିଥିବା ବେଳେ ଆଲିକ୍ ଆଠାନାଜେ ୪୧ ରନ କରିଥିଲେ। ସେହିପରି ସାଇ ହୋପ ୩୧ ରନ କରିଥିଲେ।



ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିଜର ପ୍ରଥମ ଇନିଂସରେ ଭାରତ ୫୧୮ ରନ କରି ପାଳି ସମାପ୍ତି ଘୋଷଣା କରିଥିଲା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୧୭୫ ରନ କରିଥିବା ବେଳେ ଶୁବମନ ଗିଲ୍ ୧୨୯ ରନ କରିଥିଲେ। ଜୟସ୍ୱାଲ ଓ କେଏଲ ରାହୁଲ ପ୍ରଥମ ୱିକେଟ ଯୋଡ଼ିରେ ୫୮ ରନ ଯୋଗ କରିବା ପରେ ରାହୁଲ ୩୮ ରନ କରି ଆଉଟ ହୋଇଥିଲେ। ଏହା ପରେ ସାଇ ସୁଦର୍ଶନ ଓ ଜୟସ୍ୱାଲଙ୍କ ମଧ୍ୟରେ ଏକ ୧୯୩ ରନର ପାର୍ଟନରସିପ ଦେଖିବାକୁ ମିଳିଥିଲା। ସୁଦର୍ଶନ ୮୭ ରନ କରି ଆଉଟ ହୋଇଥିବା ବେଳେ ନୀତିଶ ରେଡ୍ଡି ୪୩ ରନ କରିଥିଲେ। ଧ୍ରୁବ ଜୁରେଲ ୪୪ ରନ କରିବାକୁ ସମର୍ଥ ହୋଇଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜୋମେଲ ୱାରିକାନ ୩ଟି ୱିକେଟ୍ ନେଇଥିବା ବେଳେ ରୋଷ୍ଟନ ଚେଜ୍ ଗୋଟିଏ ୱିକେଟ ନେଇଥିଲେ।

# ଏସିଆନ୍ ଟେବଲ୍ ଟେନିସ୍ ଟିମ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ):** ଆଜିଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ୍ ଟେବଲ୍ ଟେନିସ୍ ଟିମ୍ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଛି। ଏହାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଘାଟନ କରି କହିଛନ୍ତି ଯେ ଇତିମଧ୍ୟରେ ରାଜ୍ୟ ବିଶ୍ୱର ଅନ୍ୟତମ ପ୍ରମୁଖ କ୍ରୀଡ଼ା ଆୟୋଜନସ୍ଥଳରେ ପରିଣତ ହୋଇପାରିଛି। ଆଜିଠାରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ବିଶ୍ୱର ଶୀର୍ଷ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଥିବା ବେଳେ ଏଥିରେ ଭାଗ ନେବାକୁ ଥିବା ୨୨ଟି ଦେଶର ପ୍ରତିନିଧିଙ୍କୁ ସ୍ୱାଗତ କରି ସେ ବେଶ୍ ଉତ୍ସାହିତ ବୋଲି ଶ୍ରୀ ସୂରଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଟିଟିୟୁର କାର୍ଯ୍ୟକାରୀ ଆଞ୍ଚଳିକ ଉପସଭାପତି ତଥା ରାଜ୍ୟଗୋଷ୍ଠୀ ଟେବଲ୍ ଟେନିସ୍ ସଭାପତି ଶେଖ୍ ହୟାତ୍ ଅଲ୍ ଖଲିଫା, ଟିଟିଏଫ୍‌ଆଇ ସଭାପତି ଦୁଶ୍ୟନ୍ତ ଚୌତାଲା, ଓଡ଼ିଶା ଟେବଲ୍ ଟେନିସ୍ ଆସୋସିଏସନ୍ ସଭାପତି ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# ଡାଲି ସ୍ୱାବଲମ୍ବନ ମିଶନ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୧୧।୧୦(ସଂଚାର ବ୍ୟୁରୋ):** ଅନ୍ନଦାତାଙ୍କ ସମ୍ମାନ, ସମୃଦ୍ଧ ରାଷ୍ଟ୍ରର ନିର୍ମାଣ ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରର କୃଷକ ଭାଇ ଭଉଣୀଙ୍କ ପାଇଁ କୃଷି, ପଶୁପାଳନ, ମତ୍ସ୍ୟ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ପାଇଁ ୪୨୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୧୧୦୦ ରୁ ଉର୍ଦ୍ଧ୍ୱ ପରିଯୋଜନାର ଶୁଭ ଉଦଘାଟନ ଆଭାସୀ ମାଧ୍ୟମରେ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା, ଡାଲି ସ୍ୱାବଲମ୍ବନ ମିଶନର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଉଦଘାଟନ ସମାରୋହରେ ଭୁବନେଶ୍ୱର ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ଅନୁଷ୍ଠାନରେ ଓଡିଶା ସରକାରଙ୍କ ଗୃହ, ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ ଏବଂ ଉପସ୍ଥିତ କୃଷକ ଭାଇ ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ।

ନିଜ ଅଭିଭାଷଣରେ ମନ୍ତ୍ରୀ ଡକ୍ଟର ମହାପାତ୍ର ପ୍ରଧାନମନ୍ତ୍ରୀଙ୍କ କୁଶଳ ନେତୃତ୍ୱରେ ଦେଶର ଦ୍ରୁତ ପ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ମୋଦିଙ୍କର ଲକ୍ଷ୍ୟ ହେଉଛି ଭାରତର କୃଷକକୁ ସଶକ୍ତ କରି ଦେଶକୁ ବିଶ୍ୱର ଭାତହାଣ୍ଡି କରି ଗଢି ତୋଳିବା। ସରକାରଙ୍କ ଲକ୍ଷ୍ୟ ହେଉଛି ଡାଲି ଜାତୀୟ ଫସଲର ପରିଧିକୁ ୨୭.୫ ନିୟୁତ ହେକ୍ଟରରୁ ବୃଦ୍ଧି କରି ବର୍ଷ ୨୦୩୦-୩୧ ସୁଦ୍ଧା ୩୧ ନିୟୁତ ହେକ୍ଟରରେ ପହଞ୍ଚାଇବା। ଚାଷୀ ଭାଇମାନଙ୍କୁ ୧୨.୬ ନିୟୁତ କୁଇଣ୍ଟାଲ ପ୍ରାମାଣିକ ବିହନ ଓ ପାଖା ପାଖି ୮୮ ଲକ୍ଷ ମାଗଣା ମଞ୍ଜି ମିନି କିଟ ବଣ୍ଟନ କରାଯିବ। ସମଗ୍ର ଦେଶରେ ୧୦୦୦ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି , ଯେଉଁଥିରେ ପ୍ରତି ୟୁନିଟ ପିଛା ୨୫ ଲକ୍ଷ ଟଙ୍କାର ସବସିଡି ବ୍ୟବସ୍ଥା ରହିଛି। ଏହି ଅବସରରେ ଏକ ବୈଜ୍ଞାନିକ-କୃଷକ ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା। ଯେଉଁଥିରେ କଟକ, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲ୍ଲାର ୨୦୦ ରୁ ଉର୍ଦ୍ଧ୍ୱ କୃଷକ ଭାଇ ଓ ଭଉଣୀ ଯୋଗ ଦେଇଥିଲେ।

■ ଚର୍ଚ୍ଚାରେ ଗଞ୍ଜାମ: ରାଜନୀତିରେ ଗଡ଼ୁଛି ନେତାଙ୍କ ମୁଣ୍ଡ

# ପତିଆରା, ଦବଦବା, ବ୍ୟାବସାୟିକ ଶତ୍ରୁତା ମୁଖ୍ୟ କାରଣ



**ବ୍ରହ୍ମପୁର,୧୧।୧୦:** ଗଞ୍ଜାମ ରାଜନୀତିରେ ନେତାଙ୍କ ମୁଣ୍ଡ ଗଡୁଛି। ୫୦ବର୍ଷର ଇତିହାସ ଗଞ୍ଜାମ ଜିଲ୍ଲାରେ ନେତାଙ୍କ ମର୍ଡରର କଥା କହେ। ରାଜନୈତିକ ଦୃଷ୍ଟିକୋଣରୁ ଗଞ୍ଜାମ ସାରା ରାଜ୍ୟରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ସେହିପରି ରାଜନୀତିରେ ଅପରାଧ ପାଇଁ ବି ଏହି ଜିଲ୍ଲା ସେତିକି କଳଙ୍କିତ। ରାଜନୀତିକ ବ୍ୟକ୍ତିଙ୍କ ହତ୍ୟାର ଲମ୍ବା ଫର୍ଦ୍ଦ ରହିଛି। ୧୯୭୪ରେ କଂଗ୍ରେସ ଛାତ୍ର ନେତା ରବି ମହାପାତ୍ରଙ୍କୁ ଅନ୍ନପୂର୍ଣ୍ଣା ମାର୍କେଟ ଛକରେ ହତ୍ୟା, ୧୯୮୨ରେ ଓଡ଼ିଶା ନିର୍ମାଣ ସମିତିର ଜନ୍ମଦାତା ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କୁ ନରେନ୍ଦ୍ରପୁର ଠାରେ ଅମାନୁଷିକ ହତ୍ୟା, ୧୯୮୪ରେ ସିପିଆଇର ବରିଷ୍ଠ ନେତା ଲକ୍ଷ୍ମଣ ମହାପାତ୍ରଙ୍କୁ ହତ୍ୟା କେବଳ ରାଜନୈତିକ ଦବଦବା ଓ ପତିଆରା ଜାହିର କରିବା ପାଇଁ ହୋଇଥିଲା। ଏହା ପରେ ବି ସହରଠାରୁ ଗାଁ ଯାଏଁ ଏହା ଥମିବାର ନାଁ ନେଉନି। ତେବେ ଏହାପରେ ଅପରାଧିକ କାର୍ଯ୍ୟକଳାପ ବ୍ୟକ୍ତି ଓ ମଦ ବେପାର ବି ପଲିଟିକାଲ ହତ୍ୟାର ଅନ୍ୟ ଏକ କାରଣ ହୋଇଥିଲା। ୧୯୯୮ରେ ଆସିକା ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ସାହିବ ପରିଡ଼ାଙ୍କୁ ହତ୍ୟା, ୨୦୦୨ରେ ଆସିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଉମାଚରଣ ବିଷୋୟୀଙ୍କୁ ହତ୍ୟା ଓ ଏଥିରେ ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ାଙ୍କ ପୁଅ ସୁଦୁରଙ୍କ ସଂପୃକ୍ତି, ୨୦୧୦ ଜାନୁୟାରୀ ୧ରେ ବିଜେଡିର ଯୁବ ନେତା ଚିକେନ୍ ରବି ଓରଫ ରବି ବେହେରାଙ୍କୁ ଗୁଳି ମାରି ହତ୍ୟା, ୨୦୧୩ରେ ଶେରଗଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମକରା ଗୌଡ଼ଙ୍କୁ ହତ୍ୟା, ୨୦୧୫ରେ ବୁଗୁଡ଼ା ଏନ୍ଏସି ପୂର୍ବତନ ଅଧ୍ୟକ୍ଷ ବାଳକୃଷ୍ଣ ପାତ୍ରଙ୍କୁ ଗୁଳି ମାରି ହତ୍ୟା, ୨୦୧୭ରେ ବିଜେଡି ଯୁବ ନେତା ତଥା କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା, ୨୦୧୯ରେ ଆସିକା କଂଗ୍ରେସ ପ୍ରାର୍ଥୀ ମନୋଜ ଜେନାଙ୍କୁ ହତ୍ୟା, ୨୦୨୧ରେ ବେଗୁନିଆପଡ଼ା ବ୍ଲକର ସର୍ବତନ ଅଧ୍ୟକ୍ଷ ଦେବରାଜ ସାହଙ୍କ ହତ୍ୟା। ଏହି ସବୁ ଘଟଣା ରାଜନେତାଙ୍କ ଉପରେ ବ୍ୟବସାୟିକ ଶତ୍ରୁତା, ମଦ ବେପାରକୁ ନେଇ ଘଟିଥିଲା। ତେବେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ଏହାର ଆଖପାଖ ଅଂଚଳରେ ବାରମ୍ବାର ହତ୍ୟାକାଣ୍ଡକୁ ଦେଖି ୧୯୮୪ରେ ବ୍ରହ୍ମପୁର ପୁଲିସ ଜିଲ୍ଲା ଗଠିତ ହୋଇଥିଲା। ଏହାପରେ ବି ୪୦ବର୍ଷ ମଧ୍ୟରେ ଘଟିଯାଇଛି ୪୦ରୁ ଉର୍ଦ୍ଧ୍ୱ ଗାଁ ଠାରୁ ଜିଲ୍ଲାଯାଏଁ ୫୦ରୁ ଉର୍ଦ୍ଧ୍ୱ ହତ୍ୟା। ଗତ ୨୦୨୪ ନିର୍ବାଚନ ସମୟରେ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ଜଣେ ବିଜେପି ନେତାଙ୍କୁ ହତ୍ୟା, ବର୍ତ୍ତମାନ ବିଜେପିର ବରିଷ୍ଠ ନେତା ପୀତବାସ ପଣ୍ଡାଙ୍କୁ ହତ୍ୟା ଭଳି ବହୁ ହତ୍ୟାକାଣ୍ଡ ଗଞ୍ଜାମ ସମେତ ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଛି।

# ମେକ୍ସିକୋରେ ବର୍ଷାର ତାଣ୍ଡବ, ୨୮ ମୃତ

**ମେକ୍ସିକୋ ସିଟି,୧୧।୧୦:** ମେକ୍ସିକୋରେ ପ୍ରବଳ ବର୍ଷା ତାଣ୍ଡବ ରଚିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଦେଶରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷକରି ମଧ୍ୟ ଓ ଦକ୍ଷିଣ-ପୂର୍ବ ମେକ୍ସିକୋରେ ପ୍ରବଳ ବର୍ଷା ଯୋଗୁଁ ଏକାଧିକ ସ୍ଥାନରେ ଭୂସ୍ଖଳନ ହୋଇଛି। ଫଳତଃ ଘର ଓ ରାସ୍ତାଘାଟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଲଗାଣ ପ୍ରବଳ ବର୍ଷା ଯୋଗୁଁ ସମଗ୍ର ଦେଶରେ ଅତି କମରେ ୨୮ ଜଣଙ୍କର ପ୍ରାଣହାନି ହୋଇଥିବା କୁହାଯାଇଛି। ପ୍ରଭାବିତ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଜାରି ହୋଇଥିବା ଭିଡିଓରେ ପ୍ରକୃତିର ତାଣ୍ଡବ ପରିଲକ୍ଷିତ ହେଉଛି। କେଉଁଠି ରାସ୍ତା ଉପରେ ବଢି ପାଣି ମାଡିଗଲାଣି ତ ଆଉ କେଉଁଠି ଯାନବାହନ ଏବଂ ଘରଗୁଡ଼ିକ ପାଣିରେ ବୁଡ଼ି ରହିଛି। ତେବେ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରିପୋର୍ଟ ଅନୁଯାୟୀ, ମେକ୍ସିକୋ ସରକାର ଲୋକମାନଙ୍କୁ ସହାୟତା କରିବା ପାଇଁ ପ୍ରାୟ ୮,୭୦୦ ସାମରିକ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ଏହି ବର୍ଷାରେ ରାଜ୍ୟ ହିଡାଲ୍ଗୋ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ସେଠାରେ ୧୬ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ଭୂସ୍ଖଳନ ଓ ବନ୍ୟା ଯୋଗୁଁ ମଧ୍ୟ ପାଖାପାଖି ଏକ ହଜାର ଘର, ୫୯ରୁ ଉର୍ଦ୍ଧ୍ୱ ଡାକ୍ତରଖାନା ଓ ୩୦୮ରୁ ଅଧିକ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ଆହୁରି ରାଜ୍ୟର ନଗରପାଳିକା ଅଧିନରେ ଥିବା ପାଖାପାଖି ୧୭ରୁ ଅଧିକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡ଼ିଛି। ସେହିପରି ପଡୋଶି ରାଜ୍ୟ ପୁଏବ୍ଲାର ରାଜ୍ୟପାଳ ଏଲେଜାଣ୍ଡ୍ରୋ ଉର୍ମିଟା କହିଛନ୍ତି ଯେ ଏହି ପ୍ରାକୃତିକ ଦୁର୍ବିପାକରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ ଜଣ ନିଖୋଜ ହୋଇଯାଇଛନ୍ତି। ଏହାଛଡା ବନ୍ୟା ଘେରରେ ଫସିରହିଥିବା ୧୫ରୁ ଅଧିକ ଲୋକଙ୍କ ଉଦ୍ଧାର ପାଇଁ ସଂଘୀୟ ସରକାରଙ୍କୁ ସହାୟତା ମଗାଯାଇଛି।

# କଖାରୁ ଭିତରେ କଫ ସିରପ୍ ଚାଲାଣ

## ୬ କୋଟି ଟଙ୍କାର ଜବତ



**ନୂଆଦିଲ୍ଲୀ,୧୧।୧୦:** ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପଶ୍ଚିମବଙ୍ଗ-ବାଂଲାଦେଶ ସୀମାରୁ ୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଫେନସିଡିଲ୍ କଫ୍ ସିରପ୍ ଜବତ କରିଛି। ଏହି କଫ୍ ସିରପ ଗୁଡ଼ିକ ଭାରତର ବେଆଇନ ଔଷଧ ବଜାରକୁ ଯୋଗାଣ କରାଯିବାର ଥିଲା। ନିକଟରେ ନକଲି କଫ୍ ସିରପ୍ ଯୋଗୁଁ ମଧ୍ୟପ୍ରଦେଶରେ ୧୪ ଜଣ ପିଲାମାନଙ୍କର ମୃତ୍ୟୁ ପରେ, ଏକ ଗମ୍ଭୀର ପ୍ରଶ୍ନ ଉଠିଛି ଯେ ଏହି ନକଲି ଔଷଧଗୁଡ଼ିକ ବର୍ତ୍ତମାନ ସୁଦ୍ଧା କେତେ ପରିମାଣରେ ପହଞ୍ଚିଥିବ। ପ୍ରତିବର୍ଷ, ବିଏସଏଫ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରାରେ ଭାରତ-ବାଂଲାଦେଶ ସୀମାରେ ଅନେକ ଅବୈଧ ଜିନିଷ ଜବତ କରିଥାଏ। ଏଥିରେ ଫେନସିଡିଲ୍ କାଶ ସିରପ୍ ମଧ୍ୟ ରହିଛି। ପ୍ରଥମେ ଏହା ଔଷଧ ଭାବରେ ବ୍ୟବହୃତ ହେଉଥିଲା, ଏବେ କିନ୍ତୁ ଏହାକୁ ମଦ୍ୟପାନକାରୀ ନିଶା ଭାବରେ ବ୍ୟବହାର କରାଯାଉଛି। ଚୋରାଚାଲାଣକାରୀମାନେ ଏହି ନିଶା ବୋତଲଗୁଡ଼ିକୁ ବଜାରକୁ ପରିବହନ କରିବା ପାଇଁ ଅସାଧାରଣ ପଦ୍ଧତି ଅବଲମ୍ବନ କରିଥିଲେ। ବିଏସଏଫ ଦ୍ୱାରା ଜବତ ହୋଇଥିବା ପ୍ରଥମ ବ୍ୟାଚ୍‌ରେ ଫମ୍ପା ବାଉଁଶ ଭିତରେ ଫେନସିଡିଲ୍ ବୋତଲକୁ ଲୁଚାଇ ଚାଲାଣ କରାଯାଉଥିବା ଜଣାପଡ଼ିଥିଲା। ପ୍ରଥମ ନଜରରେ, ସେଗୁଡ଼ିକ ସାଧାରଣ ବାଉଁଶ ପରି ମନେ ହେଉଥିଲା, କିନ୍ତୁ ଭଲ ଭାବରେ ଯାଞ୍ଚ କରିବା ପରେ ଜଣାପଡ଼ିଥିଲ ଯେ, ଏହି ବାଉଁଶ ଭିତରେ ଶହ ଶହ ସିରପ ବୋତଲ ଲୁଚାଯାଇଥିଲା। ଦ୍ୱିତୀୟ ଥର ଯେତେବେଳେ ଜବତ କରାଯାଇଥିଲା, ସେତେବେଳେ କଂକ୍ରିଟ୍ ଖମ୍ବ ଭିତରେ ଏହାକୁ ଲଚାଇ ଚାଲାଣ କରାଯାଉଥିଲା। ଯେତେବେଳେ ଏହି କଂକ୍ରିଟର ଏହି ଖମ୍ବଗୁଡ଼ିକୁ ଭଙ୍ଗାଗଲା, ସେତେବେଳେ ବିଏସଏଫ କର୍ମଚାରୀମାନେ ଭିତରେ ଫେନସିଡିଲ୍ ବୋତଲରେ ଭର୍ତ୍ତି ଏକ ଲୁହାର ଥାକ ପାଇଥିଲେ।

ତୃତୀୟ ଜବତରେ, ବିଏସଏଫ ଜବାନକୁ ଏକ ଆଶ୍ଚର୍ଯ୍ୟ କଳାଭଳି ପ୍ରକ୍ରିୟା ଦେଖିବାକୁ ମିଳିଲା। କଖାରୁ ଭର୍ତ୍ତି ବ୍ୟାଗଗୁଡ଼ିକୁ ଜବତ କରିଥିଲା ବିଏସ୍ଏଫ୍। ଯାଞ୍ଚ କରିବା ପରେ ଜଣାପଡ଼ିଲା ଯେ, ଏହି କଖାରୁଗୁଡ଼ିକ ଫମ୍ପା ଥିଲା ଏବଂ କଖାରୁ ଭିତରେ ଫେନସିଡିଲ୍ ସିରପ ବୋତଲ ଥିଲା।

ବରିଷ୍ଠ ବିଏସଏଫ ଅଧିକାରୀମାନେ କହିଛନ୍ତି ଯେ, ମୁଖ୍ୟ ଚୋରା ଚାଲାଣ କେନ୍ଦ୍ରଗୁଡ଼ିକ ହେଉଛି ଉତ୍ତର ୨୪ ପରଗନା, ନଦିଆ, ଦକ୍ଷିଣ ୨୪ ପରଗନା, ସିଲିଗୁଡ଼ି, କୁଚବିହାର, ଆଲିପୁରଦୁଆର ଏବଂ ଦିନାଜପୁର ଜିଲ୍ଲା। ଚୋରା ଚାଲାଣ ବାଟଗୁଡ଼ିକ ଆସାମ, ମଣିପୁର, ତ୍ରିପୁରା ଏବଂ ମେଘାଳୟକୁ ବ୍ୟାପିଛି। ଫେନସିଡିଲର ପ୍ରତ୍ୟେକ ବୋତଲର ମୂଲ୍ୟ ୭୦ ରୁ ୧୧୦ ଟଙ୍କା ମଧ୍ୟରେ। ଗତ ଦୁଇ ବର୍ଷ ମଧ୍ୟରେ କେବଳ ଦକ୍ଷିଣ ଏବଂ ଉତ୍ତର ବଙ୍ଗରେ ୬ କୋଟି ମୂଲ୍ୟର କଫ୍ ସିରପ ଜବତ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପରୀକ୍ଷା...

କମ ସମୟ ବ୍ୟବଧାନରେ ପରୀକ୍ଷା କରାଯାଇଥାଏ। ଗତ ସେପ୍ଟେମ୍ବର ୨୯ ତାରିଖରେ ଏସଆଇ ପରୀକ୍ଷା ଜାଲିଆତି ଘଟଣା ଓପିଆରବି ନଜରକୁ ଆସିବା ମାତ୍ରେ ତୁରନ୍ତ ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ଉଦ୍ଦେଶ୍ୟ ଥିଲା ଏଥିରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ପ୍ରଶ୍ନ ଲିକର ପୂରା ଲିଙ୍କ ଖୋଲି ବାହାର କରିବା ବୋଲି ଓପିଆରବି ପକ୍ଷରୁ କୁହାଯାଇଯାଇଛି। ପରଦିନ କିଛି ଛାତ୍ରଛାତ୍ରୀ ବ୍ରହ୍ମପୁର ନିକଟରୁ ଗିରଫ ହେବା ପରେ ସ୍ୱଚ୍ଛତା ରକ୍ଷା କରିବାକୁ ତୁରନ୍ତ ପରୀକ୍ଷା ବାତିଲ କରାଯାଇଛି। ଏବେ କ୍ରାଇମବ୍ରାଞ୍ଚ ଏହି ଜାଲିଆତିର ତଦନ୍ତ କରୁଛି। ଓପିଆରବି ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସବୁ ତଥ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। ତଦନ୍ତ ସରିବା ପରେ ଏବଂ ଦୋଷୀକୁ ଦଣ୍ଡ ମିଳିବା ପରେ ପୁଣି ଥରେ ଏସଆଇ ପରୀକ୍ଷା କରାଯିବ। କିନ୍ତୁ ତାପୂର୍ବରୁ ଏହି ଜାଲିଆତିରେ ଓପିଆରବି ହେଉ କି ଆଇଟିଆଇ, ସିଲିକନ ବା ପଞ୍ଚସଫ୍ଟ ଯିଏ ବି ଦୋଷୀ ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଏଥିପାଇଁ ସବୁ ପ୍ରକାର ସହଯୋଗ ଯୋଗାଇଦିଆଯାଉଛି ବୋଲି ଓପିଆରବି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କୁହାଯାଇଛି। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ଜାଲିଆତିରେ ଓପିଆରବିର ସମ୍ପୃକ୍ତିକୁ ନେଇ ଅଯଥା ବଦନାମ କରୁଛନ୍ତି। ଏହି ଉଦ୍ୟମ ଉଦ୍ଦେଶ୍ୟମୂଳକ ଭାବେ ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ବିଳମ୍ବିତ କରିବା ବୋଲି ଓପିଆରବି ପକ୍ଷରୁ କୁହାଯାଇଛି। ଓଡ଼ିଶା ପୁଲିସ ପକ୍ଷରୁ ପରୀକ୍ଷା ପାଇଁ ହୋଇଥିବା ଟେଣ୍ଡର ଆଇଟିଆଇ ଲିମିଟେଡକୁ ଦିଆଯାଇଥିଲା। ଆଇଟିଆଇ ପ୍ରଶ୍ନପତ୍ର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଛପେଇ ଓ ଅନ୍ୟାନ କାର୍ଯ୍ୟ କରିବା କଥା। କିନ୍ତୁ ଆଇଟିଆଇ ଯଦି ଏହି କାର୍ଯ୍ୟ ଅନ୍ୟ କାହାକୁ ସବଲେଟ କରିଛି ତେବେ ସେଥିରେ ସ୍ୱଚ୍ଛତା ରକ୍ଷା କରାଯିବାର ଉତ୍ତରଦାୟିତ୍ୱ ଆଇଟିଆଇର। ଟେଣ୍ଡର ଚୁକ୍ତି ଉଲ୍ଲଂଘନ କରିଥିବାରୁ ଓପିଆରବି ଆଇଟିଆଇ ଲିମିଟେଡକୁ କାରଣ ଦର୍ଶାଅ ନୋଟସ ମଧ୍ୟ ଜାରି କରାଯାଇଛି। ତେଣୁ ଆଶାୟୀମାନେ ହତାସ ନହେବାକୁ ଓପିଆରବି ଆଶ୍ୱାସନା ଦେଇଛି। ତଦନ୍ତ ସରିବା ପରେ ପୁଣି ଥରେ ଏସଆଇ ପରୀକ୍ଷା କରାଯିବ। କିନ୍ତୁ ନିଯୁକ୍ତି ପ୍ରକ୍ରିୟାକୁ ଭଣ୍ଡୁର ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଆଇନ ଅନୁଯାୟୀ ଦଣ୍ଡ ଦିଆଯିବା ଉଚିତ ବୋଲି ଓପିଆରବି ପକ୍ଷରୁ କୁହାଯାଇଛି।

## ନୀଳ...

ଜୀବିକା ନିର୍ବାହ କରିଥାନ୍ତି। ତେଣୁ, ମୋଦୀଜୀଙ୍କ ସରକାର ୨୦୧୪ ମସିହାରୁ କୃଷକଙ୍କ ପାଇଁ ଅଭୂତପୂର୍ବ କଲ୍ୟାଣକାରୀ ଯୋଜନାଗୁଡିକ ପ୍ରଣୟନ କରିଆସୁଛନ୍ତି, ଯାହା ଫଳରେ ଆଜି କୃଷକ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଛି। ଗତ ୧୧ ବର୍ଷ ଭିତରେ ଆମ ଦେଶ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ପାରିଛି। ଦେଶକୁ ପ୍ରମୁଖ ଖାଦ୍ୟ ଶସ୍ୟ, ତୈଳବୀଜ ଓ ଡାଲି ଜାତୀୟ ପଦାର୍ଥ ଦିଗରେ ଆତ୍ମନିର୍ଭର କରିବା ଆବଶ୍ୟକ। ଆଜି ବି ଆମ ଦେଶ ଡାଲି ଏବଂ ଖାଇବା ତେଲ ପାଇଁ ବିଦେଶ ଉପରେ ନିର୍ଭରଶୀଳ। ଆମକୁ ଏହି ନିର୍ଭରଶୀଳତାକୁ ହ୍ରାସ କରିବାକୁ ପଡିବ। ତେଣୁ, ଆଜି ମୋଦୀଜୀଙ୍କ କର କମଳରେ ଶୁଭାରମ୍ଭ ହେଉଥିବା ଯୋଜନା ଗୁଡିକ ଆତ୍ମନିର୍ଭର କୃଷକଙ୍କ ପ୍ରତି ଉତ୍ସର୍ଗୀକୃତ। ଆମ ସରକାର ଆସିବା ମାତ୍ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ସେଥିପାଇଁ ଆମ ସରକାର ୨୦୨୫-୨୬ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ପାଇଁ ୩୭ ହଜାର ୮୩୮ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି। ସବୁଠାରୁ ବଡ଼ ଯୋଜନା ହେଉଛି ସମୃଦ୍ଧ କୃଷକ ଯୋଜନା, ଯାହା ଫଳରେ ଓଡିଶାର ଚାଷୀମାନେ ପ୍ରତି କୁଇଣ୍ଟାଲ ପିଛା ଏମଏସପି ଓ ଇନ୍‌ପୁଟ ସହାୟତା ମିଶି ୩୧୦୦ ଟଙ୍କା ପାଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଦୂରଦୃଷ୍ଟିସମ୍ପନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମ 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା'ର ରାଜ୍ୟସ୍ତରୀୟ ଶୁଭାରମ୍ଭରେ ମୋର ଦୃଢ ବିଶ୍ୱାସ ଯେ, ଏହି ଯୋଜନା ଦ୍ୱାରା ଚାଷୀ ପରିବାର ସ୍ୱଚ୍ଛଳ ହେବେ ଏବଂ ସେମାନଙ୍କ ଆୟରେ ନିଶ୍ଚିତ ଭାବେ ବୃଦ୍ଧି ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଚାରୋଟି ଜିଲ୍ଲା - କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡ଼ାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ପ୍ରତିଶ୍ରୁତି ଦେଉଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହେଉଥିବା ଏହି ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଏହି ଯୋଜନା ଦ୍ୱାରା ଚାଷୀଭାଇମାନେ କେବଳ ଧାନ ଉପରେ ନିର୍ଭର ନ ହୋଇ ଡାଲି, ତୈଳବିଜ ଓ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷ କରି ଫସଲର ବିବିଧକରଣ କରିବେ ଏବଂ ଅଧିକ ଅର୍ଥ ରୋଜଗାର କରିପାରିବେ ବୋଲି ସେ କହିଥିଲେ। ଭୁବନେଶ୍ୱରର ପାଣ୍ଡରା ହୋଲସେଲ୍ ମାଛ ମାର୍କେଟ ପ୍ରକଳ୍ପ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ। ୫୯ କୋଟି ୧୩ ଲକ୍ଷ ଟଙ୍କା ବିନିଯୋଗରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ଏହା ନିର୍ମିତ ହେବ। ଏଥିରେ ୩୦ କୋଟି ଟଙ୍କା କେନ୍ଦ୍ର ସରକାର ଓ ୨୯ କୋଟି ୧୩ ଲକ୍ଷ ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଏହି ମାର୍କେଟ ସିଧାସଳଖ ଭାବରେ ୧୪୩ ବ୍ୟବସାୟୀଙ୍କୁ ଉପକୃତ କରାଇବ ଓ ୨,୦୦୦ରୁ ଅଧିକ ଲୋକଙ୍କ ପାଇଁ ପରୋକ୍ଷ ରୋଜଗାର ମଧ୍ୟ ସୃଷ୍ଟି ହେବ। ଭୁବନେଶ୍ୱର ଓ କଟକର ଖାଉଟିମାନଙ୍କ ଚାହିଦାକୁ ପୂରଣ କରିବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ପ୍ରକଳ୍ପ କାର୍ଯ୍ୟ ୨୦୨୭ ନଭେମ୍ବର ମାସ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଇଣ୍ଟିଗ୍ରେଟେଡ୍ ଆକ୍ୱା ପାର୍କ ଏବଂ ହୋଲସେଲ୍ ମାଛ ବିକ୍ରୟ କେନ୍ଦ୍ର - ଏହି ଦୁଇଟି ପ୍ରକଳ୍ପ ମିଶି ପ୍ରଥମେ ଉତ୍ପାଦନ ପରେ ପ୍ରସ୍ତୁତି ଓ ବିପଣନ ପର୍ଯ୍ୟନ୍ତ ଏକ ଭ୍ୟାଲୁ ଚେନ ସୃଷ୍ଟି କରିବ। ଭାରତର ନୀଳ ବିପ୍ଳବରେ ଅଗ୍ରଣୀ ରାଜ୍ୟ ଭାବେ ଓଡିଶା ସ୍ଥାନ ପାଇବ ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀଜୀଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଓଡ଼ିଶାକୁ ପୂର୍ବ ଭାରତରେ ମାଛଚାଷର ଏକ ହବ୍ ଭାବେ ପରିଣତ କରିବାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛି। ହୀରାକୁଦରେ ଏହି ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ ୯୫.୪୭ ଏକର ସରକାରୀ ଜମିରେ ନିର୍ମିତ ଏକ ସମୟୋପଯୋଗୀ ପଦକ୍ଷେପ ଯାହା ଆଧୁନିକ ମତ୍ସ୍ୟ ଚାଷକ୍ଷେତ୍ରକୁ ଆହୁରି ବିକଶିତ କରିବ ଏବଂ ଆମ ରାଜ୍ୟର ମାଛ ଚାଷୀଙ୍କୁ ସମୃଦ୍ଧ କରିବ। ଏଥିରେ ୧୦୦ କୋଟି ଟଙ୍କା ବିନିଯୋଗ ହେବ। କେନ୍ଦ୍ର ସରକାର ୬୦ କୋଟି ଓ ରାଜ୍ୟ ସରକାର ୪୦ କୋଟି ଟଙ୍କା ବିନିଯୋଗ କରିବେ। ଏହା ହେବ ପୂର୍ବ ଭାରତର ପ୍ରଥମ ଆକ୍ୱା ପାର୍କ ପ୍ରକଳ୍ପ। ପ୍ରକଳ୍ପର କାର୍ଯ୍ୟ ୨୦୨୭ ଜାନୁଆରୀ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ। ଏହି ପ୍ରକଳ୍ପ ସମ୍ବଲପୁରକୁ ଆଧୁନିକ ମାଛ ଚାଷର ଏକ ଉତ୍କର୍ଷ କେନ୍ଦ୍ର ଭାବେ ପରିବର୍ତ୍ତନ କରି ଭାରତର ନୀଳ ବିପ୍ଳବକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ।

## ଓଡ଼ିଆ...

ନାହିଁ। ପୁଲିସ ଡାକ୍ତରୀ ଛାତ୍ରୀଙ୍କ ସହପାଠୀଙ୍କୁ ପଚରାଉଚରା କରୁଛି। ଆସାନସୋଲ-ଦୁର୍ଗାପୁର ପୁଲିସ କମିଶନରେଟ୍ ଡିସି (ପୂର୍ବ) ଅଭିଷେକ ଗୁପ୍ତା କହିଛନ୍ତି, 'ବିଷୟଟି ସମ୍ବେଦନଶୀଳ। ତେଣୁ ସମସ୍ତ ଦିଗକୁ ଧ୍ୟାନରେ ରଖି ଘଟଣାର ତଦନ୍ତ ଚାଲିଛି। ସୂଚନା ମିଳିବା ମାତ୍ରେ ସେୟାର କରାଯିବ। ପୀଡିତାଙ୍କ ବାପା କହିଛନ୍ତି, 'ତାଙ୍କ ବନ୍ଧୁ ରାତି ପ୍ରାୟ ୧୦ଟା ସମୟରେ ମୋତେ ଫୋନ୍ କରିଥିଲେ। ମୁଁ ଶୀଘ୍ର ଏଠାକୁ ଆସିଥିଲି। ରାତି ପ୍ରାୟ ସାଢେ ୯ଟା ସମୟରେ, ଜଣେ ପୁଅ ମୋ ଝିଅକୁ ରାତ୍ରୀଭୋଜନ ପାଇଁ ଗେଟ୍ ପାଖକୁ ନେଇଯାଇଥିଲା। ସେଠାକୁ ୨-୩ ଜଣ ବ୍ୟକ୍ତି ଆସିଥିଲେ। ସହପାଠୀ ଜଣଙ୍କ ସେଠାରୁ ଚାଲିଯାଇଥିଲା। ସେହି ସମୟରେ ସେହି ବ୍ୟକ୍ତିମାନେ ମୋ ଝିଅକୁ ବଳାତ୍କାର କରିଥିଲେ। ସେମାନେ ତା'ର ମୋବାଇଲ ଫୋନ୍ ଛଡ଼ାଇ ନେଇଛନ୍ତି। ସେମାନେ ୩ ହଜାର ଟଙ୍କା ଦାବି କରିଥିଲେ। ସେ ଦେଇପାରିଲା ନାହିଁ। ସେହି ସମୟରେ ୪-୫ ଜଣ ଅଜଣା ଯୁବକ ଥିଲେ। ପରେ ଝିଅଟି ରକ୍ତରେ ଜୁଡୁବୁଡୁ ଅବସ୍ଥାରେ ଦେଖାଯାଇଥିଲା। ତା'ପରେ ସହପାଠୀ ଜଣଙ୍କ ଝିଅଟିକୁ ନେଇ ଫେରି ଆସିଥିଲା। ଝିଅଟିର ବାପା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଘରୋଇ କଲେଜ କର୍ତ୍ତୃପକ୍ଷ ଜାଣିଶୁଣି ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟ ଛାତ୍ରମାନେ ସମାନ ପ୍ରକାରର ବିଭିନ୍ନ ଅଭିଯୋଗ ଉଠାଇ କଲେଜରେ ପ୍ରତିବାଦ କରିଛନ୍ତି। ସେମାନେ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବି କରିଛନ୍ତି।

## କଡ଼ା...

ଘଟଣାରେ, ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଡ଼ା ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କୁ ଦୃଢ଼ ଦାବି ଜଣାଉଛି। ମୁଁ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ଏହା ସହ ପଶ୍ଚିମବଙ୍ଗର ସରକାରଙ୍କୁ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ମୁଁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ପରିବାରବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଚେନାବ...

ମେଗାୱାଟ୍) ୧୪୦୧ ହେକ୍ଟର କ୍ଷେତ୍ରରେ ୩୧୩୮୦ କୋଟି ଟଙ୍କାର ଅନୁମାନିକ ଖର୍ଚ୍ଚରେ କରାଯିବ। ଏହି ପରିଯୋଜନାରେ ୧୯୨.୫ ମିଟର ଉଚ୍ଚ କଂକ୍ରିଟର ବନ୍ଧ, ଏକ ଅପଷ୍ଟ୍ରିମ୍ ଜଳମାର୍ଗ, ଏକ ଭୂମିଗତ ବିଜୁଳି ଘର ଓ ପାଣିକୁ ପୁଣି ଥରେ ନଦୀକୁ ନେବା ପାଇଁ ଏକ ପ୍ରଣାଳୀ ସାମିଲ ରହିବ। ଏହା ବାର୍ଷିକ ପ୍ରାୟ ୭୫୩.୪ କୋଟି ୟୁନିଟ ବିଜୁଳି ତିଆରି କରିବ।

## ଜୟଙ୍କୁ...

କାର୍ଯ୍ୟ ଲୋକଙ୍କ ମନକୁ ଆନ୍ଦୋଳିତ କରିଛି। ଲୋକଙ୍କ ଏହି ବିଶ୍ୱାସ ଆଗାମୀ ଉପନିର୍ବାଚନରେ ପ୍ରତିଫଳନ ହେବ। ବିଜେପିର ପ୍ରାର୍ଥୀ ସେଠାରେ ଯଶସ୍ୱୀ ହେବେ। ଆଗାମୀ ଦିନରେ ନୂଆପଡ଼ାର ଅଧୁରା କାମକୁ ପୂରା କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ।

ମିଶ୍ରଣ ପର୍ବରେ ଶ୍ରୀ ଜୟଙ୍କୁ ସ୍ୱାଗତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି ଯେ, ଏହି ଦଳ ହେଉଛି ବିଶ୍ୱର ସର୍ବବୃହତ୍ ଦଳ। ଓଡ଼ିଶାରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ପଥେ ଆଗେଇ ଚାଲିଛି। ବିଜେପି ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରେ। ଗତ ୧୬ ମାସରେ ଏହି ସରକାର ତାହା କାର୍ଯ୍ୟରେ କରି ଦେଖାଇଛି। ଆମ ସରକାରଙ୍କ ପ୍ରତିବଦ୍ଧତା, ସୁଶାସନ ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନମଙ୍ଗଳ କାର୍ଯ୍ୟକୁ ଆଧାର କରି ସ୍ୱର୍ଗତଃ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁଅ ଜୟ ଢ଼ୋଲକିଆ ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ଜିଲ୍ଲାବାସୀ ଜଣେ ଭଲ ନେତାଙ୍କୁ ହରାଇଛନ୍ତି। ସେ କେବଳ ଜଣେ ଦରଦୀ ନେତା ନ ଥିଲେ, ସମାଜସେବୀ ହିସାବରେ ମଧ୍ୟ ତାଙ୍କର ପରିଚୟ ଥିଲା। ତାଙ୍କ ଅବର୍ତ୍ତମାନରେ ନୂଆପଡ଼ା ଜିଲ୍ଲାର ବିକାଶ ପ୍ରକ୍ରିୟା ଜାରି ରହିବ। ଜିଲ୍ଲାବାସୀଙ୍କ ଦାୟିତ୍ୱ ମୁଁ ନେଇଛି। ଯେତେବେଳେ ଜିଲ୍ଲାବାସୀ ଚାହିଁବେ ମତେ ଭେଟି ପାରିବେ। ଜୟ ଢୋଲକିଆଙ୍କ ଯୋଗଦାନ ବିଜେପିକୁ ଆହୁରି ସଶକ୍ତ କରିବ। ଶ୍ରୀ ଜୟ ଢୋଲକିଆ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ, ଲୋକପ୍ରିୟ ମୁଖ୍ୟନ୍ତ୍ରୀମନ୍ତ୍ରୀ ମୋହନ ଚରଣ ମାଝୀ, ନୂଆପଡ଼ାର ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଜେପିରେ ଯୋଗଦେଇଛି। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ କରିବା ପାଇଁ ଅନ୍ତିମ ନିଶ୍ୱାସ ମଧ୍ୟ ଚେଷ୍ଟା କରିବି। ବିକାଶ ଧାରା ଏକ ନିରନ୍ତର ପ୍ରକ୍ରିୟା। ନୂଆପଡ଼ା ଏକ ଉପାନ୍ତ ଅଞ୍ଚଳ। ଏହାର ବିକାଶ ପାଇଁ ବାପା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆ ଅନେକ ସ୍ୱପ୍ନ ଦେଖିଥିଲେ। ଏହି ଅଧୁରା ସ୍ୱପ୍ନ ପୂରଣ କରିବା ପାଇଁ ଆଜି ମୁଁ ବିଜେପିରେ ଯୋଗଦେଇଛି। ନୂଆପଡ଼ାକୁ ରାଜ୍ୟର ଏକ ନମ୍ବର ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ମୁଁ ଶପଥ ନେଉଛି ବୋଲି ଜୟ ଢୋଲକିଆ କହିଛନ୍ତି।

## ଶିଶୁପୁତ୍ର...

ଏହା ସହିତ ସରକାରୀ ସହାୟତା ଯୋଗାଇ ଦେବେ ବୋଲି କହି ପିଲା ଚୋର ମହିଳା ଜଣକ ଶନିବାର ସକାଳ ୬ଟା ପାଖାପାଖି ସମୟରେ ଶିଶୁର ପିତା ଧାନାଇ ହାଁସଦା ନବଜାତକକୁ ଧରି ୫ମହଲାରୁ ତଳକୁ ଆସିଥିଲେ। ତଳେ ପହଞ୍ଚିବା ପରେ ମହିଳା ଜଣକ ଫଟୋ ଆବଶ୍ୟକ ଥିବା କହି ଛୁଆକୁ ନିଜେ ଧରି ଧାନାଇଙ୍କୁ ଉପରୁ ଆଣିବାକୁ କହିଥିଲେ। ଧାନାଇ ୫ ମହଲା ଉପରୁ ଯାଇ ଫେରିଲା ବେଳକୁ ଛୁଆକୁ ନେଇ ମହିଳା ଜଣକ ଚମ୍ପଟ ମାରିଥିଲେ। ଧାନାଇ ପିଲା ଚୋର ମହିଳାଙ୍କୁ ବହୁ ଖୋଜାଖୋଜି କରିଥିଲେ। ତେବେ ଦୀର୍ଘ ସମୟ ଧରି ଶିଶୁଟି ମା'କୋଳକୁ ନ ଫେରିବାରୁ ଫୁଲମଣି ଶିଶୁକୁ ଖୋଜିବାକୁ ବାହାରିଥିଲେ। ଉଭୟ ଯାଇ ଡାକ୍ତରଖାନା ଫାଣ୍ଡିରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ ହୋଇଥିଲା।

## ପ୍ରଧାନମନ୍ତ୍ରୀଙ୍କୁ...

କ୍ରମରେ ଶନିବାର ଆମେରିକା ରାଷ୍ଟ୍ରଦୂତ ସର୍ଜିଓ ଗୋର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ମୋଦୀ- ଟ୍ରମ୍ପ ଥିବା ଏକ ବଡ଼ ଫଟୋଚିତ୍ର ଉପହାର ଦେଇଛନ୍ତି। ଯେଉଁଥିରେ ଟ୍ରମ୍ପ ଲେଖିଛନ୍ତି ପ୍ରଧାନମନ୍ତ୍ରୀ ତୁମେ ମହାନ। ଏହାପରେ ପ୍ରଧାନମନ୍ତ୍ରୀଙ୍କ ସହ ଗୋର ଉଭୟ ପ୍ରତିରକ୍ଷା, ବାଣିଜ୍ୟ ଏବଂ ଟେକ୍ନୋଲୋଜୀ ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ସମୟର ଏକ ଫଟୋକୁ ନିଜ ସୋସିଆଲ୍ ମିଡିଆ ସାଇଟ୍‌ରେ ପୋଷ୍ଟ କରିଛନ୍ତି। ଫଟୋ ପୋଷ୍ଟ କରି ପିଏମ ଲେଖିଛନ୍ତି 'ଭାରତରେ ଆମେରିକାର ନିଯୁକ୍ତ ରାଷ୍ଟ୍ରଦୂତ ସେର୍ଗିଓ ଗୋରଙ୍କୁ ସ୍ୱାଗତ କରି ମୋତେ ଖୁସି ଲାଗୁଛି। ମୁଁ ନିଶ୍ଚିତ ଯେ ତାଙ୍କ କାର୍ଯ୍ୟକାଳ ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ'। ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ପରେ ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ ମୋଦୀଙ୍କ ପ୍ରଶଂସା କରିଥିଲେ ଗୋର। ସେ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜଣେ ମହାନ ଏବଂ ବ୍ୟକ୍ତିଗତ ବନ୍ଧୁ ବୋଲି ଭାବନ୍ତି। ତେବେ ମୋଦୀଙ୍କ ସହିତ ମୋର ଆଜି ଆଲୋଚନାରେ ବାଣିଜ୍ୟ, ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ସହିତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଗୁରୁତ୍ୱ ଉପରେ ହୋଇଛି ବୋଲି ସେ କହିଛନ୍ତି। ଆମେରିକୀୟ ରାଷ୍ଟ୍ରଦୂତ ଗୋର ଏହା ପର୍ବରୁ ପ୍ରତିରକ୍ଷାମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଭେଟି ଆଲୋଚନା କରିଥିଲେ। ଉଭୟ ଭାରତ-ଆମେରିକା ସଂପର୍କ ଓ ଏହାର ବର୍ଦ୍ଧିତ ବିଶ୍ୱ ସ୍ତରୀୟ ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ଜୟଶଙ୍କର ମଧ୍ୟ ଏନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଥିଲେ।

## ଲ୍ୟାଣ୍ଡମାଇନ୍...

ରାତିରେ ନକ୍ସଲମାନଙ୍କ ଆକ୍ରମଣରେ ଶହିଦ ହେଡ୍ କନଷ୍ଟେବଲ୍ ମହେନ୍ଦ୍ର ଲସ୍କର ଆସାମର ନୌଗାଓଁର ବାସିନ୍ଦା ଥିଲେ। ପୋଷ୍ଟମର୍ଟମ ପାଇଁ ତାଙ୍କର ପାର୍ଥିବ ଶରୀରକୁ ରାଉରକେଲାରୁ ରାଞ୍ଚି ଅଣାଯାଇଥିଲା। ଏହା ପରେ ତାଙ୍କୁ ରାଞ୍ଚିର ଧୁରୱାରେ ଥିବା ସିଆରପିଏଫ ୧୩୩ ବାଟାଲିୟନ ମୁଖ୍ୟାଳୟରେ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ହିଞ୍ଜିଳିକାଟୁ,୧୧।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ଅନ୍ତର୍ଗତ ପୋଡ଼ିଙ୍ଗି ଗ୍ରାମରେ ଅସାବଧାନତାରୁ ଯୁବକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ଯୁବକ ହେଲେ ସେହି ଗ୍ରାମର ପ୍ରହ୍ଲାଦ ପାଢ଼ୀ। ପୁଅଙ୍କ କହିବାନୁସାରେ, ବାପା ସକାଳୁ ସକାଳୁ ବିଲକୁ କୀଟନାଶକ ଔଷଧ ପକେଇବାକୁ ଯାଇଥିଲେ ଏବଂ ପରେ ପୋଖରୀକୁ ଗାଧେଇ ଯାଇ ଘରକୁ ଆଉ ଫେରି ନ ଥିଲେ। ସ୍ଥାନୀୟ ଲୋକେ ଏ ନେଇ ହିଞ୍ଜିଳିକାଟୁ ଦମକଳ କେନ୍ଦ୍ରକୁ ଜଣାଇଥିଲେ। ଦମକଳ ବାହିନୀ ପହଞ୍ଚି ମୃତ ଦେହ ଉଦ୍ଧାର କରି ପ୍ରଥମେ ହିଞ୍ଜିଳିଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଡ଼ାକ୍ତର ସେଠାରେ ମୃତ ଘୋଷଣା କରିଥିଲେ।

## ବସ୍ ଦୁର୍ଘଟଣାଗ୍ରସ୍ତ: କଣ୍ଡକ୍ଟର ମୃତ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



**ଫୁଲବାଣୀ,୧୧।୧୦ (ସଂଚାର ବ୍ୟୁରୋ):** ଲାଞ୍ଜିଗଡରୁ କଟକକୁ ଯାତ୍ରା କରୁଥିବା ଯାତ୍ରୀବାହୀ ଓଆରଏସଟିସି ବସ୍ ଗାଡିଆପଡା ଘାଟିର ଏସ ବୁଲାଣିରେ ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି । କଣ୍ଡକ୍ଟର ସୌମ୍ୟ ରଞ୍ଜନ ଦାସ(୨୪)ମୃତ ହୋଇଥିବା ବେଳେ ବସ ଚାଳକ ଟୁଟୁ ପ୍ରଧାନ (୩୫) ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ୧୦ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ଥାନା ଅଧିକାରୀ ଚାପଧାରୀ ପ୍ରଧାନ ସମେତ ପୁଲିସ ବାହିନୀ ପହଞ୍ଚି ଆହତ ଏବଂ ଗୁରୁତରଙ୍କୁ ଉଦ୍ଧାର କରି ମେଡିକାଲ ଭର୍ତ୍ତି କରିଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିଗଡରୁ କଟକ ଯାଉଥିବା ଓଆରଏସଟିସି ଯାତ୍ରୀବାହୀ ବସ୍ ନଂ ଓଡ଼ି୦୫ଜି୦୫୫୩ ଶୁକ୍ରବାର ରାତି ୧୨ଟା ବେଳେ ଖଜୁରୀପଡା ଥାନା ନିକଟସ୍ଥ ଗାଡିଆପଡା ଘାଟିର ଏସ ବୁଲାଣିରେ ବ୍ରେକ ଫେଲ ହେବାରୁ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା।

## ଗଞ୍ଜେଇ ଜବତ, ୩ ଗିରଫ



**ଜୟପୁର,୧୧।୧୦ (ସଂଚାର ବ୍ୟୁରୋ):** ଗଂଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ। ଦୀର୍ଘ ଦିନର ନୀରବତା ପରେ ପୁଣି ସକ୍ରିୟ ହୋଇଛି ବୈପାରୀଗୁଡା ପୁଲି। ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ପରେ ଆଜି ଗଂଜେଇ ଧରିବାରେ ସଫଳ ହୋଇଛି ବୈପାରୀଗୁଡା ପୁଲିସ। ଏଥିସହିତ ଗୋଟିଏ ଧଳା ରଙ୍ଗର ଟାଟା ୨୦୭ ଗାଡ଼ି ସିଜି-୦୪-ଜେସି-୬୭୬୪, ଗୋଟିଏ କଳା ରଙ୍ଗର ଟିଭିଏସ୍ ଆପାଚି ଏମ୍/ସି ନମ୍ବର ପ୍ଲେଟ୍ ଥିବା - ସିଜି୨୭ଏକ୍୭୬୦୩କୁ ଜବତ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ କୃଷ୍ଣ ସିଂହ (୫୧), ପୁଅ ଓମକାର ସିଂହ, ବସେରୀ ସିକନ୍ଦର ବାସିନ୍ଦା, ଥାନା-ଫତେପୁର ସିକ୍ରି, ଜିଲ୍ଲା- ଆଗ୍ରା, ରାଜୁ ମଣ୍ଡଳ (୨୧), ପୁଅ ନିରିପେନ ମଣ୍ଡଳ, ଡୁମୁରିମୁଣ୍ଡାର ବାସିନ୍ଦା, ଜିପି- ଦେବଗାଓଁ, ଥାନା- ରାଇଘର, ଜିଲ୍ଲା- ନବରଙ୍ଗପୁର (ଓଡିଶା), ହୃତିକ ଚୌହାନ (୨୨), ପୁଅ ଶିବଦତ୍ତ ସିଂହ, ସରିଫାବାଦର ବାସିନ୍ଦା। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଫରୱାର୍ଡ଼ କୋରଯାଇଥିବା ଥାନା ଅଧିକାରୀ ଦମ୍ବରୁଧର ବଡ଼ିଆ ସୂଚନା ଦେଇଛନ୍ତି ।

## ଯୁବକଙ୍କ ଆତ୍ମହତ୍ୟା

**ହିଞ୍ଜିଳିକାଟୁ,୧୧।୧୦ (ସଂଚାର ବ୍ୟୁରୋ):** ବେଲ ଗାଁ ଥାନା ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମ ଇନ୍ଦିରାନଗର ସାହିରେ ପାରିବାରିକ କଳହରୁ ବିଳମ୍ବିତ ରାତିରେ ବେକରେ ଗାମୁଛା ଲଗାଇ ଝୁଲି ପଡିଲେ ଯୁବକ। ମୃତ ଯୁବକ ହେଲେ ମିଟୁ ସେଠୀ (୩୬)। ଏ ନେଇ ବେଲ ଗାଁ ଥାନାରେ କେସ ନଂ ୦୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ମଦମୃତ୍ୟୁ ସତ୍ତ୍ୱେ ଥମୁନି ଚୋରା ବ୍ୟବସାୟ

**ଯାଜପୁର,୧୧।୧୦ (ସଂଚାର ବ୍ୟୁରୋ):** ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝର ସୀମାଞ୍ଚଳ ଅଞ୍ଚଳରେ ଘରେଘରେ ରନ୍ଧା ହେଉଛି ଦେଶୀମଦ। ବଣପାହାଡ଼ ଘେରା ଉପର ପାଖ ଗାଁଗୁଡ଼ିକରେ ମହୁଲି ଓ ଚାଉଳି ମଦ ରାନ୍ଧିବା ଦୈନନ୍ଦିନ କାର୍ଯ୍ୟ ହୋଇପଡ଼ିଛି। ପ୍ରାୟ ପ୍ରତି

**ଘରେଘରେ ରନ୍ଧା ହେଉଛି ଦେଶୀମଦ**

ଘରେ ଭାଟି ସରଞ୍ଜାମ ରଖାଯାଇଛି ଓ ମଦ ପ୍ରସ୍ତୁତି ପାଇଁ ଆବଶ୍ୟକ ଉପାଦାନ ସହଜରେ ମିଳୁଛି।

ସୂଚନା ଅନୁସାରେ, ଏଠାରେ ପ୍ରତିଦିନ ୫ରୁ ୭ ହଜାର ଲିଟର ଦେଶୀମଦ ତିଆରି ହେଉଛି। ଗାଁ ଗାଁରେ ମଦ୍ୟପାନ ଅଭ୍ୟାସ ବଢ଼ି ଯାଉଥିବା ସହ ଅନେକ ପରିବାର ଆର୍ଥିକ ଓ ସାମାଜିକ ଅସ୍ଥିରତାରେ ଜଡିତ ହେଉଛନ୍ତି। ମଦମୃତ୍ୟୁ ଘଟଣା ଥାମି ନ ଥିବା ସତ୍ତ୍ୱେ ଚୋରା ମଦ ବ୍ୟାପାର ଜାରି ରହିଛି। ବିଶେଷତଃ କାଳିଆପାଣି ଥାନା ଅନ୍ତର୍ଗତ ନଗଡ଼ା, ଡୁମୁଣି, ଗୁଡିଆଶାଳ, ଦେଓଗାଁ, ଡୁମୁଡ଼ିବାହାଲି,



ଅରଡ଼ାପାଳ, ଗଙ୍ଗଦା, ରମ୍ଭରି, ବିର୍ମାନଗର, ମହାରମା ଓ ଟମଜା ଥାନା ଅନ୍ତର୍ଗତ ଟୁଙ୍ଗେରଶୁଣି, ଚମ୍ପା, ଗନିକାପଳ, ମାଇଁକୁଳା, ରାଜୁବମା ଅଞ୍ଚଳଗୁଡ଼ିକରେ ଏହି କାରବାର ସବୁଠାରୁ ଅଧିକ ସକ୍ରିୟ। ସେହିପରି, କେନ୍ଦୁଝର ଜିଲ୍ଲା ଦୈତାରୀ ଓ ଢେଙ୍କାନାଳ ଜିଲ୍ଲା କରାଡ଼ାନାଡ଼ ଥାନା ଅଞ୍ଚଳରେ ମଧ ଦେଶୀମଦ ତିଆରି ରୋଜମରା ଘଟଣା ହୋଇପଡ଼ିଛି। ପାହାଡ଼ିଆ ଭୂପୃଷ୍ଠ, ଝରଣା ଓ ମହୁଲି ବଣ ଏହି ଅବୈଧ ବ୍ୟାପାର ପାଇଁ ଅନୁକୂଳ ପରିବେଶ ଦେଇଛି। ପ୍ରଶାସନ ପକ୍ଷରୁ ବର୍ଷେକ ପୂର୍ବେ ଅବକାରୀ ଥାନା ଖୋଲା ଯାଇଥିଲେ ମଧ ସେଥିରେ କୌଣସି କାର୍ଯ୍ୟକଳାପ ଦୃଶ୍ୟମାନ ନୁହେଁ। ସ୍ଥାନୀୟ ଅବକାରୀ ଅଧିକାରୀଙ୍କ ଅଭାବ ଓ ସାଧନ ସଂକଟର କାରଣରୁ ଚୋରା ମଦ ବେପାରୀମାନେ ଖୁଲମଖୁଲା ବ୍ୟବସାୟ ଚଳାଉଛନ୍ତି। ପୁଲିସ ଓ ଅବକାରୀ ବିଭାଗ ନିୟମିତ ଚଢ଼ାଉ ନ କଲେ ଏହା ଅଧିକ ଭୟାବହ ରୂପ ନେବ ବୋଲି ସ୍ଥାନୀୟ ଲୋକଙ୍କ ଅଭିଯୋଗ।

## ପ୍ରଧାନମନ୍ତ୍ରୀ ସଡକ ଉପରକୁ ମାଡିଗଲାଣି ଗଛଲତା, ଦୁର୍ଘଟଣା ଆଶଙ୍କା ବଢୁଛି

**କଣାସ,୧୧।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମା ଅଞ୍ଚଳର ପ୍ରଗତି ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ଗ୍ରାମା ଅଞ୍ଚଳର ବିଭିନ୍ନ ଗ୍ରାମକୁ ରାସ୍ତା ନିର୍ମାଣ କରୁଥିବା ବେଳେ ରାସ୍ତା ନିର୍ମାଣ ପରେ ରାସ୍ତା ଦାୟିତ୍ୱରେ ଥିବା ଅଧିକାରୀମାନେ ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ କେଉଁଠି ରାସ୍ତା ସାରା ଖାଲ ହୋଇଗଲାଣିତ କେଉଁଠି ରାସ୍ତା ଉପରକୁ ଗୁଳ୍ମଲତା ମାଡିଯାଇ ବାରମ୍ବାର ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା କଣାସ ବ୍ଲକରେ। କୋଟକଣା ଛକ ଠାରୁ ନୂଆଜଗନ୍ନାଥ ସଡକରୁ ବିନ୍ଧଣ, ହରଷପଡ଼ା, ଖଣ୍ଡହତା, ଦୁପୁର, ବ୍ରହ୍ମପଡ଼ା, କରମଳା କୁ ସଂଯୋଗ କରୁଥିବା ୮କିମି ପ୍ରଧାନମନ୍ତ୍ରୀ ସଡକରେ ଅନେକ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ଗୁଳ୍ମଲତା ଓ ଗଛ ମାନ ସଡକ ଉପରକୁ ମାଡି ଆସିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୁଳ୍ମଲତା ଉହାଡରେ ଗାଈଗୋରୁ, ଛେଳିମେଣ୍ଢା, ବିଲୁଆ, କୁକୁର ରହୁଥିବା ବେଳେ ହଠାତ୍ ରାସ୍ତା ଉପରକୁ ଚାଲିଆସୁଥିବାରୁ ବିଶେଷ ଭାବେ ମଟରସାଇକେଲ୍ ଆରୋହିମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି। ସେହିପରି କଣାସ-ଜଙ୍ଗିଆ ନଦୀବନ୍ଧ ମୁଖ୍ୟରାସ୍ତା, ଭାଟପଡ଼ା-ସାହୁପଡ଼ା ପ୍ରଧାନମନ୍ତ୍ରୀ ସଡକ ରାସ୍ତା ଉପରକୁ ଗୁଳ୍ମଲତା ଗଛ ମାଡିଯାଇଛି। ବିଭାଗୀୟ କର୍ତୃପକ୍ଷ ତୁରନ୍ତ ରାସ୍ତା ମରାମତୀ କରିବା ସହିତ ଗୁଳ୍ମଲତା ଗଛ କାଟିବାକୁ ଜନସାଧାରଣ ଦାବୀକରିଛନ୍ତି।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକ



**ହିଞ୍ଜିଳିକାଟୁ,୧୧।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବୁରୁପଡା ଗ୍ରାମରେ ପାନୀୟଜଳ ସଂକଟ ଦେଖାଦେଇଛି। ମାସ ମାସ ହେଲା ପାନୀୟଜଳ ସମସ୍ୟା ଯୋଗୁଁ ଗ୍ରାମବାସୀ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାମର ଶତାଧିକ ମହିଳା ଆଜି ସକାଳୁ ସକାଳୁ ହିଞ୍ଜିଳି - ଶେରଗଡ଼ ରାସ୍ତା ଅବରୋଧ କରିଛନ୍ତି।

ମହିଳାମାନେ ମାଠିଆ ଓ ବାଲ୍ଟିଧରି ରାସ୍ତାରେ ବସି ରହିବାରୁ ଘଣ୍ଟା ଘଣ୍ଟା ଧରି ଗାଡ଼ିମୋଟର ଚଳାଚଳ ଠପ୍ ହୋଇଯାଇଥିଲା। ମହିଳାଙ୍କ ରାସ୍ତାରୋକ ଯୋଗୁ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଥିଲା । ଘଟଣାସ୍ଥଳରେ ହିଞ୍ଜିଳି ପୁଲିସ, ବିଭାଗୀୟ ଯନ୍ତ୍ରୀ, ପିଇଓ ପହଂଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ବର୍ତ୍ତମାନ କିଛି ଦିନ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ଓ ଆଗାମୀ ଦିନରେ ସ୍ଥାୟୀ ସମାଧାନ ହେବ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। ପ୍ରତିଶ୍ରୁତି ଅନୁସାରେ ସମସ୍ୟାର ସମାଧାନ ନହେଲେ ପୁଣି ରାଜରାସ୍ତାକୁ ଓହ୍ଲାଇବା ସହ ତୀବ୍ର ଆନ୍ଦୋଳନ ହେବ ବୋଲି କହିଛନ୍ତି ଗ୍ରାମବାସୀ ।

## ଚାନ୍ଦି ମେଢ଼ରେ ଝଲସିବେ ମା' ଗରୁଡକାଳୀ

**ଯାଜପୁର,୧୧।୧୦ (ସଂଚାର ବ୍ୟୁରୋ):** ଆସନ୍ତା କାଳୀ ପୂଜା ଅବସରରେ ଚାନ୍ଦି ମେଢ଼ରେ ଯାଜପୁର ସହରର ମା ଗରୁଡକାଳୀ ନୂଆ ରୂପରେ ଝଲସିବାକୁ ଯାଉଛନ୍ତି। ମଣ୍ଡପ ସଜା, ଆଲୋକ ସଜାଣି ଓ ସଂସ୍କୃତିକ ଅନୁଷ୍ଠାନ ସହିତ ଜୋରଦାର ଭାବରେ ପ୍ରସ୍ତୁତି ଚାଲିଛି। ପୂଜା ପାଳନ ସମିତି ସଦସ୍ୟମାନେ କହିଛନ୍ତି, ଆମେ ଆପଣମାନଙ୍କ ପାଇଁ ପ୍ରତିବର୍ଷ ନୂଆ କିଛି ନେଇ ଆସୁଛୁ। ଏବେ ମା' ଗରୁଡକାଳୀ ଚାନ୍ଦି ମେଢ଼ର ଆଲୋକ ଓ ଶୃଙ୍ଗାରରେ ଝଲସିବେ। ଆପଣ ଆସି ମାଙ୍କ ଆଶିର୍ବାଦ ନେଇ ଯିବେ-ଏହା ଆମର ସବୁଠୁ ବଡ଼ ଆଶା। କମିଟି ପକ୍ଷରୁ ଜଣାଯାଇଛି ଯେ ଏବେର ପୂଜାରେ ଦର୍ଶନାର୍ଥୀମାନଙ୍କ ସୁବିଧା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ସୁରକ୍ଷା, ଯାତାୟାତ, ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତ କିଛିକୁ ନେଇ ଯଥୋଚିତ ଯୋଜନା ହୋଇଛି। ଆଗାମୀ ଦିନରେ ଏହି ପୂଜା ଯାଜପୁର ଜିଲ୍ଲାର ଧାର୍ମିକ ଓ ସାଂସ୍କୃତିକ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାର ଆଶା ରଖାଯାଉଛି।

**ସିଏଜି ରିପୋର୍ଟରେ ଚମକାଇଲା ଭଳି ତଥ୍ୟ**

# ଯାଜପୁରରେ ନିଖୋଜ ସଂଖ୍ୟା ସର୍ବାଧିକ

**ଯାଜପୁର,୧୧।୧୦ (ସଂଚାର ବ୍ୟୁରୋ):** ରାଜ୍ୟରେ ନିଖୋଜ ହେଉଥିବା ଶିଶୁ ଓ ବ୍ୟକ୍ତିଙ୍କ ସଂଖ୍ୟା ଦିନକୁ ଦିନ ବଢ଼ୁଥିବା ସମୟରେ, ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)ଙ୍କ ରିପୋର୍ଟ ରାଜ୍ୟରେ ଅଶାନ୍ତି ସୃଷ୍ଟି କରିଛି। ସିଏଜିଙ୍କ ସେପ୍ଟେମ୍ବର ୨୦୨୪ ରିପୋର୍ଟ ଅନୁଯାୟୀ, ୨୦୧୮ ଜାନୁଆରୀରୁ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ରାଜ୍ୟରେ ୧୮ ବର୍ଷରୁ କମ୍ ବୟସର ୧୩,୭୯୨ ଜଣ ନିଖୋଜ ହୋଇଥିବା ଅଭିଯୋଗ ରହିଛି। ସେଥିରୁ ଅଶ୍ଚର୍ଯ୍ୟ ଭାବରେ ୫,୫୬୬ ନିଖୋଜ ଶିଶୁଙ୍କ ମାମଲା କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଂ ନେଟୱର୍କ ସିଷ୍ଟମ୍ (ସିସିଟିଏନଏସ୍)ରେ ପଞ୍ଜୀକରଣ ହୋଇନଥିଲା, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ସରଳ ଉଲଂଘନ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି।




ସିଏଜି ରିପୋର୍ଟ ଅନୁସାରେ, ରାଜ୍ୟର ୮ଟି ପୁଲିସ ଜିଲ୍ଲା ଅନ୍ତର୍ଗତ ୨୬ ଥାନା ଅଞ୍ଚଳରେ ୪,୦୬୨ ଜଣ ନିଖୋଜ ହୋଇଥିବା ବେଳେ ସେଥିରୁ ୩,୫୭୪ ମାମଲା ସିସିଟିଏନଏସ୍‌ରେ ପଞ୍ଜୀକୃତ ହୋଇଥିଲା। ଶେଷ ମାମଲାଗୁଡିକ ସମ୍ପର୍କରେ କୌଣସି ତଥ୍ୟ ମିଳିନଥିଲା। ଏହାମଧରେ ଯାଜପୁର ଜିଲ୍ଲାରେ ସର୍ବାଧିକ ୧,୭୪୧ ନିଖୋଜ ମାମଲା ପଞ୍ଜୀକୃତ ହୋଇଛି, ଯାହା ରାଜ୍ୟର ଅନ୍ୟ ଜିଲ୍ଲାଠୁ ଅଧିକ। ଯାଜପୁର ଟାଉନ ଥାନାରେ ୪୧୬, ଯାଜପୁର ସଦରରେ ୪୩୦, ମଙ୍ଗଳପୁରରେ ୪୬୨, ବରୀ-ରାମଚନ୍ଦ୍ରପୁରରେ ୩୫୦, କାଳିଆପାଣିରେ ୩୫ ଏବଂ ଟମଳା ଥାନାରେ ୪୮ ଜଣ ନିଖୋଜ ହୋଇଥିବା ଉଲ୍ଲେଖ ରହିଛି।

## ଆଇନ ଛାତ୍ରଛାତ୍ରୀମାନେ ବିଶ୍ଳେଷଣାତ୍ମକ ଓ ସୂକ୍ଷ୍ମଦର୍ଶୀ ହେବା ଆବଶ୍ୟକ




**ଭୁବନେଶ୍ୱର,୧୧।୧୦ (ସଂଚାର ବ୍ୟୁରୋ):** ଆଇନ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ବିଶ୍ଳେଷଣାତ୍ମକ ଓ ସତର୍କ ମନୋଭାବ ପୋଷଣ କରିବା ସହିତ ଆଇନ ଓ ଭାଷା ଉପରେ ପାରଦର୍ଶିତା ଲାଭ କରିବା ଆବଶ୍ୟକ ବୋଲି ଶନିବାର ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତୀ କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ କହିଛନ୍ତି। ଆଇନ ଅଧ୍ୟୟନ କରୁଥିବା ଜଣେ ଛାତ୍ର ବା ଛାତ୍ରୀଙ୍କୁ ବିଭିନ୍ନ ଆଇନ ଓ ବିଷୟ ଉପରେ ପାରଦର୍ଶିତା ଲାଭ କରିବା ଆବଶ୍ୟକ କାରଣ ଜଣେ ଆଇନଜ୍ଞଙ୍କୁ କେଉଁ ପ୍ରକାରର ମାମଲା ପରିଚାଳନା କରିବାକୁ ପଡ଼ିବ ତାହା ଜଣା ନଥାଏ ବୋଲି ନ୍ୟାୟମୂର୍ତ୍ତୀ ଦୀକ୍ଷିତ ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ଲ'ର ୧୫ତମ ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

# ପରିବା ହାଟରେ ଦର ଆକାଶଛୁଆଁ: ଗ୍ରାହକ ହନ୍ତସନ୍ତ

**ପାରାଦୀପ,୧୧।୧୦ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଛି ପୁଣ୍ୟ ମାସ କାର୍ତ୍ତିକ। ଅନେକ ଲୋକ ଏହି ଧର୍ମ ମାସରେ ଆମିଷ ଖାଉନଥିବା ବେଳେ ସାଧା ଖାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି କିଛି ଅସାଧୁ ବ୍ୟବସାୟୀ ପନିପରିବା ଦର ଏବେ ଆକାଶ ଛୁଆଁ କଲେଣି। ମାସ ଆରମ୍ଭ ପୂର୍ବରୁ ପରିବା ମାର୍କେଟରେ ପରିବା ଦର ଅହେତୁକ ବୃଦ୍ଧି ଘଟିଛି। କାଙ୍କଣ ଓ ବିନ ୧୨୦ କିଲୋପ୍ରତି ହୋଇଥିବା ବେଳେ ଭେଣ୍ଡି , ବାଇଗଣ , ପୋଟଳ ଏବେ ୮୦ ଟଙ୍କା କିଲୋପ୍ରତି ଦେଖିବାକୁ ମିଳିଛି। ସେହିପରି ଟମାଟୋ କିଲୋପ୍ରତି ୬୦ ଟଙ୍କା ବିକ୍ରି କରାଯାଉଥିବା ବେଳେ କଖାରୁ କିଲୋ ୪୦ ଚୁଇଁଛି। ନୋଧି ଓ ଶାଗ ବିଡାକୁ ଆଣି କିଛି ବ୍ୟବସାୟୀ ଛୋଟ ଛୋଟ ବିଡାରେ ପରିଣତ କରି ଉଚା ଦରରେ ବିକ୍ରି କଲେଣି।



ବିଶେଷକରି ବନ୍ଦର ନଗରୀ ପାରାଦୀପରେ କାର୍ତ୍ତିକ ମାସ ଆରମ୍ଭରୁ ଏଭଳି ଦର ହୋଇଥିବା ବେଳେ ଆଗକୁ ଆହୁରି ବୃଦ୍ଧି ଘଟିବ ବୋଲି ଜଣାପଡିଛି। ମୋଟାମୋଟି କିଛି ଅସାଧୁ ବ୍ୟବସାୟୀ ଏହି ମାସରେ ଲୋକଙ୍କ ଚାହିଦାକୁ ଲକ୍ଷ୍ୟରଖି ପନିପରିବାରେ ମୂଲ୍ୟ ବୃଦ୍ଧି କରୁଥିବା ଓ ପ୍ରଶାସନ ଓ ଯୋଗାଣ ବିଭାଗ ଏହି ଅସାଧୁ ବ୍ୟବସାୟୀଙ୍କ ପ୍ରତି ଲଗାମ ରଖୁନଥିବା ବେଳେ ସେମାନେ ଆଖିବୁଝା ଦର ଧାର୍ଯ୍ୟ କରୁଛନ୍ତି। ଫଳରେ ଅତ୍ୟନ୍ତ ଗରିବ ଲୋକ ଓ ଛୋଟ କର୍ମ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତି ପାଇଁ ଏବେ ପରିବା ଦର ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଥିବା କୁହାଯାଉଛି। ଅନେକ ଲୋକ ଏହି ପରିବା ଦର ଦେଖି ଭାଙ୍ଗି ପଡିଥିବା ବେଳେ ତୁରନ୍ତ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବାର୍ହା ଉପଦ୍ରବ

**କାକଟପୁର/ଅସ୍ତରଙ୍ଗ,୧୧।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ବାରହା ଉପଦ୍ରବ। ହଜାର ହଜାର ଏକର ଜମିରେ ଧାନ ଓ ପରିବା ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀ ମଧ

**ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ**



ବାରହା ଆକ୍ରମଣ ଶିକାର ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳିଆ ଅଂଚଳରେ ବିଶେଷ ଭାବେ ବାରହା ଉପଦ୍ରବ ପରିଲିଖିତ ହେଉଥିବା ବେଳେ ମାଙ୍କଡ଼ ପଲ ପରିବା ଚାଷ ଖାଇଯାଉଛନ୍ତି। ବନ ବିଭାଗ ଏ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରିଛନ୍ତି ଚାଷୀ।

ଅସ୍ତରଙ୍ଗ ବ୍ଲକର ନଗର, ଆଳସାହି, ଆଳଙ୍ଗପୁର, ନଈଗୁଆଁ, ଶିଶୁଅ, କୋରଣା, ଉଦୟପୁର, ସୁଧୀକେଶର, ପାଟଳଦା ସହ ଆଉ କିଛି ପଂଚାୟତରେ ଚାଷ ବିଶେଷ କ୍ଷତିଗ୍ରସ୍ତ ହୋଇଛି। ନଗର ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଶତାଧିକ ବାରହା ରହୁଥିବା ବେଳେ ଏମିତିକି ଦିନ ଦ୍ୱିପ୍ରହର ରାସ୍ତା ବିଚରଣ କରୁଥିବା ବେଳେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚାଷୀଙ୍କ ଫସଲ ବାରହା ନଷ୍ଟ କରି ଦେଉଛନ୍ତି। ଏଥିପାଇଁ ଅନେକ ସ୍ଥାନରେ ଚାଷୀ ବିଲ ମଝିରେ ମଞ୍ଚା ବାନ୍ଧି ରାତି ସାରା ଜଗୁଛନ୍ତି। ବର୍ତମାନ ମାଙ୍କଡ଼ ଓ ବାରହା ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ବନ୍ୟଜନ୍ତୁ କବଳରୁ ଫସଲ ରକ୍ଷା କରିବାକୁ ଚାଷୀ ବନ ବିଭାଗ ନିକଟରେ ଦାବୀ କରିଛନ୍ତି।

**ଚିଙ୍ଗୁଡ଼ି ମାଫିଆଙ୍କ କବଜାରେ ଅସ୍ତରଙ୍ଗ ଉପକୂଳ**

# ବିପଦରେ ବିଦେଶୀ ପକ୍ଷୀ

**କାକଟପୁର/ଅସ୍ତରଙ୍ଗ,୧୧।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ହେଉଛି ପ୍ରାକୃତିକ ପରିବେଶ, ସୌନ୍ଦର୍ଯ୍ୟ ଗନ୍ତାଘର ଏବଂ ଜୈବ ବିବିଧତା ସମନ୍ୱୟର ପର୍ଯ୍ୟଟନ କ୍ଷେତ୍ର ହେଉଛି ଅସ୍ତରଙ୍ଗ ବ୍ଲକ ପୀରଜାହାନିଆ, ଗଙ୍ଗାଦେବୀ ଓ କେଲୁଣୀ ମୁହାଁଣ। ଶୀତ ଋତୁ ଆଗମନରେ ଉପକୂଳ ବର୍ତ୍ତୀ ଅସ୍ତରଙ୍ଗକୁ ବିଦେଶୀ ପକ୍ଷୀଙ୍କ ଆଗାମନ ହୁଏ। ଏଠାକାର ଜୈବ ବିବିଧତା ବହୁ ଅଳ୍ପ ସଂଖ୍ୟକ ପର୍ଯ୍ୟଟନ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ବିଦେଶୀ ପକ୍ଷୀ ଆଗମନ ସମୟ ପାଖେଇ ଆସୁଥିବା ବେଳେ ଉପକୂଳବର୍ତ୍ତୀ ପ୍ରାୟ ୫କିଲୋମିଟର ଆଦ୍ରଭୂମି ଚିଙ୍ଗୁଡ଼ି ମାଫିଆଙ୍କ କବଜାରେ ରହିବା ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି।

ବିଦେଶାଗତ ପକ୍ଷୀଙ୍କ ବିଚରଣସ୍ଥଳୀ ଆଦ୍ରଭୂମିରେ ମାଫିଆମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ଓ ପୋଖରୀ ନିର୍ମାଣ କରିଛନ୍ତି। ଫଳରେ ବର୍ତମାନ ବସବାସ କରୁଥିବା ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖାଗଲାଣି। ତେଣୁ ସେମାନେ ଏ ସ୍ଥାନ ଛାଡି ଅନ୍ୟତ୍ର ଚାଲି ଯାଉଛନ୍ତି। ପରିବେଶବିତ୍ତିଙ୍କ କହିବା କଥା ଏଠାକାର ଆଦ୍ରଭୂମିର ସନ୍ତସନ୍ତିଆ ସ୍ଥାନରେ ବାସ କରୁଥିବା ଛୋଟ ମାଛ, କୀଟପତଙ୍ଗ, ଜଳଚର ଜୀବ, କଇଁ ନାଡ଼ ବିଦେଶୀ ପକ୍ଷୀଙ୍କ ପ୍ରିୟ ଖାଦ୍ୟ। ତେଣୁ ହଜାର ହଜାର ବିଦେଶୀ ପକ୍ଷୀଙ୍କ ସୁଦୂର ସାଇବେରିଆ, ମଙ୍ଗୋଲିଆ, ସାଉଥ ଆଫ୍ରିକା, ପାକିସ୍ତାନ, ଅଷ୍ଟ୍ରେଲିଆରୁ ଏଠାକୁ ଆସନ୍ତି।

ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ। ସେମାନେ ଗ୍ରୀଷ୍ମ ଆଗମନ ପରେ ଘରୁ ବାହୁଡ଼ିଥାନ୍ତି। କିନ୍ତୁ ତନ୍ମଧରୁ କେତେକ ବିଦେଶୀ ପକ୍ଷୀ ଏ ସ୍ଥାନ ଛାଡିବାକୁ ପସନ୍ଦ କରିନଥାନ୍ତି। ମାତ୍ର ଖାଦ୍ୟାଭାବରୁ ପକ୍ଷୀ ମାନେ ସ୍ଥାନ ଛାଡିବା ଚିନ୍ତାବୃଦ୍ଧି କରୁଛି। ତେଣୁ ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ,ପୁରୀ ଜିଲ୍ଲାପାଳ,ପୁରୀ ବନ୍ୟ ପ୍ରାଣୀ ବିଭାଗ ଏ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ବେଆଇନି ଘେରି ଉଛେଦ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ମା'ଙ୍କ ଆଶୀର୍ବାଦ ନେଲେ ଯୁବନେତା ସଂଗ୍ରାମ କେଶରୀ ପାତ୍ର



**ଯାଜପୁର,୧୧।୧୦ (ସଂଚାର ବ୍ୟୁରୋ):** ବିଭିନ୍ନ ମଣ୍ଡପରେ ମା' ଲକ୍ଷ୍ମୀଙ୍କୁ ଦର୍ଶନ କଲେ ଯୁବନେତା ସଂଗ୍ରାମ କେଶରୀ ପାତ୍ର। ଗଜଲକ୍ଷ୍ମୀ ପୂଜା ଅବସରରେ ଯାଜପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳରେ ଅନୁଷ୍ଠିତ ମା' ଲକ୍ଷ୍ମୀ ପୂଜା ମଣ୍ଡପଗୁଡିକୁ ଭ୍ରମଣ କରି ମା'ଙ୍କ ଦର୍ଶନ କଲେ ବିଜେୱାଇଏମ୍ ରାଜ୍ୟ ଉପସଭାପତି ଓ ବିଜେପି ନେତା ସଂଗ୍ରାମ କେଶରୀ ପାତ୍ର। ସଂଗ୍ରାମ ପାତ୍ର ପ୍ରଥମେ ଯାଜପୁର ବ୍ଲକର ଜମଧର, ମହେଶ୍ୱରପୁର ଓ ଖଇରାବାଦ ଆଦି ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ପରେପରେ ଯାଜପୁର ମ୍ୟୁନିସିପାଲଟି ସାନବଜାର ପୁରୁଷୋତ୍ତମପୁର ଗ୍ରାମରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ମଣ୍ଡପ, ଦଣ୍ଡସୁନ୍ଦରପୁର, ବଲ୍ଲଭିଘାଟ, ଦଶରଥପୁର ବ୍ଲକ ଅନ୍ତର୍ଗତ କସପା ଗ୍ରାମପଞ୍ଚାୟତ ଅହିୟାସ ପୂଜା ମଣ୍ଡପ ଓ ଅନ୍ୟାନ୍ୟ ମଣ୍ଡପରେ ମା' ଲକ୍ଷ୍ମୀଙ୍କ ଦର୍ଶନ କରି ଗ୍ରାମବାସୀଙ୍କ ସହ ସାକ୍ଷାତ କରିଛନ୍ତି।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



**ଯାଜପୁର,୧୧।୧୦ (ସଂଚାର ବ୍ୟୁରୋ):** ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଓ ସମାଜ ମଙ୍ଗଳ ବିଭାଗଙ୍କ ଯୁଗଳ ଉଦ୍ୟମରେ ଗୌତମ ବୁଦ୍ଧ ସଂସ୍କୃତି ଭବନ, ଯାଜପୁରରେ ଏକ ଉତ୍ସାହମୟ ଅନୁଷ୍ଠାନ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ କହିଲେ "କନ୍ୟା ଶିଶୁ ଦେଶର ଭବିଷ୍ୟତ। ସେମାନଙ୍କ ସୁରକ୍ଷା, ଶିକ୍ଷା ଓ ସଶକ୍ତିକରଣ ହେଉଛି ଆମ ସମାଜର ଦାୟିତ୍ୱ।" ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ତାଙ୍କ ବକ୍ତବ୍ୟରେ କହିଲେ"କନ୍ୟା ଶିଶୁଙ୍କ ସଶକ୍ତିକରଣ ବିନା ଜାତିର ଅଗ୍ରଗତି ସମ୍ଭବ ନୁହେଁ।" ଏହି ଅବସରରେ କ୍ୱିଜ୍, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଦିଶା ଅଧିବେଶନ ଆୟୋଜିତ




**ଫୁଲବାଣୀ,୧୧।୧୦ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଲୋକସଭା ସଦସ୍ୟ, କନ୍ଧମାଳ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦ୍ୱିତୀୟ ଦିଶା ଅଧିବେଶନ ଆୟୋଜିତ ହୋଇଯାଇଛି। ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ ଯେ ଏହି ଦିଶା ବୈଠକ କନ୍ଧମାଳ ଜିଲ୍ଲାର ଉନ୍ନତି ଓ ପ୍ରଗତି ପାଇଁ ଦିଶା ଦେଖାଇବ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ଜଳସେଚନ, ଜଙ୍ଗଲ ଓ ସାମାଜିକ ସୁରକ୍ଷା ଇତ୍ୟାଦିର ଲୋକ କଲ୍ୟାଣ ଯୋଜନା ଗୁଡ଼ିକର ସମୀକ୍ଷା କରାଯାଇଥିଲା।

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ୱଳ କରିବ ଜାଗୋ ସହ ଜଡ଼ିତ ମାନବିକତା

**ଭୁବନେଶ୍ୱର,୧୧।୧୦ (ସଂଚାର ବ୍ୟୁରୋ):** ମାନବିକ ଚିନ୍ତାଧାରା ଓ ପାଠପଢ଼ା ସହ ସମାଜର ଅବହେଳିତ ଶିଶୁମାନଙ୍କର ଉନ୍ନତି କ୍ଷେତ୍ରରେ ନିଜକୁ ସାମିଲ କରିଥିବା ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ପ୍ରଭାବିତ କରିବା ସହ ଉଜ୍ୱଳ କରିବ ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ।



ସୋଆର ସାମାଜିକ ଅନୁଷ୍ଠାନ 'ଜାଗୋ'ର ୧୯ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ନିକଟବର୍ତ୍ତୀ ବସ୍ତି ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ସୋଆ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ବେଶ ଉଜ୍ୱଳ। ନିଜ ପାଠପଢ଼ା ସହ ଏଭଳି ମହାନ କାର୍ଯ୍ୟରେ ନିଜକୁ ସାମିଲ କରୁଥିବାରୁ ତାଙ୍କ ମନରେ ସେମାନଙ୍କ ପାଇଁ ସ୍ୱତବ ସ୍ଥାନ ରହିଛି ବୋଲି ଶ୍ରୀମତି ଦାସ କହିଛନ୍ତି।

## ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦଘାଟିତ

**ହିଞ୍ଜିଳିକାଟୁ,୧୧।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ମିନି ଷ୍ଟାଡିୟମ ପରିସର ବୃନ୍ଦାବନ ଖେଳ ପଡ଼ିଆରେ ୬୯ତମ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ରଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାର ୨୨ ବ୍ଲକର ବିଦ୍ୟାଳୟ ମାନଙ୍କରୁ ୧୪ରୁ ୧୭ ବର୍ଷର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା | ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଡିଆଇଜି

- ଏସପିଙ୍କ କାର୍ଯ୍ୟକୁ ପ୍ରଶଂସା
- ଶାନ୍ତି ବଜାୟ ରଖିବାକୁ ଜନସାଧାରଣଙ୍କୁ ନିବେଦନ



**କେନ୍ଦ୍ରାପଡ଼ା,୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଇଁ କରାଯାଇଥିବା ପୁଲିସ ବ୍ୟବସ୍ଥାର ସମୀକ୍ଷା କରିବା ପାଇଁ ଆଜି କେନ୍ଦ୍ରାପଡ଼ା ଗସ୍ତ କରିଥିଲେ। ତାଙ୍କ ଗସ୍ତ ସମୟରେ ଡିଆଇଜି ସହରର ପ୍ରମୁଖ ଅଞ୍ଚଳର ପାଦରେ ଚାଲି ଚାଲି ପାଟ୍ରୋଲିଂ କରିଥିଲେ ଏବଂ ବିଭିନ୍ନ ଡ୍ୟୁଟି ପୋଷ୍ଟରେ ନିୟୋଜିତ ସମସ୍ତ ପୁଲିସ କର୍ମଚାରୀଙ୍କ କାର୍ଯ୍ୟର ତଦାରଖ କରିଥିଲେ। ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୁନିଶ୍ଚିତ କରିବା ପାଇଁ ଉତ୍ସବ ସମୟରେ ସତର୍କତା, ଶୃଙ୍ଖଳା ଓ ଜନ-ଅନୁକୂଳ ପୋଲିସିଂ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଡିଆଇଜି ଶ୍ରୀ ନାୟକ ନୂତନ ଭାବେ ସ୍ଥାପିତ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରକୁ ଉଦଘାଟନ କରିଥିଲେ। ସେଠାରେ ୩୨ଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ସିସିଟିଭି କ୍ୟାମେରା ରହିଛି, ଯେଉଁଥିରେ ମୁହଁ ଚିହ୍ନଟ ଏବଂ ଭିଡ଼ ଉତ୍ତାପ ମାନଚିତ୍ରର ବିଶେଷତ୍ୱ ରହିଛି। ଏହି ଉନ୍ନତ ନିରୀକ୍ଷଣ ବ୍ୟବସ୍ଥା ସାମଗ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ସମୟୋଚିତ ହସ୍ତକ୍ଷେପ ସୁନିଶ୍ଚିତ କରିବା ପାଇଁ ଭିଡ଼ ଘନତ୍ୱ, ଟ୍ରାଫିକ୍ ପ୍ରବାହ ଏବଂ ଜନସାଧାରଣଙ୍କ ଗତିବିଧି ଉପରେ ପ୍ରକୃତ ସମୟରେ ନଜର ରଖିବାରେ ସକ୍ଷମ ହେବ।

ସେହିପରି ଶ୍ରୀ ନାୟକ ବିଭିନ୍ନ ମଣ୍ଡପ ମଧ୍ୟ ପରିଦର୍ଶନ କରିବା ସହ ବିଭିନ୍ନ ପୂଜା କମିଟିର ସମ୍ପାଦକ ଓ ଅଧ୍ୟକ୍ଷଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ତଥା ସୁଗମ, ନିରାପଦ ଏବଂ ଶାନ୍ତିପୂର୍ଣ୍ଣ ଭାବେ ଗଜଲକ୍ଷ୍ମୀ ପୂଜା ପାଳନ କରିବା ଲାଗି ପୁଲିସ ପ୍ରଶାସନକୁ ସହଯୋଗ ଲାଗି ନିବେଦନ କରିଥିଲେ।

ପାର୍ବଣରେ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହ ପ୍ରସ୍ତୁତି, ସକ୍ରିୟ ଯୋଜନା ଏବଂ ପ୍ରଭାବଶାଳୀ ସମନ୍ୱୟ ପାଇଁ ଡିଆଇଜି କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ପୁଲିସର ପ୍ରୟାସକୁ ପ୍ରଶଂସା କରିଥିଲେ। ଜନସାଧାରଣଙ୍କ ଉଦ୍ଦେଶ୍ୟରେ ତାଙ୍କ ବାର୍ତ୍ତାରେ ଡିଆଇଜି ଶ୍ରୀ ନାୟକ କହିଛନ୍ତି, ପର୍ବଗୁଡ଼ିକ ହେଉଛି ବିଶ୍ୱାସ ଓ ସୌହାର୍ଦ୍ଦ୍ୟର ମୁହୂର୍ତ୍ତ। ମୁଁ ସମସ୍ତ ନାଗରିକ ଏବଂ ପୂଜା କମିଟିମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ଦାୟିତ୍ୱର ସହ ଉତ୍ସବ ପାଳନ କରନ୍ତୁ, ପୁଲିସ ବ୍ୟବସ୍ଥା ସହ ସହଯୋଗ କରନ୍ତୁ ଏବଂ ଶାନ୍ତି ଏବଂ ଭାଇଚାରାର ପରମ୍ପରା ବଜାୟ ରଖିବାରେ ସାହାଯ୍ୟ କରନ୍ତୁ ଯେଉଁଥିପାଇଁ କେନ୍ଦ୍ରାପଡ଼ା ବେଶ୍ ଜଣାଶୁଣା।

- ସିପିଏ ସମ୍ମିଳନୀରେ ଯୋଗଦେଲେ ବାଚସ୍ପତି

## ଗଣତନ୍ତ୍ରର ମହନୀୟତା ବଜାୟ ରଖିବାକୁ ଆହ୍ୱାନ




**ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ (ସିପିଏ) ଓ ନବମ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବିଦେଶ ଗସ୍ତରେ ଥିବାବେଳେ ବାର୍ବାଡୋସ୍‌ର ବ୍ରିଜଟାଉନ୍‌ଠାରେ 'ରାଜ୍ୟଗୋଷ୍ଠୀ ଏକ ବୈଶ୍ୱିକ ସହଭାଗୀ ଓ ବେଜିଂ @ ୩୦ ପରଠାରୁ ସଂସଦ, ଲିଙ୍ଗଗତ ସମାନତା ପାଇଁ ପ୍ରଗତି, ଆହ୍ୱାନ ଓ ମାର୍ଗ' ବିଷୟରେ ଆଲୋଚନାରେ ଅଂଶଗ୍ରହଣ କରି ଆମର ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ଗଣତନ୍ତ୍ରକୁ ସମର୍ଥନ ଉପରେ ଅଭିଭାଷଣ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ। ଗଣତନ୍ତ୍ର କେବଳ ଏକ ରାଜନୈତିକ ବ୍ୟବସ୍ଥା ନୁହେଁ, ଏହା ଆମର ବିଶ୍ୱାସ, ଉତ୍ସାହ ଓ ଜୀବନଧାରଣର ମାର୍ଗ। ଗଣତନ୍ତ୍ର ଯେଉଁ ୪ଟି ସ୍ତମ୍ଭ ଉପରେ ପ୍ରତିଷ୍ଠିତ, ସେଗୁଡ଼ିକ ହେଉଛି ବିଧାନସଭା, ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ଗଣମାଧ୍ୟମ। ତେବେ ମୁଖ୍ୟ କଥା ହେଉଛି ଏହି ଅନୁଷ୍ଠାନଗୁଡ଼ିକ ଯେତେ ସଶକ୍ତ ହେବେ, ଆମର ଗଣତନ୍ତ୍ର ସେତିକି ସମୃଦ୍ଧ ହୋଇପାରିବ। ତେଣୁ ଗଣତନ୍ତ୍ରକୁ ଆଗେଇ ନେବାକୁ ହେଲେ ସମସ୍ତ ସମ୍ପୃକ୍ତ ଅନୁଷ୍ଠାନକୁ ସଶକ୍ତ କରିବାକୁ ପଡ଼ିବ।

ଆମ ବିଧାନସଭାରେ ଜନମତ ସଠିକ ଭାବରେ ଉପସ୍ଥାପିତ ହୋଇପାରିଲେ, ତା'ଉପରେ ଆଲୋଚନା, ତର୍କ, ବିତର୍କ ଓ ବିଶ୍ଳେଷଣ ହୋଇ ଜନଉପକାରୀ ଆଇନ ପ୍ରଣୟନ ହୋଇପାରିବ। ଫଳରେ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କର ଆସ୍ଥା ବୃଦ୍ଧି ପାଇବ। ସେହିପରି କାର୍ଯ୍ୟପାଳିକା ଏହି ଆଇନର ସଠିକ ଅନୁପାଳନ କ୍ଷେତ୍ରରେ ଆନ୍ତରିକତାର ସହ କାର୍ଯ୍ୟ କଲେ ଜନସାଧାରଣ ଉପକୃତ ହୋଇପାରିବେ। ଆହୁରି ନ୍ୟାୟପାଳିକା ଏସବୁର ଦୁରୁପଯୋଗ କ୍ଷେତ୍ରରେ ସତର୍କ ରହି ସଠିକ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଦ୍ୱାରା ଆଇନ୍‌ର ଦୁରୁପଯୋଗ ଓ ଉଲ୍ଲଙ୍ଘନ ହୋଇପାରିବ ନାହିଁ। ଶେଷରେ ଗଣମାଧ୍ୟମ ହିଁ ଏସବୁର କାର୍ଯ୍ୟକାରିତାକୁ ନିରୀକ୍ଷଣ କରି ତ୍ରୁଟିଗୁଡ଼ିକୁ ସରକାରଙ୍କ ଦୃଷ୍ଟିକୁ ଆଣି ସଠିକ୍ ମାର୍ଗଦର୍ଶନ ଦେଇପାରିବ। ତା'ହେଲେ ଯାଇ ଆମର ଗଣତନ୍ତ୍ର ଆହୁରି ସଶକ୍ତ ଓ ସମୃଦ୍ଧ ହୋଇପାରିବ ଓ ଆମର ଗଣତନ୍ତ୍ରର ମହନୀୟତା ଓ ଗରିମା ବଜାୟ ରହିବ ବୋଲି ବାଚସ୍ପତି କହିଛନ୍ତି।

## ଟାପୁରେ ଫସିଲେ ୩୦ ହାତୀ

- ନଦୀକୂଳରେ ଦେଖଣାହାରିଙ୍କ ଭୀଷଣ ଭିଡ଼



**କେନ୍ଦୁଝର, ୧୧।୧୦ (ସଂଚାର ବ୍ୟୁରୋ) :** ବୈତରଣୀ ଟାପୁରେ ଫସିଛନ୍ତି ୩୦ ହାତୀ। ବୈତରଣୀ ନଦୀ ପାର ହୋଇ କେନ୍ଦୁଝରରୁ ମୟୂରଭଞ୍ଜ ଜିଲାକୁ ଯାଉଥିବା ବେଳେ ଲୋକଙ୍କ ଘେରାଉ କାରଣରୁ ମଝିରେ ଏକ ଟାପୁରେ ଅଟକି ଯାଇଛନ୍ତି। ସେମାନଙ୍କୁ ଦେଖିବାକୁ ନଦୀକୂଳରେ ଭିଡ଼ ଜମିଛି। ବନ ବିଭାଗ ସେମାନଙ୍କ ଉପରେ ନଜର ରଖିଛନ୍ତି ଏବଂ ସୁରକ୍ଷିତ ନଦୀ ପାର ହେବା ଅପେକ୍ଷାରେ ରହିଛନ୍ତି। ହାତୀପଲ ତୁରୁମୁଙ୍ଗା ନିକଟରେ ଏନ୍‌ଏଚ୍ ୪୯ ପାର ହୋଇଥିଲେ। ଚାରି ପଟୁ ଲୋକଙ୍କ ଘେରାଉ ଦେଖି ହାତୀପଲ ନଦୀରେ ପଶି ମୟୂରଭଞ୍ଜ ଜିଲାକୁ ଚାଲି ଯାଇଥିଲେ। ତେବେ ହାତୀମାନଙ୍କୁ ଚାରି ଆଡୁ ଘଉଡ଼ାଉ ଥିବାରୁ ନଦୀ ମଝିରେ ତିନିଧାରିଆ ଟାପୁରେ ଅଟକି ଯାଇଛନ୍ତି। ଏଣୁ ବନବିଭାଗ ସେମାନଙ୍କୁ ନ ଘଉଡ଼ାଇବାକୁ ସଚେତନ କରିଥିଲେ ହେଁ ଲୋକେ ଶୁଣୁ ନ ଥିବାରୁ ରାତି ହେଲେ ଆରପଟକୁ ଚାଲିଯିବା ସମ୍ଭାବନା ରହିଛି। ଉଭୟ ଜିଲ୍ଲାର ଲୋକମାନେ ନିଜ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ହାତୀ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବାରୁ ଏଭଳି ହାତୀପଲ ମଝି ନଦୀରେ ଅଟକି ଯାଇଥିବା ଦେଖିବାକୁ ମିଳିଛି।

## ବାଣରେ ଲାଗିଲା ମଶାଧୂପ ନିଆଁ: ବିସ୍ଫୋରଣ ମା'-ପୁଅ ଗୁରୁତର



**ଜଳେଶ୍ୱର,୧୧।୧୦(ସଂଚାର ବ୍ୟୁରୋ):** ବାଣ ବିସ୍ଫୋରଣରେ ମା' ଓ ପୁଅ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଶାଳିକୋଠା ଗ୍ରାମରେ ଏଭଳି ଏକ ଅଘଟଣ ଘଟିଛି। ଶାଳୀକୋଠା ଗ୍ରାମର ସୁନୀତା ଦତ୍ତଙ୍କୁ ଉକ୍ତ ଗ୍ରାମର ଜନୈକ ବ୍ୟବସାୟୀ ବାଣ ତିଆରି କରିବା ପାଇଁ କଞ୍ଚା ବିସ୍ଫୋରକ ଦେଇଥିଲେ। ସୁନୀତା ବାଣ ତିଆରି କରୁଥିବା ସମୟରେ ତାଙ୍କର ୧୦ ବର୍ଷର ପୁଅ ଅନୁରାଗ ଅସାବଧାନତାବଶତଃ ମଶା ଧୂପ ଲଗାଇ ଦେଇଥିଲେ। ତେବେ ଧୂପ ନିଆଁ ବାଣରେ ପଡ଼ିଯିବାରୁ ଉକ୍ତ ବାଣସବୁ ଗୋଟିକ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଫଳରେ ମା' ଓ ପୁଅ ଅନୁରାଗ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଗ୍ରାମବାସୀ ପ୍ରଥମେ ଜଳେଶ୍ୱର ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ପ୍ରାଥମିକ ଚିକିତ୍ସା କରି ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ କହିଥିଲେ। କିନ୍ତୁ ସ୍ଥିତି ଅଧିକ ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖବର ପାଇ ଜଳେଶ୍ୱର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଅଭୟାରଣ୍ୟ ପାଦଦେଶରୁ ମିଳିଲା ଦନ୍ତା ମୃତଦେହ

- କାରଣ ଅସ୍ପଷ୍ଟ, ତଦନ୍ତ ଚଳାଇଛି ବନ ବିଭାଗ

**ନୀଳଗିରି,୧୧।୧୦(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ପାଖାପାଖି ୮୫ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ ହେଉଛନ୍ତି। ଗତ କିଛି ବର୍ଷ ହେବ କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ କ୍ରମାଗତ ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସୁଥିବା ବେଳେ ନିକଟରେ ଆଉ ଏକ ଦନ୍ତାର ମୃତଦେହ ମିଳିଛି। ଉକ୍ତ ହାତୀଟିର ବୟସ ପାଖାପାଖି ୨୦ ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ହାତୀଟିର ମୃତ୍ୟୁର କାରଣ ସ୍ପଷ୍ଟ ହୋଇପୋରିନାହିଁ। ମିଳିଥିବା ସୂଚନାନୁସାରେ, କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ପଞ୍ଚଲିଙ୍ଗେଶ୍ୱର ସେକ୍ସନ୍ ତେଣ୍ଡା ଫରେଷ୍ଟ ବିଟ୍ ଅଧୀନ ଗରଡି ପଞ୍ଚାୟତ ଆମ୍ବଝର ନିକଟସ୍ଥ ଏକ ବିଲରେ ଉକ୍ତ ଦନ୍ତାଟି ମରିପଡିଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଗତକାଲି ରାତିରେ ହାତୀଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଆଜି ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ୍ ତଟିନୀ ସେଠୀ, କୁଳଡିହା ରେଞ୍ଜର ସୁବ୍ରତ୍ କୁମାର ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ, ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଅପରାହ୍ନରେ ମୃତ୍ୟୁର କାରଣ ଖୋଜିବା ଉଦ୍ଦେଶ୍ୟରେ ବନ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। ପରେ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ଦନ୍ତାର ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏହି ହାତୀକୁ ଦେଖିବା ସକାଶେ ସ୍ଥାନୀୟ ଅଞ୍ଚଳର ଲୋକେ ଘଟଣାସ୍ଥଳରେ ଭିଡ଼ ଜମାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବାଲେଶ୍ୱର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।



- ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା

## ଲକ୍ଷ୍ୟ ସାଧନ ଦିଗରେ ପ୍ରୟାସୀ ହେବାକୁ ଡିସିଙ୍କ ଆହ୍ୱାନ



**ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ):** ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି) ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି)ର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି। ସଭାରେ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ, ରାଜ୍ୟ ସରକାରଙ୍କ ବିଭିନ୍ନ ଜିଲ୍ଲା ପାଇଁ ନିୟୋଜିତ ବରିଷ୍ଠ ଅଧିକାରୀ, ଚିହ୍ନଟ ହୋଇଥିବା ୧୬ ଜିଲ୍ଲା ଓ ୪୦ ବ୍ଲକର ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ବୈଠକରେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ସଂଯୋଜନା କରିଥିଲେ। ସମୀକ୍ଷାରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ପ୍ରମୁଖ ବିଷୟ ଓ ସୂଚକାଙ୍କରେ ପ୍ରଗତି, ପ୍ରକଳ୍ପଗୁଡ଼ିକର ସ୍ଥିତି ଓ କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) ସମର୍ଥିତ ପଦକ୍ଷେପରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉନ୍ନୟନ କମିଶନର (ଡିସି) ଗର୍ଗ ଜିଲ୍ଲା ଓ ବ୍ଲକ୍ ଅଞ୍ଚଳରେ ସାମଗ୍ରିକ ଉନ୍ନତିମୂଳକ ଫଳାଫଳ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗୀୟ ଯୋଜନାର ସୁସମନ୍ୱୟ, ସମୟୋଚିତ ପ୍ରକଳ୍ପ କାର୍ଯ୍ୟାନୁଷ୍ଠାନ ଓ ସୁଦୃଢ଼ ତଦାରଖ ଉପରେ ଗୁରୁତ୍ୱ ଦେଇଥିଲେ। ସେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତାରେ ନୀତି ଆୟୋଗ, କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ, ରାଜ୍ୟ ନୋଡାଲ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଏହାର କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟାକୁ ସମାଧାନ କରିବାକୁ ସ୍ୱତପ୍ରବୃତ୍ତ ଭାବେ ପଦକ୍ଷେପ ନିଆଯିବା ସହ କାର୍ଯ୍ୟକ୍ରମ ଲକ୍ଷ୍ୟ ସାଧନ ପାଇଁ ସମନ୍ୱିତ ପ୍ରୟାସ ଏବଂ ଗତିଶୀଳତା ଜାରି ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

- ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଐତିହାସିକ ପଦକ୍ଷେପ

## ରେଡ୍ ଜୋନ୍ ଘୋଷଣା କଲା ଡିଜିସିଏ



**ପୁରୀ,୧୧।୧୦(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସରକାର ଐତିହାସିକ ପଦକ୍ଷେପ ନେଇଛନ୍ତି। ଆଜି ଶ୍ରୀଜଗନ୍ନାଥ ମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି। ସାଧାରଣ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ସ୍ପେଶ୍ ମ୍ୟାପରେ କିଛି ଏଭଳି ତଥ୍ୟ ରହିଛି। ଏହାର ଅବଧି ୩ ବର୍ଷ ରହିଛି। ଅର୍ଥାତ ଆସନ୍ତା ୨୦୨୮ ସେପ୍ଟେମ୍ବର ୨୫ ତାରିଖରେ ଏହାର ସମୟସୀମା ପୂରଣ ହେବ। ଏହି ସମୟ ପୂରିବା ପରେ ପୁନର୍ବାର ଶ୍ରୀମନ୍ଦିର ଉପର ଅଞ୍ଚଳକୁ ନିଷିଧାଞ୍ଚଳ ଭାବେ ଘୋଷଣା କରିବା ସକାଶେ ଆବେଦନ କରାଯିବ। ପୂର୍ବରୁ ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଂ ଜୋନ୍ ଭାବେ ଘୋଷଣା କରାଯାଇଥିବା ବେଳେ ଏବେ ରେଡ୍ ଜୋନ୍ ଘୋଷଣା ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଗତକାଲି ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ ଉଡୁଥିବା ସମୟରେ ପୁରୀ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏହାକୁ ଅପରେଟ୍ କରୁଥିବା ଜନୈକ ଛତିଶଗଡ଼ ଯୁବକଙ୍କୁ ପୁଲିସ ଧରିବାରେ ସଫଳ ହୋଇଥିଲା। ତେଣୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ରେଡ୍ ଜୋନ୍ ଭାବେ ଘୋଷଣା କରାଯିବ ପରେ କେବଳ ଆଣ୍ଟି ଡ୍ରୋନ୍ ଡିଭାଇସ୍ ଲାଗିଲେ ଉଡୁଥିବା ଡ୍ରୋନ୍ କାବୁ ହୋଇପାରିବ ବୋଲି କୁହାଯାଇଛି।

## ବିଦ୍ୟୁତ୍ ସକ୍‌ରେ ଯୁବକଙ୍କ ମୃତ୍ୟୁ

**ସ୍ଥାନୀୟ ବାସିନ୍ଦାଙ୍କ ରାସ୍ତା ଅବରୋଧ**



**ଭୁବନେଶ୍ୱର,୧୧।୧୦(ସଂଚାର ବ୍ୟୁରୋ):** ଗଣ୍ଡମୁଣ୍ଡା ତାରିଣୀ ବସ୍ତି ଉଚ୍ଛେଦବେଳେ ବିଦ୍ୟୁତ୍ ତାର ଲାଗି ଚାଲିଗଲା ଜୀବନ। ସ୍ଥାନୀୟ ବାସିନ୍ଦା ନିଆଁ ଜାଳି ଦୁଇ ପାଖ ରାସ୍ତା ଅବରୋଧ କରିଛନ୍ତି। ମୃତକ ନାରାୟଣ ସାହୁ(୨୫)। ବିଡିଓ ଓ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ନାରାୟଣ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ ଚାଲିଥିଲା।

ତେଣୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଦ୍ୟୁତ୍ ବିଭାଗ ପକ୍ଷରୁ ସେଠାରେ ବିଦ୍ୟୁତ୍ ସଂଯୋଗ କଟାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ ଦିଆଯାଇଥିଲା। କିନ୍ତୁ ଅପରାହ୍ନରେ ନାରାୟଣ ସେଠାରେ ଭାଇବ୍ରେଟର କଟର ମେସିନ ସହାୟତାରେ କିଛି ଲୁହା ରଡ୍‌କୁ କାଟୁଥିବା ସମୟରେ କଟର୍‌ଟିକୁ ଧରି ପକାଇବା କ୍ଷଣି ଦୂରକୁ ଛିଟ୍‌କି ପଡ଼ିଥିଲେ। ଫଳରେ ସେ ସେଇଠାରେ ହିଁ ଟଳିପଡ଼ିଥିଲେ। ଏହା ଦେଖି ବସ୍ତିରେ ହୋ-ହାଲ୍ଲା ପଡ଼ିଯାଇଥିଲା। ଖବର ପାଇ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ସହ ପକ୍ଷରୁ ସେଠାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ତେବେ ନାରାୟଣଙ୍କ ମୃତ୍ୟୁକୁ ନେଇ ବସ୍ତିରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। କିନ୍ତୁ ଏହା ଉଗ୍ର ହେବା ପୂର୍ବରୁ ପୁଲିସ୍ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

ପଡ଼ିଲା ଆକ୍ୱା ପାର୍କ ଓ ମାଛ ବଜାରର ଭିତ୍ତିପ୍ରସ୍ତର

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ କେନ୍ଦ୍ରମନ୍ତ୍ରୀ




**ଭୁବନେଶ୍ୱର, ୧୧।୧୦ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବଲପୁରରେ ଆକ୍ୱା ପାର୍କ ଓ ଭୁବନେଶ୍ୱରରେ ଅତ୍ୟାଧୁନିକ ମାଛ ବଜାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆଜି ଆଭାସୀ ଜରିଆରେ ସମ୍ବଲପୁର ହୀରାକୁଦରେ ପିଏମ୍ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ୧୦୦ କୋଟି ଟଙ୍କା ବ୍ୟୟରେ 'ଅତ୍ୟାଧୁନିକ ସମନ୍ୱିତ ଆକ୍ୱା ପାର୍କ' ଓ ୫୯.୧୩ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ପାଣ୍ଡରାରେ 'ଅତ୍ୟାଧୁନିକ ପାଇକାରୀ ମାଛ ବଜାର' ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପୂର୍ବୋଦୟ ମିଶନରେ ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ପ୍ରଧାନମନ୍ତ୍ରୀଙ୍କ କରକମଳରେ ରାଷ୍ଟ୍ର ଉଦ୍ଦେଶ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ୪୨ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ଓ ଯୋଜନାର ଉଦ୍‌ଘାଟନ ହୋଇଛି। ୨୪ ହଜାର କୋଟି ଟଙ୍କା ବ୍ୟୟବରାଦରେ 'ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା' ସହ ୧୧ ହଜାର ୪୪୦ କୋଟି ଟଙ୍କା ବ୍ୟୟବରାଦ ସହ ଡାଲିରେ ଆତ୍ମନିର୍ଭରଶୀଳତା ମିଶନ ଏବଂ ପଶୁପାଳନ, ମତ୍ସ୍ୟପାଳନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏକାଧିକ ଯୋଜନାର ଶୁଭାରମ୍ଭ ଯୁଗାନ୍ତକାରୀ ପଦକ୍ଷେପ। ଏହି କାର୍ଯ୍ୟକ୍ରମ କୃଷି ଉତ୍ପାଦ ସଂଗଠନ (ଏଫପିଓ) ସହ ଚାଷ, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତି ଗଠନକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀ-ସିଏଓ ସଦସ୍ୟ ଆଲୋଚନା



**ଭୁବନେଶ୍ୱର, ୧୧।୧୦ (ସଂଚାର ବ୍ୟୁରୋ):** କଟନ ଆସୋସିଏସନ ଅଫ ଓଡ଼ିଶା (ସିଓଏ)ର ସଦସ୍ୟମାନେ ଆଜି କୃଷି ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିଛନ୍ତି। ଏହି ସମୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ସାକ୍ଷାତ ଅବସରରେ କପା ଚାଷ ତଥା ବିପଣନ ବେଳେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଉପମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କୁ ସେମାନେ ଅବଗତ କରାଇଥିଲେ। ଉପମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ସେମାନଙ୍କ ସମସ୍ୟା ଶୁଣିଥିଲେ ଏବଂ କଟନ କର୍ପୋରେସନ ଅଫ ଇଣ୍ଡିଆ ସହ ଆଲୋଚନା କରି ଏ ବିଷୟରେ ଆବଶ୍ୟକ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମଧ୍ୟ ଏନେଇ ଆଲୋଚନା କରି ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ଉତ୍ପାଦିତ କପା ଦେଶର ଅନ୍ୟତମ ଉତ୍କୃଷ୍ଟ କପା ମଧ୍ୟରେ ଅନ୍ୟତମ। ଲମ୍ବା ଷ୍ଟେପଲ ଓ ଦୀର୍ଘ ଅବଧି ଗୁଣ ଯୋଗୁଁ ଏହା ବୁଣାକାରଙ୍କ ପାଇଁ ପ୍ରଥମ ପସନ୍ଦ ରହିଆସିଛି।

## ଟାଙ୍ଗିଆ ଚୋଟରେ ନେଲା ପତ୍ନୀ ଜୀବନ

**ବାରିପଦା,୧୧।୧୦(ସଂଚାର ବ୍ୟୁରୋ):** ସ୍ତ୍ରୀକୁ ଟାଙ୍ଗିଆରେ ହାଣି ନୃଶଂସ ସ୍ୱାମୀ ହତ୍ୟା କରିଛି। ଏପରି ହତ୍ୟାକାଣ୍ଡ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ସାଲେଇବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆସନକୁଦର ଗ୍ରାମ ପୁରୁଣା ଖେଡ଼ିଆ ସାହିରେ ଘଟିଛି। ସୂଚନାନୁଯାୟୀ, ଆସନକୁଦରରେ ଥିବା ପୁରୁଣାସାହିରେ ଖଡ଼ିଆ ଜନଜାତିର କେତେକ ପରିବାର ଦୀର୍ଘ ବର୍ଷ ହେଲା ରହିଆସୁଛନ୍ତି। ତେବେ ଆଜି ସୁବୁଦ୍ଧି ଦେହୁରୀ କୌଣସି କାରଣରୁ ତା' ସ୍ତ୍ରୀ ଟୁନି ଦେହୁରୀଙ୍କ ସହ କଳିଝଗଡ଼ା କରିଥିଲା। ସେତେବେଳେ ସୁବୁଦ୍ଧି ନିଶାସକ୍ତ ଥିବାରୁ ସ୍ତ୍ରୀ ଟୁନି କଥାରେ ଅତିରିକ୍ତ କ୍ରୋଧାନ୍ୱିତ ହୋଇଯାଇଥିଲା। ସେ ଘର ଭିତରେ ଥିବା ଏକ ଟାଙ୍ଗିଆ ଆଣି ଟୁନି ବେକକୁ ଅତି ନିର୍ମମ ଭାବେ ହାଣିଦେଇଥିଲା। ଫଳରେ ଟୁନିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟୁନିଙ୍କ ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ସୁବୁଦ୍ଧିକୁ ଥାନାରେ ଅଟକ ରଖିଛି।

## ୮ ଗଞ୍ଜେଇ ମାଫିଆ ଗିରଫ

- ମାସେ ତଳୁ ଫେରାର୍ ଥିଲେ
- ୮ ମୋବାଇଲ୍ ଓ ୧୦ ହଜାର ଟଙ୍କା ଜବତ




**ସୁବର୍ଣ୍ଣପୁର,୧୧।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବିନିକା ପୁଲିସକୁ ଆଜି ବଡ଼ ସଫଳତା ମିଳିଛି। ଦୀର୍ଘ ମାସେ ଧରି ଫେରାର ରହିଥିବା ୮ ଜଣ ଗଞ୍ଜେଇ ମାଫିଆଙ୍କୁ ବିନିକା ପୁଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଏଥି ସହ ଆସାମୀମାନେ ବ୍ୟବହାର କରିଥିବା ଦୁଇଟି କାର, ୮ଟି ମୋବାଇଲ ଓ ନଗଦ ୧୦ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି।

ଘଟଣାରୁ ପ୍ରକାଶ ଯେ ଏହି ୮ ଜଣ ଗଞ୍ଜେଇ ମାଫିଆ ଝାରଖଣ୍ଡ ନମ୍ବର ଥିବା ଦୁଇଟି ଦାମିକିଆ କାର (ନଂ.ଜେଏଚ୦୨ବିଏଚ୧୦୦୭ ଓ ନଂ.ଜିଏଚ୦୫ବିଏଫ୫୩୨୧)ରେ ବୌଦ୍ଧ ଜିଲ୍ଲାକୁ ଗଞ୍ଜେଇ ନେଇ ଯାଉଥିବା ସମୟରେ ବିନିକା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିନିକାଠାରେ ଗତକାଲି ମାଡ଼ିବସିଥିଲା। ଏହି ୨ଟି କାରରେ ଝାରଖଣ୍ଡ ରାଜ୍ୟର ପଲାମୁ ଜିଲ୍ଲାର ୫ ଜଣ ଗଞ୍ଜେଇ ମାଫିଆ ରଞ୍ଜିତ କୁମାର ବର୍ମା (୩୪), ପ୍ରେମ କୁମାର ଗୁପ୍ତା (୫୨), ବବଲୁ କୁମାର (୨୫), ଅଭିନାଶ କୁମାର (୨୫), ଚନ୍ଦେଶ୍ୱର ପ୍ରସାଦ (୩୩) ଓ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଗାଁର ନିବେଶ ସାହୁ (୩୧), ମନମୁଣ୍ଡା ଥାନା ତିଳପଙ୍ଗା ଗାଁର ବବଲୁ ଖଟୁଆ (୨୮) ଓ ଉକ୍ତ ଗାଁର ଜିତେନ୍ଦ୍ର କଟୁଆଲ (୨୪) ଏହି କେସରେ ସମ୍ପୃକ୍ତ ଥିବା ୮ ଜଣ ଗଞ୍ଜେଇ ମାଫିଆକୁ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏଥିସହ ଆସାମୀମାନେ ବ୍ୟବହାର କରୁଥିବା ୮ଟି ମୋବାଇଲ୍ ଓ ନଗଦ ୧୦ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୬ ତାରିଖ ଭୋର୍ ସମୟରେ ବିନିକା ଥାନା ଦେଇ ଦ୍ରୁତ ଗତିରେ ଯାଉଥିବା ନମ୍ବରବିହୀନ ଉକ୍ତ କାର୍‌ର ଆଗ ଚକ ବିନିକା ସହରର ନୂଆଁ ବଜାର ନିକଟରେ ଫାଟିଯାଯାଇଥିଲା। ଫଳରେ ଉକ୍ତ ଗଞ୍ଜେଇ ଭର୍ତ୍ତି ଗାଡ଼ିକୁ ଗଞ୍ଜେଇ ମାଫିଆମାନେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ସହ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଫଳରେ ଗାଡ଼ିଟି ହୁତୁହୁତୁ ହୋଇ ଜଳୁଥିବା ସମୟରେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିନିକା ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଦୟାରାମ ମେହେରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ସେଥିରୁ ୩ କ୍ୱିଣ୍ଟାଲ ୩୧ କେଜି ଗଞ୍ଜେଇ ରହିଥିବା ବେଳେ ପୁଲିସ ଉକ୍ତ ଗଞ୍ଜେଇ ସହ ଦରପୋଡ଼ା କାରକୁ ବି ଜବତ କରିଛି। ଏନେଇ ବିନିକା ଥାନାରେ ୧୭୯/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଟ୍ରମ୍ପଙ୍କ ଆଉ ଏକ ଟାରିଫ୍ ବୋମା

# ଚୀନ୍ ଉପରେ ଆମେରିକାର ୧୦୦% ଟାରିଫ

ନୂଆଦିଲ୍ଲୀ ୧୧।୧୦ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଉପରେ କରିଛନ୍ତି ଟାରିଫ୍ ପ୍ରହାର। ଶୁକ୍ରବାର ଦିନ ଚୀନ୍ ବିରୁଦ୍ଧରେ ନୂତନ ବାଣିଜ୍ୟିକ ପଦକ୍ଷେପ ଘୋଷଣା କରିଛନ୍ତି। ନଭେମ୍ବର ୧ ତାରିଖରୁ ସମସ୍ତ ଚୀନ୍ ଆମଦାନୀ ଉପରେ ଅତିରିକ୍ତ ୧୦୦% ଶୁଳ୍କ ଲାଗୁ କରାଯିବ। ଆମେରିକାରେ ନିର୍ମିତ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ଉପରେ କଠୋର ରପ୍ତାନି ନିୟନ୍ତ୍ରଣ ଲଗାଇବାକୁ ବି ନିର୍ଦ୍ଦେଶ ହୋଇଛି। ଚୀନ୍ ଉପରେ ୧୦୦% ଶୁଳ୍କ ଘୋଷଣା ପରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ତାଙ୍କର ସାକ୍ଷାତ ବାତିଲ କରିଛନ୍ତି କି ବୋଲି ପଚରାଯିବାରୁ ଟ୍ରମ୍ପ କହିଥିଲେ, "ନା, ମୁଁ କରିନାହିଁ। କିନ୍ତୁ ମୁଁ ଜାଣିନାହିଁ ଆମେ କରିବୁ କି ନାହିଁ। ଯଦି ଚୀନ୍ ରପ୍ତାନି ନିୟନ୍ତ୍ରଣ ଉଠାଇଦିଏ ତେବେ ସେ ଅତିରିକ୍ତ ଶୁଳ୍କ ଉଠାଇବେ କି ନାହିଁ ପଚରାଯିବାରୁ ସେ କହିଥିଲେ, "ଆମେ ଦେଖିବୁ କ'ଣ ହୁଏ। ସେଥିପାଇଁ ମୁଁ ଏହାକୁ ନଭେମ୍ବର ୧ ପାଇଁ ସ୍ଥିର କରିଛି। ପୂର୍ବରୁ, ଆମେରିକା



ରାଷ୍ଟ୍ରପତି କହିଥିଲେ ଯେ ଚୀନ୍ ବାଣିଜ୍ୟ ଉପରେ ବହୁତ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରିଛି। ବିଶ୍ୱକୁ ଚିଠି ପଠାଇ କହିଛି ଯେ ସେମାନେ ନଭେମ୍ବର ୧, ୨୦୨୫ ଠାରୁ ପ୍ରାୟ ପ୍ରତ୍ୟେକ ଉତ୍ପାଦ ଉପରେ, ଏପରିକି କିଛି ଉତ୍ପାଦ ଯାହା ସେମାନେ ଉତ୍ପାଦନ କରନ୍ତି ନାହିଁ, ବ୍ୟାପକ ରପ୍ତାନି ନିୟନ୍ତ୍ରଣ ଲାଗୁ କରିବାକୁ ଯାଉଛନ୍ତି। ଏହା ସମସ୍ତ ଦେଶକୁ ପ୍ରଭାବିତ କରେ। ଏହି ଯୋଜନା ସ୍ପଷ୍ଟ ଭାବରେ ବର୍ଷ ବର୍ଷ ପୂର୍ବରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।

ଟ୍ରମ୍ପ କହିଥିଲେ ଯେ ଏହା ଅନ୍ତର୍ଜାତୀୟ ବାଣିଜ୍ୟରେ ସମ୍ପୂର୍ଣ୍ଣ ଅଶୁଣା, ଏବଂ ଅନ୍ୟ ଦେଶମାନଙ୍କ ସହିତ ବ୍ୟବହାର କରିବାରେ ଏକ ନୈତିକ ଆକ୍ରୋଶ। ଏହା ବିଶ୍ୱାସ କରିବା ଅସମ୍ଭବ ଯେ ଚୀନ୍ ଏପରି ପଦକ୍ଷେପ ନେବ, କିନ୍ତୁ ସେମାନେ ନେଇଛନ୍ତି, ଏବଂ ବାକି ସବୁ ଇତିହାସ। ଶୁକ୍ରବାର ପୂର୍ବରୁ, ଟ୍ରମ୍ପ କହିଥିଲେ ଯେ ବିରଳ ପୃଥିବୀ ଉପାଦାନ ଉପରେ ବ୍ୟାପକ ନୂତନ ରପ୍ତାନି ନିୟନ୍ତ୍ରଣ ଲାଗୁ କରି ବେଜିଂ ଅତ୍ୟନ୍ତ ପ୍ରତିକୂଳ ମନୋଭାବ ଗ୍ରହଣ କରିବା ପରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିବାର କୌଣସି କାରଣ ନାହିଁ। ସେ ଚେତାବନୀ ଦେଇଥିଲେ ଯେ ଆମେରିକା ଚୀନ୍ ସାମଗ୍ରୀ ଉପରେ ଟିକସରେ ଉଲ୍ଲେଖନୀୟ ବୃଦ୍ଧି ସମେତ କଡ଼ା ପ୍ରତିଶୋଧମୂଳକ ପଦକ୍ଷେପ ସହିତ ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ସ୍ମାର୍ଟଫୋନ ଠାରୁ ଆରମ୍ଭ କରି ଲଢ଼ୁଆ ବିମାନ ପର୍ଯ୍ୟନ୍ତ ସବୁକିଛିରେ ବ୍ୟବହୃତ ବିରଳ ପୃଥିବୀର ପ୍ରକ୍ରିୟାକରଣରେ ପ୍ରାଧାନ୍ୟ ବିସ୍ତାର କରୁଥିବା ଚୀନ୍ ଏହାର ବିଦ୍ୟମାନ ପ୍ରତିବନ୍ଧିତ ଖଣିଜ ପଦାର୍ଥ ତାଲିକାରେ ପାଞ୍ଚଟି ନୂତନ ଉପାଦାନ - ହୋଲମିୟମ୍, ଏର୍ବିୟମ୍, ଥୁଲିୟମ୍, ୟୁରୋପିୟମ୍ ଏବଂ ୟଟରବିୟମ୍ - ଯୋଡ଼ିଛି, ଯାହା ୧୭ ପ୍ରକାର ମଧ୍ୟରୁ ମୋଟ ୧୨କୁ ବୃଦ୍ଧି କରିଛି। କେବଳ ଉପାଦାନ ପାଇଁ ନୁହେଁ ବରଂ ଖଣି, ତରଳାଇବା ଏବଂ ଚୁମ୍ବକ ଉତ୍ପାଦନ ସହିତ ଜଡିତ ପ୍ରଯୁକ୍ତିବିଦ୍ୟା ପାଇଁ ମଧ୍ୟ ରପ୍ତାନି ଲାଇସେନ୍ସ ଆବଶ୍ୟକ ହେବ। ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟ କହିଛି ଯେ ଏହି ପଦକ୍ଷେପ ଜାତୀୟ ସୁରକ୍ଷା ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ଏବଂ ସାମରିକ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ କ୍ଷେତ୍ରରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସାମଗ୍ରୀ ବ୍ୟବହାର ହେବାରୁ ରୋକିବା ପାଇଁ ଉଦ୍ଦିଷ୍ଟ।

## ଆଜିର ସୁନା ଦର



ଢିଲା ସୁନା ଏବଂ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର।ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୪,୨୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୩,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୪,୨୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୩,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୪,୨୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୩,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୪୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୪,୬୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୪,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୪, ୨୬୦ ଓ ୧, ୧୩,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୭୭,୦୦୦ ଟଙ୍କା ହୋଇଛି।

# ସୁନା ଋଣ ବଜାର ୧୫ ଲକ୍ଷ କୋଟି ଛୁଇଁବ

ନୂଆଦିଲ୍ଲୀ, ୧୧।୧୦ଃ ଦେଶରେ ସଂଗଠିତ କ୍ଷେତ୍ରର ସୁନା ଋଣ ବଜାର ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ୧୫ ଲକ୍ଷ କୋଟି ଛୁଇଁବ। ପୂର୍ବ ଆକଳନର ୧ ବର୍ଷ ପୂର୍ବରୁ ଏହା ହେବ ବୋଲି ରେଟିଂ ଏଜେନ୍ସି ଇକ୍ରା ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ଇକ୍ରା ପକ୍ଷରୁ ଏକ ଆକଳନ କରାଯାଇଥିଲା। ସେଥିରେ ୨୦୨୭ ମାର୍ଚ୍ଚ ସୁଦ୍ଧା ଦେଶର ସଂଗଠିତ କ୍ଷେତ୍ରର ସୁନା ଋଣ ବଜାର ୧୫ ଲକ୍ଷ କୋଟି ଛୁଇଁବ ବୋଲି ଦର୍ଶାଯାଇଥିଲା। କିନ୍ତୁ ୨୦୨୭ ମାର୍ଚ୍ଚ ବେଳକୁ ଏହି ବଜାର ୧୮ ଲକ୍ଷ କୋଟି ସ୍ତରରେ ପହଞ୍ଚିବ ବୋଲି ନୂଆ ଆକଳନରେ କୁହାଯାଇଛି। ସୁନା ଦରରେ ହେଉଥିବା ବୃଦ୍ଧି ଏବଂ ବନ୍ଧକ ଋଣର ଚାହିଦା ବଢୁଥିବାରୁ ଏପରି ସ୍ଥିତି ଉପୁଜିଛି। ସୂଚନା ଅନୁଯାୟୀ ଦେଶରେ ମୋଟ ସଂଗଠିତ



ସୁନା ଋଣ ବଜାରରେ ବ୍ୟାଙ୍କଗୁଡ଼ିକର ଅଂଶ ପ୍ରାୟ ୮୨ ପ୍ରତିଶତ ରହିଥିଲା। ୨୦୨୫ ମାର୍ଚ୍ଚ ସୁଦ୍ଧା ଦେଶରେ ମୋଟ ସୁନା ଋଣ ବଜାର ୧୧.୮ ଲକ୍ଷ କୋଟି ଟଙ୍କା ରହିଥିଲା। ଇକ୍ରା ତଥ୍ୟରୁ ଏହା ମଧ୍ୟ ଜଣାଯାଇଛି ଯେ ୨୦୨୫ ମାର୍ଚ୍ଚ ବେଳକୁ ବ୍ୟାଙ୍କଗୁଡ଼ିକର ମୋଟ ଋଣରେ ରିଟେଲ୍ ଓ ପର୍ସନାଲ ଗୋଲ୍ଡ ଲୋନ୍ ପରିମାଣ ୧୫ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଷକ ପୂର୍ବରୁ ଏହା ୧୧ ପ୍ରତିଶତରେ ରହିଥିଲା। ଅନ୍ୟପକ୍ଷରେ ମୋଟ ଋଣରେ କୃଷି ଓ ଅନ୍ୟାନ୍ୟ ଋଣ ପରିମାଣ ୭୦ ପ୍ରତିଶତରୁ ୬୩ ପ୍ରତିଶତକୁ ହ୍ରାସ ପାଇଛି। ୨୦୨୫ ଜୁନ ସୁଦ୍ଧା ଏନ୍‌ବିଏଫ୍‌ସିଗୁଡ଼ିକର ମୋଟ ସୁନା ଋଣ ୨.୪ ଲକ୍ଷ କୋଟି ଟଙ୍କାରେ ରହିଥିଲା। ପୂର୍ବବର୍ଷ ତୁଳନାରେ କିନ୍ତୁ ଏଥିରେ ୪୧ ପ୍ରତିଶତ ବୃଦ୍ଧି ଘଟିଥିଲା। ଏନ୍‌ବିଏଫ୍‌ସି କ୍ଷେତ୍ରର ସୁନା ଋଣ ଅଳ୍ପ କେତୋଟି କମ୍ପାନିଙ୍କ ମଧ୍ୟରେ ସୀମିତ ରହିଛି। ସେମାନଙ୍କ ମଧ୍ୟରୁ ୪ଟି ଏନ୍‌ବିଏଫ୍‌ସିର ଯୋଗଦାନ ୮୧ ପ୍ରତିଶତ ବୋଲି ଇକ୍ରା ତଥ୍ୟରୁ ଜଣାଯାଇଛି।

# ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସଚେତନତା ବାର୍ତ୍ତା

କୋଲକାତା, ୧୧।୧୦ (ସଂଚାର ବ୍ୟୁରୋ)ଃ ସଲ୍ଟଲେକ ସେକ୍ଟର ପାଞ୍ଚର ଆଇଟି ହବ୍ ସବୁଜ-ଧଳା ରଙ୍ଗରେ ଭରି ଉଠିଲା। ପ୍ରାୟ ୧୨୦୦ ଛାତ୍ରଛାତ୍ରୀ, ପ୍ରଫେସର, ବିଶିଷ୍ଟ ଅତିଥି ଏବଂ ବିଶେଷ ଭାବରେ ସକ୍ଷମ ପିଲାମାନେ ମାନସିକ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପ୍ରସାର କରିବା ପାଇଁ ଏକାଠି ହୋଇଥିଲେ। ଲାୟନ୍ସ କ୍ଲବ ଅଫ୍ କୋଲକାତା ଆଇଇଏମ୍ ଏବଂ ଲାୟନ୍ସ କ୍ଲବ୍ ଅଫ୍ କୋଲକାତା ସଲ୍ଟଲେକ ଆଇଇଏମ୍ ସହଯୋଗରେ ଆଇଇଏମ୍-ୟୁଇଏମ୍ ଗ୍ରୁପ୍ ଦ୍ୱାରା ଏହି ପଦକ୍ଷେପର ଆୟୋଜନ କରାଯାଇଥିଲା। 'ଆଇଇଏମ୍ ୟୁନାଇଟେଡ୍ ଫର୍ ୱେଲନେସ୍' ଶୀର୍ଷକ ରାଲି ଗୀତ, ନାଟକ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ କରୁଣା ଏବଂ ଆଶାର ବାର୍ତ୍ତା ପ୍ରସାର କରିଥିଲା - ଭୁଲ ହେବା ଠିକ୍ ଅଛି, ଶୁଣନ୍ତୁ, ସାହାଯ୍ୟ କରନ୍ତୁ, ଆରୋଗ୍ୟ ଆଣନ୍ତୁ। ପ୍ରଫେସର ଡକ୍ଟର ସତ୍ୟଜିତ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉଦ୍‌ଘାଟନ ସହିତ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମହମବତୀ ଜଳାଇ ଏକତା ଏବଂ ଆରୋଗ୍ୟ ପ୍ରତିଜ୍ଞା ସହିତ ଶେଷ ହୋଇଥିଲା।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# କେଦାରନାଥ-ବଦ୍ରିନାଥ ମନ୍ଦିର ଦର୍ଶନ କଲେ ମୁକେଶ ଅମ୍ବାନୀ

ନୂଆଦିଲ୍ଲୀ,୧୧।୧୦ଃ ଉତ୍ତରାଖଣ୍ଡର ପବିତ୍ର ଭୂମିରେ ଭାରତର ସବୁଠାରୁ ଧନୀ ବ୍ୟବସାୟୀ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ମୁକେଶ ଅମ୍ବାନୀ। ସେ କେଦାରନାଥ ଏବଂ ବଦ୍ରିନାଥ ମନ୍ଦିର ଯାଇ ଦର୍ଶନ କରିଛନ୍ତି। ସେଠାରେ ପହଞ୍ଚିବା ପରେ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ, ଏବଂ ତାଙ୍କୁ ଏକ ପାରମ୍ପରିକ ଉତ୍ତରାଖଣ୍ଡୀ ଟୋପି ମଧ୍ୟ ପ୍ରଦାନ କରିଥିଲେ। ତାଙ୍କ ଗସ୍ତ ସମୟରେ, ଅମ୍ବାନୀ ଏହି ପବିତ୍ର ମନ୍ଦିରକୁ ମୋଟ ୧୦ କୋଟି ଦାନ କରିଛନ୍ତି। ମନ୍ଦିର କମିଟି କହିଛି ଯେ, ଏହି ଦାନକୁ ମନ୍ଦିରର ସୌନ୍ଦର୍ଯ୍ୟକରଣ, ତୀର୍ଥ ସୁବିଧାର ପ୍ରସାରଣ ଏବଂ ଧାର୍ମିକ ଐତିହ୍ୟର ସଂରକ୍ଷଣ ପାଇଁ ବ୍ୟବହାର କରାଯିବ। ଅମ୍ବାନୀ ବଦ୍ରିନାଥରେ ୧୦୦ କୋଠରୀ ବିଶିଷ୍ଟ ଏକ ଅତିଥି ଭବନ ନିର୍ମାଣରେ ମଧ୍ୟ ସହାୟତା ପ୍ରତିଶ୍ରୁତି ଦେଇଛନ୍ତି। ବଦ୍ରିନାଥ ଏବଂ କେଦାରନାଥ ମନ୍ଦିରରେ ପ୍ରାର୍ଥନା କରିବା ପରେ, ଅମ୍ବାନୀ ମନ୍ଦିର କମିଟିର ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀଙ୍କୁ ଚାରିଧାମ ଯାତ୍ରା ପରିଚାଳନାର ପ୍ରଶଂସା କରିଥିଲେ। ସେ କହିଥିଲେ, "ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମିଙ୍କ ନେତୃତ୍ୱରେ, ଚାରିଧାମ ଯାତ୍ରା ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ



## ଦାନ କଲେ ୧୦ କୋଟି ଟଙ୍କା

ପରିଚାଳିତ ହେଉଛି। ଧାମି ସରକାର ତୀର୍ଥପଥର ବିଭିନ୍ନ ସ୍ଥାନରେ ତୀର୍ଥଯାତ୍ରୀଙ୍କ ପାଇଁ ଉତ୍କୃଷ୍ଟ ବ୍ୟବସ୍ଥା କରିଛନ୍ତି। ଏପରି ନିରାପଦ ଏବଂ ସୁବ୍ୟବସ୍ଥିତ ସୁବିଧା ଅନ୍ୟ ତୀର୍ଥସ୍ଥଳରେ ବିରଳ। ସେ କହିଛନ୍ତି ଯେ, ସେ ପ୍ରାୟ ୨୦ ବର୍ଷ ଧରି ଉତ୍ତରାଖଣ୍ଡ ଗସ୍ତ କରୁଛନ୍ତି, କିନ୍ତୁ ସେ ଏପରି ଉତ୍କୃଷ୍ଟ ବ୍ୟବସ୍ଥା କେବେ ଦେଖି ନାହାଁନ୍ତି। ମୁଖ୍ୟମନ୍ତ୍ରୀ ଧାମିଙ୍କ ନେତୃତ୍ୱରେ ହୋଇଥିବା ଐତିହାସିକ କାର୍ଯ୍ୟକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ମୁକେଶ ଅମ୍ବାନୀ ଏହା ମଧ୍ୟ କହିଛନ୍ତି ଯେ, ଆଗାମୀ ୧୦ ବର୍ଷ ମଧ୍ୟରେ ଉତ୍ତରାଖଣ୍ଡକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ଧାମିଙ୍କ ନେତୃତ୍ୱରେ ଉତ୍ତରାଖଣ୍ଡ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଏବଂ ନୂତନ ରେକର୍ଡ ସ୍ଥାପନ କରିଛି।ରାଜ୍ୟରେ ନିକଟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟକୁ ଉଲ୍ଲେଖ କରି ସେ ଜୀବନ ଏବଂ ସମ୍ପତ୍ତି କ୍ଷତି ପାଇଁ ସମବେଦନା ପ୍ରକାଶ କରିଛନ୍ତି। ସେ ଏବଂ ରିଲାଏନ୍ସ ଫାଉଣ୍ଡେସନ ସର୍ବଦା ଉତ୍ତରାଖଣ୍ଡର ଆବଶ୍ୟକତା ସମୟରେ ତାଙ୍କ ସହିତ ଠିଆ ହେବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ମୁକେଶ ଅମ୍ବାନୀ ଏହା ମଧ୍ୟ କହିଛନ୍ତି ଯେ, ସେ ତୀର୍ଥସ୍ଥଳ ଏବଂ ପରିବେଶ ସୁରକ୍ଷାରେ ଉତ୍ତରାଖଣ୍ଡ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବେ। ଗତ କିଛି ବର୍ଷ ଧରି ଅମ୍ବାନୀ ପରିବାର ବଦ୍ରିନାଥ ଏବଂ କେଦାରନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## ଆଧାର ଭଳି କାର୍ଡ ଆଣିବ ବ୍ରିଟେନ୍

ମୁମ୍ବାଇ, ୧୧।୧୦ଃ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେୟର୍ ଷ୍ଟାର୍ମର୍ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ମୁଖ୍ୟ ନନ୍ଦନ ନିଲେକାନିଙ୍କ ସହ ଆଲୋଚନା କରିବା ବେଳେ ବ୍ରିଟେନ୍‌ରେ ଆଧାର ଭଳି କାର୍ଡ ପ୍ରଚଳନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଭାରତର ଆଧାର କାର୍ଯ୍ୟକ୍ରମ ଢାଞ୍ଚାରେ ଏକ ଜାତୀୟ ଡିଜିଟାଲ ପରିଚୟପତ୍ର ଜାରି କରିବା ଲାଗି ବ୍ରିଟେନ୍ ଯୋଜନା ରଖିଛି। ବ୍ରିଟିଶ ନାଗରିକ ଏବଂ ନିଯୁକ୍ତି ସନ୍ଧାନ କରୁଥିବା ସ୍ଥାୟୀ ବାସିନ୍ଦାଙ୍କ ପାଇଁ ଡିଜିଟାଲ ପରିଚୟପତ୍ର ବାଧ୍ୟତାମୂଳକ କରାଯିବ ବୋଲି ଗତ ମାସରେ ଷ୍ଟାର୍ମର ଘୋଷଣା କରିଥିଲେ।

## ପ୍ରେଷ୍ଟିଜ୍ ପ୍ରେସର୍ କୁକର୍ ନିର୍ମାତାଙ୍କ ପରଲୋକ

ବେଙ୍ଗାଲୁରୁ, ୧୧।୧୦ଃ ପ୍ରେସର୍ କୁକର୍‌ରେ 'ଗ୍ୟାସ୍‌କେଟ୍ ରିଲିଜ୍ ସିଷ୍ଟମ୍' ବ୍ୟବହାର କରି ତାହାକୁ ସୁରକ୍ଷିତ କରିବା ସହ ଘରେ ଘରେ ପ୍ରେଷ୍ଟିଜ୍‌କୁ ଏକ ପରିଚିତ ନାମରେ ପରିଣତ କରିଥିବା ଟିଟିକେ ଗ୍ରୁପ୍‌ର ସେବାନିବୃତ୍ତ ଅଧ୍ୟକ୍ଷ ଟିଟି ଜଗନ୍ନାଥଙ୍କ ପରଲୋକ ହୋଇଛି। ପ୍ରେସର୍ କୁକର୍‌ରେ ନବସୃଜନ ଆଣି ସେ ରୋଷେଇଘର ଜିନିଷ ଶିଳ୍ପରେ ବିପ୍ଳବ ଆଣିଥିଲେ। ଆଇଆଇଟି ମାଡ୍ରାସ ଓ କର୍ନେଲ୍ ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିବା ଶ୍ରୀ ଜଗନ୍ନାଥ ଜଣେ ମେଧାବୀ ଥିଲେ। ପ୍ରାୟ ୫୦ ବର୍ଷ ଧରି ସେ ତାଙ୍କ କମ୍ପାନି ଟିଟିକେ ପ୍ରେଷ୍ଟିଜ୍‌ର ନେତୃତ୍ୱ ନେଇଥିଲେ।

# ରାଜଭବନରେ ଇଭିକୁ ଆନନ୍ଦ ମହିନ୍ଦ୍ରାଙ୍କ ପ୍ରଶଂସା



ଭୁବନେଶ୍ୱର, ୧୧।୧୦: ରାଜଭବନର ଅଧିକାଂଶ ଗାଡ଼ିକୁ ଇଲେକ୍ଟ୍ରିକ୍ ଯାନ (ଇଭି)ରେ ପରିବର୍ତ୍ତନ କରିବା ଅଭିଯାନକୁ ଦେଶର ବିଶିଷ୍ଟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭିଡିଓ ଜାରି କରି ସେ ଏହାକୁ ଉନ୍ନତି ଓ ପ୍ରଗତିର ପ୍ରତୀକ ବୋଲି କହିଛନ୍ତି। ରାଜଭବନର ଇଲେକ୍ଟ୍ରିକ୍ କାର୍‌ଗୁଡ଼ିକ ବେଶ୍ ସୁନ୍ଦର ଦେଖାଯାଉଥିବା ସେ କହିଛନ୍ତି। ଜୀବାଶ୍ମ ଇନ୍ଧନ ବ୍ୟବହାର କମ୍ କରିବା ଓ ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ପାଇଁ ରାଜଭବନର ଅଧିକାଂଶ ଗାଡ଼ିକୁ ଇଲେକ୍ଟ୍ରିକ୍ ଯାନରେ ପରିବର୍ତ୍ତନ କରାଯାଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ କାର୍‌କେଡ୍‌କୁ ସମ୍ପୂର୍ଣ୍ଣ ଇଭିରେ ବଦଳାଇ ଦିଆଯାଇଛି। ପେଟ୍ରୋଲ୍ ଓ ଡିଜେଲ ଭଳି ଖଣିଜ ତୈଳ ଉପରେ ନିର୍ଭରଶୀଳତା କମ୍ କରିବା ଲାଗି ରାଜଭବନ ପରିସରରେ ଏକ ୧୫୦ କିଲୋୱାଟ୍‌ର ସୋଲାର ପାୱାର ପ୍ଲାଣ୍ଟ ରହିଛି। ଖୁବ୍‌ଶୀଘ୍ର ଆଉ ୪୦୦ କିଲୋୱାଟ୍‌ର କ୍ଷମତା ଯୋଡ଼ିବାକୁ ପ୍ରୟାସ କରାଯାଉଛି। ରାଜଭବନରେ ମାସକୁ ୫୦,୦୦୦ ୟୁନିଟ୍ ବିଦ୍ୟୁତ୍ ବ୍ୟବହାର ହେଉଥିବା ବେଳେ ୧୬,୦୦୦ ୟୁନିଟ୍‌ର ଅକ୍ଷୟ ଶକ୍ତି ଉତ୍ପାଦନ କରାଯାଉଛି। ରାଜଭବନରେ କେବଳ ଇଭି କାର୍ ବ୍ୟବହାର ହେଉନାହିଁ। କର୍ମଚାରୀଙ୍କ ବ୍ୟବହାର ଲାଗି ଦୁଇଚକିଆ ଇଭି ମଧ୍ୟ କିଣାଯାଇଛି। ଅତିଥିମାନଙ୍କ ନେବାଆଣିବା ପାଇଁ ଇଲେକ୍ଟ୍ରିକ୍ ବଗି ମଧ୍ୟ ଚାଲୁଛି।

# ଆୟକର ସଂସ୍କାର ପାଇଁ ପ୍ରସ୍ତାବ

ନୂଆଦିଲ୍ଲୀ, ୧୧।୧୦ଃ ଆୟକର ନିୟମରେ ରହିଥିବା କଠୋର ଦଣ୍ଡବିଧାନ ବ୍ୟବସ୍ଥାକୁ ଅପବ୍ୟବହାର କରାଯାଉଥିବା ନେଇ ନିୟମିତ ଅଭିଯୋଗ ହେଉଛି। ଟିକସଦାତାଙ୍କୁ ହଇରାଣ କରିବା ଲାଗି କେତେକ ବ୍ୟବସ୍ଥାକୁ ବ୍ୟବହାର କରାଯାଉଛି। ଆୟକର ନିୟମର ଅପବ୍ୟବହାର ରୋକିବା ଲାଗି ନିତି ଆୟୋଗ ସେଥିରେ ସଂସ୍କାର ଆଣିବାକୁ ପ୍ରସ୍ତାବ ଦେଇଛି। ସବୁ ପ୍ରକାର ଅପରାଧ ପାଇଁ କଠୋର ଦଣ୍ଡବିଧାନ କରିବା ପରିବର୍ତ୍ତେ ଛୋଟମୋଟ ତ୍ରୁଟିର ଦଣ୍ଡକୁ କୋହଳ କରିବାକୁ ଆୟୋଗ କହିଛନ୍ତି। ଏକ ପେପର୍ ଜାରି କରି ୧୨ଟି ଟିକସ ସମ୍ପର୍କିତ ଛୋଟମୋଟ ତ୍ରୁଟିକୁ ଅପରାଧ ବିଚାର ନ କରିବାକୁ ଆୟୋଗ ପ୍ରସ୍ତାବ ଦେଇଛନ୍ତି। ସେହି ତ୍ରୁଟିଗୁଡ଼ିକ ମୁଖ୍ୟତଃ ପ୍ରଶାସନିକ, ବୈଷୟିକ କିମ୍ବା ପ୍ରକ୍ରିୟାଗତ ତ୍ରୁଟି, ଯାହାକୁ ସୁଧାରିବାର ସୁଯୋଗ ରହିଛି। ଟିକସଦାତାଙ୍କ ଅଜାଣତରେ ସେହି ତ୍ରୁଟି ହୋଇଥାଏ। ସେଭଳି ତ୍ରୁଟି ପାଇଁ ବର୍ଷ ବର୍ଷର ଜେଲ୍ ଭଳି କଠୋର ଦଣ୍ଡର ବ୍ୟବସ୍ଥା ନ କରି ଆର୍ଥିକ

**ଛୋଟମୋଟ ତ୍ରୁଟି ପାଇଁ କୋହଳ ଦଣ୍ଡ**

**ଉଦ୍ଦେଶ୍ୟମୂଳକ ଅପରାଧ ପାଇଁ କଠୋର**

ଜରିମାନା ଲଗାଇବାକୁ ନିତି ଆୟୋଗ କହିଛନ୍ତି। ସମ୍ପ୍ରତି ଆୟକର ନିୟମରେ ଥିବା ବ୍ୟବସ୍ଥା ଉପରେ ନିର୍ଭରଶୀଳ ରହି ଦଣ୍ଡବିଧାନ କରାଯାଉଛି। ଛୋଟମୋଟ ତ୍ରୁଟି ପାଇଁ ମଧ୍ୟ ସେଥିରେ ୭ ବର୍ଷ ପର୍ଯ୍ୟନ୍ତର ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଛି। ସେହିପରି, ଅପରାଧ ପ୍ରମାଣ କରିବାର ଦାୟିତ୍ୱ ଟିକସଦାତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ନିତି ଆୟୋଗ ଏହାର ପେପର୍ ଜରିଆରେ ସେହି ବ୍ୟବସ୍ଥା ବଦଳାଇବାକୁ କହିଛନ୍ତି। ସମ୍ପୂର୍ଣ୍ଣ ରୂପେ ଅପରାଧିକ ନିୟମ ଉପରେ ନିର୍ଭରଶୀଳ ରହି ଦଣ୍ଡବିଧାନ କରିବା ବଦଳରେ କେଉଁ ଅପରାଧ ବା ଦୋଷତ୍ରୁଟି ପାଇଁ କେତେ ବର୍ଷର ଦଣ୍ଡ ଦରକାର, ସେହି ନିଷ୍ପତ୍ତି କୋର୍ଟଙ୍କ ଉପରେ ଛାଡ଼ି ଦେବାକୁ ପରାମର୍ଶ ଦିଆଯାଇଛି। ଏଥି ସହିତ କୌଣସି ଅପରାଧକୁ ପ୍ରମାଣ କରିବାର ଦାୟିତ୍ୱ ଟିକସଦାତାଙ୍କ ମୁଣ୍ଡରୁ ହଟାଇ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରିବାକୁ ଆୟୋଗ କହିଛନ୍ତି। ସର୍ବନିମ୍ନ ନିର୍ଦ୍ଦିଷ୍ଟ ବର୍ଷର ଜେଲ୍ ଦଣ୍ଡ ବ୍ୟବସ୍ଥା ହଟାଇବାକୁ କୁହାଯାଇଛି। ଅପରାଧର ଗମ୍ଭୀରତା ଅନୁସାରେ ଦଣ୍ଡବିଧାନ ସରଳ ହେବ ନା କଠୋର ହେବ ତାହା କୋର୍ଟ ନିର୍ଦ୍ଧାରଣ କରିବେ ବୋଲି କୁହାଯାଇଛି। ଅଜାଣତରେ ହେଉଥିବା ତ୍ରୁଟି ପାଇଁ ସରଳ ଏବଂ ଯେଉଁମାନେ ଠକେଇ କିମ୍ବା ମନ୍ଦ ଉଦ୍ଦେଶ୍ୟ ରଖି ଜାଣିଶୁଣି ଆଇନର ଅପବ୍ୟବହାର କରୁଛନ୍ତି, ସେମାନଙ୍କ ବିରୋଧରେ କଠୋର ଦଣ୍ଡର ବ୍ୟବସ୍ଥା କରିବାକୁ ଆୟୋଗ ପ୍ରସ୍ତାବ ଦେଇଛନ୍ତି। ଏହା ହେଲେ ଟିକସ ବ୍ୟବସ୍ଥା ସ୍ୱଚ୍ଛ ଓ ଅଧିକ ବିଶ୍ୱସନୀୟ ହୋଇପାରିବ ବୋଲି ଆୟୋଗ କହିଛନ୍ତି।

## ଜଙ୍ଗଲଜାତ ଦ୍ରବ୍ୟର ବ୍ୟବହାର ଓ ବିକ୍ରି ନେଇ ତାଲିମ



**ଦାରିଙ୍ଗବାଡ଼ି,୧୧।୧୦ (ସଂଚାର ବ୍ୟୁରୋ):** ଜଙ୍ଗଲ ସୁରକ୍ଷା ନେଇ ଜାଗୃତି ସଭାଗୃହ ଠାରେ ଚାଲିଥିବା ୨ ଦିନିଆ କର୍ମଶାଳା ଶନିବାର ଉଦ୍ଯାପିତ ହୋଇଛି। ଗୋଷ୍ଠୀ ଜଙ୍ଗଲ ଜମି ସମ୍ପର୍କିତ ଏହି କର୍ମଶାଳାକୁ କାର୍ଯ୍ୟକ୍ରମ ଅଧିକାରୀ ସଦାନନ୍ଦ ସିଂଙ୍କ ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଷୟିକ ସହାୟକ ଧନେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ତାଲିମଦାତା ଭାବେ ଭୁବନେଶ୍ୱରରୁ ସୁଶାନ୍ତ କୁମାର ଦଳେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩ ଟି ପଞ୍ଚାୟତ ତଥା ସୋନପୁର ଗନ୍ତେ ବାଡାବାଙ୍ଗା ଏବଂ ଦନେକବାଡି ପଞ୍ଚାୟତ ର ୨୨ ଟି ଗ୍ରାମର ୩୮ ଜଣ ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ନେତୃତ୍ୱ ନେଉଥିବା ସଦସ୍ୟାସଦସ୍ୟ ମାନେ ତାଲିମ ପାଇଥିଲେ। ଗୋଷ୍ଠୀଜଙ୍ଗଲକୁ କିଭଳି ଭାବେ ପରିଚାଳନା କରାଯିବ ଜଙ୍ଗଲରୁ କ'ଣ ସବୁ ଅମଳ ହେଉଛି ଓ ତାହା ଆମକୁ କିଭଳି ଜୀବନଜୀବିକାରେ ସ୍ୱାବଲମ୍ବୀ କରିବାରେ ସହଯୋଗ କରୁଛି, ଜଙ୍ଗଲ ସମ୍ବଳ ପରିଚାଳନା କମିଟିର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

# ନିର୍ମାଣ ସରିନି, ଝୁଲିପଡ଼ିଲାଣି ପୋଲ

**ବେଫିକର ଗ୍ରାମ୍ୟ ଉନ୍ନୟନ ବିଭାଗ**



**କୁଚିଣ୍ଡା,୧୧।୧୦ (ସଂଚାର ବ୍ୟୁରୋ):** ଲୋକଙ୍କ ଗମନା ଗମନ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କିଛି ଠକ ଠିକାଦାର ଓ ଅସାଧୁ ଅଧିକାରୀଙ୍କ ମେଣ୍ଟ ଯୋଗୁଁ ଯୋଜନାର ଫଳ ଲୋକଙ୍କୁ ମିଳିପାରୁ ନାହିଁ। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡରେ ଏକ ନିର୍ମାଣଧିନ ବ୍ରିଜର ଅବସ୍ଥା ଦେଖିଲେ ଲାଗିଛି, ଏଠି ସରକାରୀ ଯୋଜନା ପ୍ରହସନ ପାଲଟିଛି। ସମ୍ବଲପୁର କୁଚିଣ୍ଡା ଭେଦେନ ନଦୀ ଉପରେ ଉପରେ ନିର୍ମାଣ ହେଉଥିବା ପୋଲକୁ ଦେଖନ୍ତୁ। ନିର୍ମାଣଧିନ ପୋଲର ଏକ ସ୍ଲାବ ଧନୁ ଭଳି ବଙ୍କା ହୋଇଗଲାଣି। ଜୟପୁରଗଡରୁ ରାଜବକ୍ସକୁ ସଂଯୋଗ ପାଇଁ ନିର୍ମାଣ ହେଉଥିବା କିନ୍ତୁ ସେତୁ ନିମ୍ନମାନର କାମ ଓ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ କୋଟି କୋଟି ଟଙ୍କା ପାଣିରେ ପଡିଛି। ଅନ୍ୟପଟେ ଅଧାରୁ ଅଧିକ ବିଲ ହୋଇସାରିଲାଣି। ନିମ୍ନମାନର କାମ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବେଫିକର ଠିକାଦାର ଓ ବେଫିକର ଗ୍ରାମ୍ୟ ଉନ୍ନୟନ ବିଭାଗ। ଜୟପୁରଗଡ଼ର ଏହି ସେତୁ ୨୦୨୨ରୁ ଆରମ୍ଭ ହୋଇ ୨୦୨୪ରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅନଭିଜ୍ଞ ଠିକାଦାରଙ୍କ ଯୋଗୁଁ ଆଜି ଯାଏଁ ପୋଲର ଅଧା କାମ ସରିନାହିଁ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟ ଚକ୍ରାନ୍ତ ଯୋଗୁଁ ପୋଲ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। କିନ୍ତୁ ସେତୁ ଯୋଜନାରେ ଭେଦେନ ନଦୀରେ ୯ କୋଟି ୩ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ସେତୁର ସ୍ଲାବ ନିମ୍ନମାନର କାମ ଯୋଗୁଁ ବଙ୍କା ହୋଇଯାଇଛି। ତୁରନ୍ତ ବଙ୍କା ସ୍ଲାବକୁ ଭାଙ୍ଗି ନୂଆରେ ତିଆରି କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ



**ସୁବର୍ଣ୍ଣପୁର,୧୧।୧୦(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୫ ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସ୍ଥିତ ସଂସ୍କୃତି ଭବନ ଠାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ମହା ଆଡମ୍ବର ସହିତ ପାଳିତ ହୋଇଛି। ଏହି ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳୀନା ପ୍ରଧାନ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ତଥା ଡେପୁଟି କଲେକ୍ଟର, ସୋନପୁର, ଶ୍ରୀ ସତ୍ୟ ସୁନ୍ଦର ରାଉତ, ଉପ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଶ୍ରୀମତି ରେଣୁକା ସୁନା, ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଥିବା ସୋନପୁର ଜିଲ୍ଲାର ଦିବ୍ୟାଙ୍ଗ ସୁକନ୍ୟା ସନ୍ତାନ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀମତି ଅନୁପମା ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ବର୍ତ୍ତମାନର ପରିପ୍ରେକ୍ଷୀରେ ସମାଜରେ ଓ ପରିବାରରେ କନ୍ୟା ସନ୍ତାନଙ୍କ ପ୍ରତି ଆଦର ସମ୍ମାନ ଦେବା, ପୁତ୍ର ଓ କନ୍ୟା ସନ୍ତାନ ମଧ୍ୟରେ ଥିବା ଭେଦଭାବ କୁ ଦୂର କରିବା ସହିତ ସୁରକ୍ଷା ପ୍ରଦାନ କରିବା ପାଇଁ ଗୁରୁତ୍ୱ ଦେବାର ନିହାତି ଆବଶ୍ୟକତା ରହିଛି ବୋଲି ସଭାପତି ଓ ଅନ୍ୟ ଅତିଥି ମାନେ ସେମାନଙ୍କର ଅଭିଭାଷଣ ରେ ବ୍ୟକ୍ତ କରିଥିଲେ।

● ମୃତ ମା' ଙ୍କ ମରଶରୀର ଅଛୁଆଁ, ଛୁଇଁଲେ ଜାତିଭାଇ ବାସନ୍ଦ କରିଦେବେ

## ଶେଷ ଯାତ୍ରାର ସାଥି ହେଲେ ଶ୍ମଶାନବନ୍ଧୁ



**ସୁନ୍ଦରଗଡ଼,୧୧।୧୦(ସଂଚାର ବ୍ୟୁରୋ):** ସୁମିତ୍ରା ମହାକୁଳ ୬୫ ବର୍ଷ, ସ୍ୱାମୀ ସିରିୟା ମହାକୁଳ, ବାଲିଶଙ୍କରା ବ୍ଲକ କିଞ୍ଜିରକେଲା ଥାନା ଅନ୍ତର୍ଗତ ସାଙ୍ଗୋବାହାଲ ଗ୍ରାମରେ ପରିବାର ସହିତ ବସବାସ କରୁଥିଲେ, କିଛିବର୍ଷ ଆଗରୁ ସୁମିତ୍ରା ତାଙ୍କର ସ୍ୱାମୀ ସିରିୟାଙ୍କ ସହିତ ମନମାଳିନ୍ୟ ହେବାରୁ ସ୍ୱାମୀ ସିରିୟା ଓ ପୁଅ ଝିଅ ମାନଙ୍କୁ ଛାଡି ଅନ୍ୟ ଏକ ଜାତିର ଇଶ୍ୱର ରକ୍ସା ନାମକ ଏକ ଯୁବକ ସହିତ ରହି ଆସୁଥିଲେ । ଇଶ୍ୱର ମଧ୍ଯ ପୋଲିଓ ରୋଗାଗ୍ରସ୍ଥ ହୋଇ ଚଲାବୁଲା କରି ପାରୁ ନଥିଲେ। ସୁମିତ୍ରା ଅନ୍ୟ ଘରେ ମୁଳ ଲାଗି ଯାହା ରୋଜଗାର କରୁଥିଲେ ସେଥିରୁ ଚଳି ଯାଉଥିଲେ, କିନ୍ତୁ ବାର୍ଦ୍ଧକ୍ଯ ଜନିତ ଅସୁସ୍ଥତା ଯୋଗୁ ଆଉ କାମଧାମ କରି ନ ପାରି ମାଗି ଯାଚି ଚଳୁଥିଲେ ଓ ଲୁହୁରାଡ଼ିପା ସ୍ଥିତ ହାଉସିଂବୋର୍ଡର ଏକ ପରିତ୍ୟକ୍ତ ଘରେ ରହି ଆସୁଥିଲେ । ଶୁକ୍ରବାର ସୁମିତ୍ରାଙ୍କ ସକାଳେ ପରଲୋକ ଘଟିଥିଲା, ସୁମିତ୍ରାଙ୍କ ପରଲୋକ ଖବର ପାଖ ପଡୋଶୀ ଜଣାଇ ଥିଲେ। କିନ୍ତୁ ସୁମିତ୍ରାଙ୍କ ପୁଅ ସ୍ପଷ୍ଟ ଭାବରେ ମୃତ ଶରୀର ନେବାକୁ ମନା କରି ଦେଇ ଥିଲେ, ତାଙ୍କୁ ଛୁଇଁଲେ ଆମକୁ ଜାତିଭାଇ ବାସନ୍ଦ କରିଦେବେ ବୋଲି ସ୍ପଷ୍ଟ କହି ଦେଇ ଥିଲେ। ଶନିବାର ସକାଳେ ଶ୍ମଶାନ ବନ୍ଧୁର ସଦସ୍ୟ ମାନେ ସୁନ୍ଦରଗଡ ଆସିବା ପରେ ସ୍ୱର୍ଗଦ୍ୱାରକୁ ନେବା ସହିତ ନିତିନିୟମର ସହିତ ଶେଷକୃତ ସମ୍ପନ୍ନ କରିଥିଲେ ।

## ଲୁହରେ ଭିଜିଲା ପ୍ରଧାନ ଶିକ୍ଷକଙ୍କର ସମ୍ବର୍ଦ୍ଧନା ଉତ୍ସବ

**ବାଲିଆପାଳ,୧୧।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଢାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାର୍ଯ୍ୟଙ୍କର ବାଲିଆପାଳ ବାଳିକା ବିଦ୍ୟାଳୟକୁ ବଦଳି ହୋଇଛି। ଏହି ଅବସରରେ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଧରଣୀଧର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବରେ ପଞ୍ଚାୟତର ସରପଞ୍ଚ ଙ୍କ ପ୍ରତିନିଧି ହରେକୃଷ୍ଣ ଜେନା, ସୁଶାନ୍ତ ଜେନା, ପୂର୍ଣ୍ଣେନ୍ଦୁ ଦାସ ପରିଚାଳନା କମିଟିର ସଭାପତି ବୀଣାପାଣି ଜେନା ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକ ଶ୍ରୀ ଆଚାର୍ଯ୍ୟ ଦୀର୍ଘ ୩୪ ବର୍ଷ ଶିକ୍ଷାଦାନ କରିବା ସହିତ ଶୃଙ୍ଖଳିତ ଛାତ୍ର ସମାଜ ଗଠନର ବିନ୍ଧାଣି ଥିଲେ ବୋଲି ବକ୍ତବ୍ୟରେ କହିଥିଲେ।ତାଙ୍କ ବଦଳି ଯୋଗୁଁ ନିରାଶ ହୋଇଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକମାନେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି, ଗ୍ରାମବାସୀ ମାନଙ୍କ ଆଖି ଲୁହରେ ଭିଜି ଯାଇଥିଲା ପୁରା ପରିବେଶ। ଶିକ୍ଷକ ଗୋବିନ୍ଦ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି 'କାର୍ଯ୍ୟକ୍ରମ



**ବାଲିଆପାଳ,୧୧।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଇକଡ଼ପାଳ, ଶ୍ୟାମସୁନ୍ଦର ବିଦ୍ୟାପୀଠ ଇକଡ଼ପାଳ ପରିସରରେ ପୂର୍ବାହ୍ନରେ ଜମକୁଣ୍ଡା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାମୁକୁଣ୍ଡା କ୍ଲଷ୍ଟର ରେ ୧୮ ଟି ବିଦ୍ୟାଳୟରୁ ୨୦୦ ଉର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲା ସଂଗଠନର ସଂପାଦକ, ଜିଲ୍ଲା ବିଏଡ୍ ସଂଗଠନର ସଂପାଦକ, ବ୍ଲକ ସଭାପତି ପ୍ରଦୀପ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟ ରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସଭାପତି ସୁକୁମାର ପାତ୍ର, ସଦସ୍ୟ ଗଦାଧର ବେହେରା ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜ ସେବୀ ଗୌରୀ ମୋହନ ପାତ୍ର, ଦର୍ଶନ କୁମାର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ। ଅତିଥି ଭାବେ ବିଜ୍ଞାନ ଶିକ୍ଷକ ଜାମକୁଣ୍ଡା ଉଚ୍ଚ ବିଦ୍ୟାଳୟର ସଞ୍ଜୟ କୁମାର ଭୂୟାଁ, ବୈକୁଣ୍ଠ ନାଥ ଉଚ୍ଚ ବିଦ୍ୟାଳୟ ବିଷ୍ଣୁପୁରର ସଂସ୍କୃତ ଶିକ୍ଷକ ଅନିଲ କୁମାର ପଣ୍ଡା, ଶ୍ୟାମସୁନ୍ଦର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦେବେନ୍ଦ୍ରନାଥ ପରିଡା, ବିଶ୍ୱଜିତ ସାହୁ, ଜାମକୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିମାଇ ଚରଣ ସାମଲ ପ୍ରମୁଖ ଯୋଗଦେଇ ଥିଲେ।

## ଦନ୍ତା ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ରାଇରଙ୍ଗପୁର,୧୧।୧୦(ସଂଚାର ବ୍ୟୁରୋ):** ଦନ୍ତା ଆକ୍ରମଣରେ ଚାଲିଗଲା ଆଦିବାସୀ ବୃଦ୍ଧଙ୍କ ଜୀବନ । ମୃତକ ବସିଲା ଗାଁର ଆଦିବାସୀ ବୃଦ୍ଧ ରାମତା କଳା( ୮୦ ବର୍ଷ) ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବନଖଣ୍ଡ ବାଦାମପାହାଡ ରେଞ୍ଜ ବାସିଲା ଗ୍ରାମରେ ଶନିବାର ସକାଳୁ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ଶନିବାର ସକାଳୁ ବୃଦ୍ଧ ଜଣକ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ ଏକ ଦନ୍ତା ବୃଦ୍ଧ ଜଣକ ଏକ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ । ହାତୀଟି ତାଙ୍କୁ ଦଳି ଦେଇଥିଲା । ଫଳରେ ବୃଦ୍ଧ ଜଣକ ପ୍ରାଣ ହରାଇଛନ୍ତି । ଏସମ୍ପର୍କରେ ଖବର ପାଇ ଘଟଣାସ୍ଥଳରେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

● ଚୀନରେ ଚମକିଲେ ଏବେ ପାଳି ଶ୍ରୀଲଙ୍କାରେ

## ଇତିହାସ ରଚିଲେ ସନ୍ଧ୍ୟାରାଣୀ ଟୁଡୁ



**ବାରିପଦା,୧୧।୧୦(ସଂଚାର ବ୍ୟୁରୋ):** ଶ୍ରୀଲଙ୍କାର କୋଲମ୍ବ ଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗବୀ ଏମିରେଟ୍ସ ସେଭେନ ସିରିଜ ୨୦୨୫ - ଲେଗ ୨ ରେ ଖେଳିବା ପାଇଁ ଭାରତୀୟ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇଛନ୍ତି ମୟୁରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ଗତ ମାସ ଚୀନ ଠାରେ ଅନୁଷ୍ଠିତ ଲେଗ ୧ ସିରିଜରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ୨୧ ବର୍ଷୀୟା ସନ୍ଧ୍ୟାରାଣୀ ସର୍ବାଧିକ ୨୪ ପଏଣ୍ଟ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳ ଏସିଆରେ ୧୦ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା। ଏବେ ସେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୟୁରଭଞ୍ଜରେ ଖୁସିର ଲହରୀ ଖେଳି ଯାଇଛି । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳରେ ପାଠ ପଢୁଥିବା ବେଳେ ରୁପାଲୀ ସୋରେନଙ୍କ ତତ୍ତ୍ୱାବଧାନରେ ରଗବୀ ଖେଳ ଆରମ୍ଭ କରି ଫିଡରେ ଷ୍ଟାର ସ୍ପୋର୍ଟସ ଏକାଡେମୀର ସହାୟତାରେ ଜାତୀୟ ସ୍ତରରେ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲେ ସନ୍ଧ୍ୟା। ୨୦୨୩ ଓ ୨୦୨୫ ମସିହାରେ ଜାତୀୟ କ୍ରୀଡାରେ ଓଡିଶା ପାଇଁ ସ୍ୱର୍ଣ୍ଣ ପଦକ ଆଣିବାରେ ସନ୍ଧ୍ୟାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା ।

## ଲଘୁଚାପର ଲଗାଣ ବର୍ଷାରେ ଭାଙ୍ଗିଲା ଘର



**କଳାହାଣ୍ଡି,୧୧।୧୦(ସଂଚାର ବ୍ୟୁରୋ):** ଲଘୁଚାପ ର ଲଗାଣ ବର୍ଷା ଯୋଗୁଁ କସାବାହୀ ଠାରେ ଜଣେ ଅସହାୟ ବିଧବା ମହିଳା କାଳେନ୍ଦ୍ରୀ ସୁନାନୀଙ୍କ କାଞ୍ଚ ଘର ଭାଙ୍ଗି ଯାଇଛି। ବର୍ତ୍ତମାନ ପରିବାର ସହ ବାସହରା ହୋଇ ପର ଘର ଓଳି ତଳେ ଆଶ୍ରୟ ନେଇଛନ୍ତି। ଗତ ୬ମାସ ତଳେ ସ୍ୱାମୀ ମହେଶ୍ୱର ସୁନାନୀର ମୃତ୍ୟୁ ପରେ ନିଜ ୩ ନାବାଳକ ସନନ୍ତାନଙ୍କୁ ପ୍ରତି ପୋଷଣ କରିବା ପାଇଁ ଚୁଡି ମାଳି ଟୋକେଇ ମୁଣ୍ଡେଇ ଘର ଘର ବୁଲି ବିକ୍ରି କରନ୍ତି। ଯାହା ରୋଜଗାର ହୁଏ ସେଥିରେ ପରିବାର ପ୍ରତିପୋଷଣ କରି ଆସୁଥିଲେ। ଏଭଳି ସ୍ଥିତିରେ ଦାଉ ସାଧିଲା ଲଗାଣ ବର୍ଷା। ବର୍ଷାର ପ୍ରଭାବ ବେଢି ଉପ ପରେ କୋରଡା ମାଡ ଭଳି କଣ ତାର ଘର ଭୁଷୁଡି ପଡ଼ିଛି। ସେ କଣ କରିବେ ସେନେଇ ଚିନ୍ତା ପଡ଼ିଛନ୍ତି। ସରକାରଙ୍କ ସହାୟତା ପାଇବା ପାଇଁ କଲମପୁର ରାଜସ୍ୱ ନିରୀକ୍ଷକଙ୍କ ସହ ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି। ସ୍ୱାମୀଙ୍କ ମୃତ୍ୟୁର ୬ ମାସ ବିତି ଯାଇଥିଲେ ମଧ୍ୟ ଅସହାୟ ମହିଳାଙ୍କୁ ସାମାଜିକ ସୁରକ୍ଷା ଯୋଜନାରୁ ଭତ୍ତା ମିଳିନାହିଁ।

## ଜନନୀ ଯନ୍ତ୍ରଣା: ଖଟିଆରେ ବୁହାହେଲେ ଗର୍ଭବତୀ



**ଥୁଆମୂଳ ରାମପୁର, ୧୧।୧୦ (ସଂଚାର ବ୍ୟୋରୋ):** ରାସ୍ତା ଶୋଚନୀୟ ଯୋଗୁଁ ଗାଁକୁ ଆମ୍ବୁଲାନ୍ସ ଯାଇପାରିଲା ନାହିଁ। ଫଳରେ ଜଣେ ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ଜନନୀ ଯନ୍ତ୍ରଣାର ଏଭଳି ଏକ ଚିତ୍ର କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ଗୁଣୁପୁର ପଞ୍ଚାୟତ ମେର୍କାତାରା ଗାଁରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଶୁକ୍ରବାର ଅପରାହ୍ନରେ ଗାଁର ଗୁଂସେନ ମାଝୀଙ୍କ ସ୍ତ୍ରୀ ରଶ୍ମି ମାଝୀଙ୍କ ଗର୍ଭଯନ୍ତ୍ରଣା ହେବା ପରେ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ରାସ୍ତା ଭଲ ନ ଥିବାରୁ ଅଢ଼େଇ କିଲୋମିଟର ଦୂରରେ ଅଟକି ରହିଥିଲା। ପରିବାର ଲୋକେ ବାଧ୍ୟହୋଇ ଗର୍ଭବତୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ସେଠାରୁ ତାଙ୍କୁ ସାଇସୁରୁଣୀ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଖାନାରେ ମହିଳା ଏକ ଶିଶୁ କନ୍ୟା ଜନ୍ମ ଦେଇଛନ୍ତି। ବର୍ତ୍ତମାନ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୨ତାରିଖରେ ହୋଇଥିବା ଲଘୁଚାପ ବର୍ଷାରେ ମଦାଙ୍ଗଗୁଡ଼ା-ମେର୍କାତାରା ରାସ୍ତା ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନାଳରେ ଭାସୁଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର



**ଲାଞ୍ଜିଗଡ଼,୧୧।୧୦(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହି ଅଞ୍ଚଳରେ ହତ୍ୟା, ଆତ୍ମହତ୍ୟା, ଓ ଗୁଣିଗାରେଡ଼ି ହତ୍ୟା ବୃଦ୍ଧି ପାଉଛି। ଅନେକ ସଚେତନତା ପରେ ମଧ୍ୟ ସଚେତନ ହେଉ ନାହାନ୍ତି ଅଞ୍ଚଳବାସୀ। ଏହି ଭଳି ଆଉ ଏକ ମୃତ୍ୟୁ ଘଟଣା ଅଞ୍ଚଳରେ ଚର୍ଚାର ପରିସରକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ଟକଲାସୁର ଗାଁ ନିକଟରେ ବୋହି ଯାଉଥିବା ଏକ ନାଳରେ ଜଣେ ୫୪ବର୍ଷୀୟା ବୃଦ୍ଧର ମୃତ ଦେହ ଭାସୁଥିବାର ଦେଖିବାକୁ ମିଳିଥିଲା।

ଏହି ଖବର ଅଞ୍ଚଳରେ ଚର୍ଚ୍ଚାକୁ ଆସିଥିବାବେଳେ ଅଭିଯୋଗ କ୍ରମେ ବିଶ୍ୱନାଥପୁର ପୋଲିସ ମଧ୍ୟ ଘଟଣା ସ୍ଥଳକୁ ଛୁଟି ଆସିଥିଲା। ସୂଚନା ଅନୁସାରେ ଡଙ୍ଗରି ଗାଁର କାଳିଆ ବାଗ ନାମକ ଜଣେ ବ୍ୟକ୍ତି ଗତକାଲି ସକାଳ ସାତ ଟାରୁ କୌଣସି କାମରେ ଘରୁ ବାହାରକୁ ବାହାରି ଥିଲା।ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ପହଞ୍ଚି ନ'ଥିଲା। ଘର ଲୋକେ ଅନେକ ଖୋଜାଖୋଜି ପରେ ମଧ୍ୟ କାଳିଆ ବାଗଙ୍କ ପତା ମିଳିନ'ଥିଲା। ହେଲେ ଆଜି ଶନିବାର ସକାଳୁ ଟକଲାସୁର ନାଳରେ ମୃତ ଦେହ ଭାସୁଥିବାର ଦେଖି ଲୋକେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

ପରିବାର ଲୋକେ ଘଟଣା ସ୍ଥଳକୁ ଆସି ମୃତ ଦେହ ନାଳରେ ଭାସିଥିବା ଦେଖି ଏକ କପୋଳ କଳ୍ପିତ ହତ୍ୟା କାଣ୍ଡ ଭାବି ବିଶ୍ୱନାଥପୁର ପୁଲିସକୁ ଖବର ଦେଇଥିଲେ।ପରେ ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀ ରାମଙ୍କ ନେତୃତ୍ୱରେ ଏକ ଟିମ ଆସି ଶବ ଜବତ କରିବା ସହ ଏକ ୟୁଡି କେଶ ନଂ ୩/୨୫ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ହରଗୌରୀଙ୍କ ପୀଠରେ ଦୀକ୍ଷାନ୍ତ ସମାରୋହ

**ସୁବର୍ଣ୍ଣପୁର,୧୧।୧୦(ସଂଚାର ବ୍ୟୁରୋ):** ହରଗୌରୀ ଯାତ୍ରା ର ଷଷ୍ଠ ଦିନରେ ଦେବାଙ୍ଗ ଦମ୍ପତି ଙ୍କ ଏକ ଦିକ୍ଷାନ୍ତ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ବ୍ରହ୍ମପୁର ରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ଆସିଥିବା ଶ୍ରୀ ବାସଭେସ୍ୱର ସ୍ୱାମୀ ଙ୍କ ପରମ ଭକ୍ତ ଗୁରୁ ଶ୍ରୀ ବି କିରଣ କୁମାର ଦେବାଙ୍ଗ ସଂପ୍ରଦାୟର ୫୪ ଗୋଟି ଯୋଡି ଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ ସେପଟେ ମାଁ ବୁଢିମାଙ୍କ ଠାରେ ସ୍ୱତନ୍ତ୍ର ରୀତି ନୀତି ଅନୁଯାୟୀ ପୂଜାପାଠ ସହ ହରଗୌରୀ ଙ୍କ ପୀଠରେ ଆଜି ମହାପୂଜା ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା ଆଜି କର୍ତ୍ତା ଭାବରେ ମାଲକାନଗିରି ଜିଲ୍ଲା ମାଥିଲି ର ଆର୍ ରମେଶ ସପତ୍ନୀକ କାର୍ଯ୍ୟ ତୁଲାଇଥିଲେ। ସଂଧ୍ୟା କାର୍ଯ୍ୟକ୍ରମ ରେ ପଶ୍ଚିମ ଓଡ଼ିଶା ର ବେଶ ଜଣାଶୁଣା ପାରାୟଣ ଗାୟିକା ବର୍ଷା ରାଣୀ ତ୍ରିପାଠୀ ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ କରିଥିଲେ।

## ବୁଲା ଗାଈଗୋରୁଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି

● ଏଡିଏମ୍‌ଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଗଲା




**ସୁବର୍ଣ୍ଣପୁର,୧୧।୧୦ (ସଂଚାର ବ୍ୟୋରୋ):** ସୁବର୍ଣ୍ଣପୁର ପୌର ପରିଷଦର ସୋନପୁର ସହରର ସମସ୍ତ ମୁଖ୍ୟ ରାସ୍ତା ତଥା ଗଳି ମାନଙ୍କରେ ବୁଲୁଥିବା ଗାଈ ଗୋରୁ ମାନଙ୍କୁ କାଞ୍ଜିଆ ହୋଦାରେ ଭର୍ତ୍ତି କରିବା ଅଭିଯାନ ଆଜି ଶୁଭାରମ୍ଭ କରାଗଲା। ପୂର୍ବରୁ ବୁଲା ଗାଈ ଗୋରୁଙ୍କ ମାଲିକ ମାନଙ୍କ ପାଇଁ ଜିଲ୍ଲାପାଳ ଓ ଏସପି ଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ ସହର ର ନଳିନୀ ଛକ ଠାରେ ଅନୁଷ୍ଠିତ ହୋଇଥିଲା। ଆଜି ଗାନ୍ଧୀ ପଡ଼ିଆ ରୁ ଏ ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ସୋନପୁର ସହରରେ ଗାଈଗୋରୁଙ୍କ ଦ୍ୱାରା ହେଉଥିବା ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ସହର ବାସୀ ଙ୍କୁ ନିବେଦନ କରିଛି। ଜିଲ୍ଲା ପ୍ରଶାସନ, ସୋନପୁର ପୌର ପ୍ରଶାସନ ଓ ଜିଲ୍ଲା ପୋଲିସ ପ୍ରଶାସନ, ପ୍ରାଣୀ ସମ୍ପଦ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ଓ ସହର ର ବିଭିନ୍ନ ସାମାଜିକ ସଙ୍ଗଠନ ର ମିଳିତ ଉଦ୍ୟମରେ ଏହି ଅଭିଯାନ ଆରମ୍ଭ କରାଯାଇଥିବା ସୁଚନା ମିଳିଛି। ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାଞ୍ଜିଆ ହୋଦାରେ ଭର୍ତ୍ତି କରାଯିବ ବୋଲି ଖବର ଅଛି। ନିୟମାନୁଯାୟୀ ସଂପୃକ୍ତ ଗାଈଗୋରୁ ମାନଙ୍କ ମାଲିକ ମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ନିଜ ଗାଈଗୋରୁ ମାନଙ୍କୁ ନ ମୁକୁଳାଇବେ ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୩୦ କେଜି ଗଞ୍ଜେଇ ଜବତ, ୩ ଚାଲାଣକାରୀ ଗିରଫ

**ଆଠମଲ୍ଲିକ,୧୧।୧୦(ସଂଚାର ବ୍ୟୁରୋ):** ବୌଦ୍ଧରୁ କଲିକତା ଗଞ୍ଜେଇ ଚାଲାଣ ବେଳେ ମାଡ଼ିବସିଲା ପୁଲିସ। ବନ୍ଧାହେଲେ ତିନି ଗଞ୍ଜେଇ ଚାଲାଣକାରୀ। ଗିରଫ ହୋଇଥିବା ଅଭିଯୁକ୍ତ ହେଉଛନ୍ତି କିଶୋରନଗର ଥାନା ଚୁଡାଖାଇ ଗ୍ରାମର ଶୁଭେନ ଦାଶ, ପ୍ରତାପ ଦାଶ ଏବଂ କଲିକତା ଅଞ୍ଚଳର ବର୍ଷାତ ଗାଁର ଶୁକଦେବ ମଣ୍ଡଳ । ସେମାନଙ୍କ ନିକଟରୁ ୩୦ କେଜି ଗଞ୍ଜେଇ ସହ ଏକ କାର୍ ଜବତ ହୋଇଛି । ଅନୁଗୁଳ ଜିଲ୍ଲା ଅଠମଲ୍ଲିକ ଅଞ୍ଚଳରେ ଏଭଳି ଘଟଣା ଘଟିଛି । ସୂଚନା ମୁତାବକ, ଚୁଡାଖାଇ ଗ୍ରାମର ଶୁଭେନ ଦାଶ, ପ୍ରତାପ ଦାଶ ଏବଂ କଲିକତା ଅଞ୍ଚଳର ବର୍ଷାତ ଗାଁର ଶୁକଦେବ ମଣ୍ଡଳ ଏକ କାର୍‌ରେ ଗଞ୍ଜେଇ ନେଇ ଆଠମଲ୍ଲିକ ଦେଇ ଯାଉଥିଲେ । ଏସମ୍ପର୍କରେ ଖବର ପାଇ ଆଠମଲ୍ଲିକ ପୁଲିସ ଗୋପାଳପୁର ଛକରେ ଛକି ବସିଥିଲା । ଛକ ନିକଟରେ ପହଞ୍ଚିବା ମାତ୍ରେ ପୁଲିସ ସେମାନଙ୍କୁ ମାଡ଼ି ବସିଥିଲା । ୩ ଚାଲାଣକାରୀଙ୍କୁ ପୁଲିସ ଗିରଫ କରିବା ସହ ୩୦ କେଜି ଗଞ୍ଜେଇ ଜବତ କରିଛି ।

## ବର୍ଷାରେ ଧୋଇଗଲା ୩୦ ହଜାର କୋବି ଗଛ, ଧୂଳିସାତ୍ ହେଲା ଚାଷୀଙ୍କ ସ୍ୱପ୍ନ



**ଦାରିଙ୍ଗବାଡ଼ି,୧୧।୧୦(ସଂଚାର ବ୍ୟୁରୋ):** ଅନେକ ଆଶା ଥିଲା ଚାଷ କରି ଭଲ ଦୁଇ ପଇସା କମେଇବେ। ଏଥିପାଇଁ ନିଜ ଜମି ନ ଥାଇ ମଧ୍ୟ ଅନ୍ୟ ଜଣଙ୍କ ଜମିକୁ ଭଡ଼ାସୂତ୍ରରେ ମାଗି କରିଥିଲେ ଚାଷ ହେଲେ ବର୍ଷା ସବୁ ସ୍ୱପ୍ନକୁ ଧୂଳିସାତ୍ କରିଦେଲା। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ ସିକକେତା ଗ୍ରାମର ଶୈଳେନ୍ଦ୍ର ପ୍ରଧାନଙ୍କ କ୍ଷେତ୍ରରେ।ପ୍ରକାଶ ଯେ, ଶୈଳେନ୍ଦ୍ର ଜଣେ ଭଲ ଚାଷୀ। ସେ ପ୍ରତିବର୍ଷ କୋବି, ବିନ୍, ଟମାଟୋ, ବାଇଗଣ ଆଦି ଚାଷ କରନ୍ତି ନିଜ ଜମି ନ ଥିଲେ ମଧ୍ୟ ଅନ୍ୟର ଜମିକୁ ଭଡ଼ାସୂତ୍ରରେ ନେଇ ଚାଷ କରନ୍ତି। ତାଙ୍କର ଏହି ପ୍ରଚେଷ୍ଟା ଦେଖି ଜମି ମାଲିକମାନେ ତାଙ୍କୁ ଜମି ଯୋଗାଇ ଦେଇଥାନ୍ତି। ଚଳିତ ବର୍ଷ ସେ ତାଙ୍କ ଗ୍ରାମର ପ୍ରତ୍ୟୁଷ ପ୍ରଧାନଙ୍କ ଜମିରେ ପ୍ରାୟ ୩୦ ହଜାର ଫୁଲ କୋବିଚାଷ କରିବା ସହ ୨ କେଜି ବିନ୍ ମଞ୍ଜି ରୋପଣ କରିଥିଲେ। ବିନ୍ ମଧ୍ୟ ଫଳୁ ଥିଲା ଏବଂ କୋବି ମଧ୍ୟ ଫଳିବା ଆରମ୍ଭ ହୋଇଥିଲା। ଗତ ୨ ସପ୍ତାହ ଧରି ଲଘୁଚାପ ଜନିତ ବର୍ଷାରେ ମୂଳ ସଢ଼ିଯିବା ସହ ରୋଗପୋକ ସମ୍ପୂର୍ଣ୍ଣ ଫସଲ ନଷ୍ଟ କରିଦେଲା। ଫଳରେ ଏବେ ସାହୁକାର ଋଣ ଏବଂ ଜମି ଭଡ଼ା ବାବଦକୁ କିଭଳି ଶୁଝିବେ ସେନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଶୈଳେନ୍ଦ୍ର ଓ ତାଙ୍କ ପରିବାର।

## ସ୍ୱାମୀର ଟାଙ୍ଗିଆ ଚୋଟରେ ଚାଲିଗଲା ସ୍ତ୍ରୀର ଜୀବନ

**କରଞ୍ଜିଆ,୧୧।୧୦(ସଂଚାର ବ୍ୟୁରୋ):** ମଦ୍ୟପ ସ୍ୱାମୀର ଉନ୍ମତ୍ତକାଣ୍ଡ। ଘରୋଇ କଳିକୁ କେନ୍ଦ୍ର କରି ସ୍ୱାମୀର ଟାଙ୍ଗିଆ ଚୋଟରେ ଚାଲିଗଲା ସ୍ତ୍ରୀର ଜୀବନ । ମୃତ ମହିଳା ଜଣକ ଟୁରୀ ଦେହୁରୀ ବୋଲି ଜଣାପଡ଼ିଛି । ହତ୍ୟାକାରୀ ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ପୁଲିସ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅସନକୁଦର ଗାଁର ଖଡ଼ିଆସାହିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଖବର ଅନୁଯାୟୀ, ଘରୋଇ କଳିକୁ କେନ୍ଦ୍ର କରି ମଦ୍ୟପ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀ ସୁବଧି ଦେହୁରୀ ଏକ ଟାଙ୍ଗିଆରେ ସ୍ତ୍ରୀ ଟୁରୀ ଦେହୁରୀଙ୍କୁ ହାଣି ହତ୍ୟା କରିଦେଇଛି । ଏସମ୍ପର୍କରେ ଖବର ପାଇ ଠାକୁରମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏହାସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ମେଡିକାଲକୁ ପଠାଇଛି ପୁଲିସ । ଘଟଣାରେ ଅଧିକ ତଦନ୍ତ ପାଇଁ ବାରିପଦାରୁ ଏକ ସାଇଣ୍ଟିଫିକ୍‌କୁ ମଧ୍ୟ ଡକାଯାଇଛି । ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଘଟଣାର ଅଧିକ ତଦନ୍ତ ହେବ ବୋଲି କହିଛି ଠାକୁରମୁଣ୍ଡା ପୁଲିସ ।

SANCHAR
ସଂଚାର
ରବିବାର ୧୨ ଅକ୍ଟୋବର ୨୦୨୫
ସ୍ୱାସ୍ଥ୍ୟ




# ଗର୍ଭାବସ୍ଥାରେ ହିମୋଗ୍ଲୋବିନ୍ ଯାଞ୍ଚ ଜରୁରୀ

ହିମୋଗ୍ଲୋବିନ ହେଉଛି ଆମ ଲୋହିତ ରକ୍ତ କଣିକା (ଆରବିସି)ରେ ମିଳୁଥିବା ଏକ ପ୍ରୋଟିନ୍। ଏହାର ପ୍ରାଥମିକ କାର୍ଯ୍ୟ ହେଉଛି ଫୁସ୍‌ଫୁସ୍‌ରୁ ଶରୀରର ପ୍ରତ୍ୟେକ ଅଂଶକୁ ଅମ୍ଳଜାନ ପରିବହନ କରିବା ଏବଂ କାର୍ବନ ଡାଇଅକ୍ସାଇଡ୍ ବାହାର କରିବା। ଶରୀରରେ ପର୍ଯ୍ୟାପ୍ତ ପରିମାଣର ହିମୋଗ୍ଲୋବିନ ରହିବା ଶକ୍ତିକୁ ବଜାୟ ରଖେ, ଥକ୍କାପଣ କମ୍ କରେ ଏବଂ ଅଙ୍ଗଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରେ। ଏହା ବ୍ୟତୀତ ହିମୋଗ୍ଲୋବିନ ଶରୀରରେ ରକ୍ତର ସଠିକ୍ ପରିମାଣ ଏବଂ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ଶିଶୁର ବିକାଶ ସମ୍ପୂର୍ଣ୍ଣ ଭାବରେ ମା'ଙ୍କ ରକ୍ତ ଏବଂ ପୁଷ୍ଟିସାର ଉପରେ ନିର୍ଭର କରେ। ତେଣୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ହିମୋଗ୍ଲୋବିନ ଲେଭଲ୍ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହିମୋଗ୍ଲୋବିନ ଅଭାବ, କିମ୍ବା ରକ୍ତହୀନତା, ଶରୀରରେ ଅମ୍ଳଜାନ ଅନାହାର ସୃଷ୍ଟି କରେ, ଯାହା ଥକ୍କାପଣ, ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା ଏବଂ ଦୁର୍ବଳତା ସୃଷ୍ଟି କରେ। ଗୁରୁତର ଅଭାବ ହାର୍ଟ ଏବଂ ଫୁସ୍‌ଫୁସ୍ ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିପାରେ। ଏହା ଧ୍ୟାନ ଏବଂ କାର୍ଯ୍ୟଦକ୍ଷତାକୁ ମଧ୍ୟ ପ୍ରଭାବିତ କରେ। ଦୀର୍ଘକାଳୀନ ହିମୋଗ୍ଲୋବିନ ଅଭାବ ଶରୀରର ଅଙ୍ଗ ଏବଂ ମାଂସପେଶୀକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ପାଇବାରୁ ବାଧା ଦେଇପାରେ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ତେଣୁ ନିୟମିତ ଭାବରେ ହିମୋଗ୍ଲୋବିନ ଲେଭଲ୍ ଯାଞ୍ଚ କରିବା ଏବଂ ଅଭାବ ଚିହ୍ନଟ ହେଲେ ସମୟୋଚିତ ଏବଂ ଉପଯୁକ୍ତ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ। ଜାଣନ୍ତୁ ପ୍ରେଗ୍‌ନାନ୍ସି ସମୟରେ ହିମୋଗ୍ଲୋବିନ ପରୀକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ...

ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ଗର୍ଭାବସ୍ଥାରେ, ମା' ଏବଂ ଶିଶୁ ଉଭୟଙ୍କ ପାଇଁ ପର୍ଯ୍ୟାପ୍ତ ପୁଷ୍ଟି ଏବଂ ଅମ୍ଳଜାନ ସୁନିଶ୍ଚିତ କରିବା ପାଇଁ ଜଣେ ମହିଳାଙ୍କ ରକ୍ତ ପରିମାଣ ବୃଦ୍ଧି ପାଏ। ତଥାପି ଏହି ସମୟରେ ହିମୋଗ୍ଲୋବିନ ଲେଭଲ୍ ପ୍ରାୟତଃ ହ୍ରାସ ପାଏ କାରଣ ରକ୍ତରେ ଲୋହିତ ରକ୍ତ କଣିକା ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ନାହିଁ। ଗର୍ଭାବସ୍ଥାରେ କମ୍ ହିମୋଗ୍ଲୋବିନ ଲେଭଲ୍ ମା'ଙ୍କଠାରେ ଥକ୍କାପଣ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ। ଯଦି ଅଭାବ ଗୁରୁତର ହୁଏ, ତେବେ ଏହା ହାର୍ଟ ଏବଂ ଫୁସଫୁସ ଉପରେ ଅଧିକ ଚାପ ପକାଇପାରେ ଏବଂ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିପାରେ। ଏହା ବ୍ୟତୀତ, କମ ହିମୋଗ୍ଲୋବିନ ଶିଶୁର ବିକାଶକୁ ପ୍ରଭାବିତ କରିପାରେ ଏବଂ ପ୍ରସବ ଜଟିଳତା, ଯେପରିକି ଅତ୍ୟଧିକ ରକ୍ତସ୍ରାବ କିମ୍ବା ସମୟ ପୂର୍ବରୁ ପ୍ରସବ ହେବାର ବିପଦ ବଢ଼ାଇପାରେ। ନିୟମିତ ଯାଞ୍ଚ ଆପଣଙ୍କ ଡାକ୍ତରଙ୍କୁ ଉପଯୁକ୍ତ ଖାଦ୍ୟ, ପରିପୂରକ ଏବଂ ଚିକିତ୍ସା ସୁପାରିଶ କରିବାରେ ସାହାଯ୍ୟ କରିପାରିବ, ଯାହା ମା ଏବଂ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବ।

- ପାଳଙ୍ଗ, ସବୁଜ ପନିପରିବା, ଡାଲି ଏବଂ ବାଦାମ ଭଳି ଆଇରନ ଯୁକ୍ତ ଖାଦ୍ୟ ଖାଆନ୍ତୁ
- ଭିଟାମିନ 'ସି'ଯୁକ୍ତ ଫଳ ଖାଆନ୍ତୁ
- ଡାକ୍ତରଙ୍କ ପରାମର୍ଶ ବିନା ସପ୍ଲିମେଣ୍ଟ କିମ୍ବା ଔଷଧ ଖାଆନ୍ତୁ ନାହିଁ
- ଦୃଢ଼ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ନିଦ ଏବଂ ବିଶ୍ରାମ ନିଅନ୍ତୁ
- ଯଦି ଆପଣ ଦୁର୍ବଳ, ମୁଣ୍ଡ ବୁଲାଉଥିବା କିମ୍ବା କ୍ଳାନ୍ତ ଅନୁଭବ କରୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ରସୁଣ ଖାଇବା ଦ୍ୱାରା ଅନେକ ରୋଗ ଦୂର ହୁଏ

ସୁସ୍ଥ ରହିବାକୁ କିଏ ବା ନ ଚାହେଁ। ବର୍ତ୍ତମାନ ସମୟରେ ସୁସ୍ଥ ରହିବାକୁ ମଣିଷ ବହୁତ ପ୍ରକାରର କାର୍ଯ୍ୟ କରୁଛି। ଏଥି ସହ ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ ଜିମ୍ ଯାଇ ନିଜକୁ ସୁସ୍ଥ ରଖୁଛନ୍ତି ତ ଆଉ କିଏ ମର୍ଣ୍ଣିଂ ୱାକ୍, ସାଇକେଲ୍ ରେସ୍ ଏପରି ସବୁ କରି ନିଜକୁ ଫିଟ୍ ରଖୁଛନ୍ତି। ତେବେ ଆସନ୍ତୁ ଜାଣିବା ଏକ ମସଲା ଜାତୀୟ ଦ୍ରବ୍ୟ ବିଷୟରେ ଯାହାକୁ ଆପଣାଇଲେ ଆମେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବା। ଏହି ମସଲା ଜାତୀୟ ଦ୍ରବ୍ୟର ନାମ ହେଉଛି ରସୁଣ। ରସୁଣ କେବଳ ଖାଦ୍ୟକୁ ସୁଆଦିଆ କରିଥାଏ ତାହା ନୁହଁ ବରଂ ଶରୀରକୁ ସୁସ୍ଥ ମଧ୍ୟ ରଖିଥାଏ। ଏହା ଘରୋଇ ଔଷଧ ଭାବେ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ। ରସୁଣରେ ଥଣ୍ଡା, କାଶ, ରକ୍ତଚାପ ସହିତ କ୍ୟାନ୍ସରରୁ ରକ୍ଷା ପାଇବା ପାଇଁ ଅନେକ ତତ୍ତ୍ୱ ଭରପୂର ରହିଛି। ତେବେ ଆସନ୍ତୁ ଜାଣିବା ରସୁଣର ବିଭିନ୍ନ ଉପକାରିତା ବିଷୟରେ। ବିଭିନ୍ନ ଔଷଧୀୟ ଗୁଣରେ ଭରା ରସୁଣ। ଏଥିରେ ପ୍ରୋଟିନ୍, ଭିଟାମିନ୍ ଏ, ବି, ସି , ଭରପୁର ମାତ୍ରାରେ ରହିଥାଏ। ରସୁଣ ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିଶୋଧକ କ୍ଷମତା ବଢ଼ିଥାଏ। ଏଥି ସହ ରସୁଣରେ ଥିବା ଆଲିସିନ୍ ନାମକ ଅଣ୍ଟିବାୟୋଟିକ୍ ଶରୀରକୁ ବିଭିନ୍ନ ରୋଗରୁ ମୁକ୍ତ ରଖିଥାଏ। ଏଥି ସହ ଜାଣିରଖନ୍ତୁ ଯେ, ଆୟୁର୍ବେଦରେ ରସୁଣକୁ ବିଭିନ୍ନ ରୋଗର ଔଷଧ ଭାବରେ ବ୍ୟବହାର କରାଯାଏ। ରସୁଣରେ ଆଣ୍ଟିସେପ୍ଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ପ୍ରଚୁର ପରିମାଣରେ ରହିଥାଏ। ରସୁଣ ଆମକୁ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ ମଧ୍ୟ କରିଥାଏ। ରସୁଣର ନିୟମିତ ସେବନ ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ବହୁ ମାତ୍ରାରେ କମ ହୋଇଥାଏ। ନିକଟରେ ହୋଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ୩୦-୪୦ ପ୍ରତିଶତ କମ ହୋଇଥାଏ। ଏଥିସହ ଉଚ୍ଚରକ୍ତଚାପକୁ ଦୂର କରିବାରେ ମଧ୍ୟ ରସୁଣ ବହୁ ଲାଭଦାୟକ ହୋଇଥାଏ। ଦୈନିକ ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ କମ ହେବା ସହ ହୃଦଜନିତ ରୋଗର ସମ୍ଭାବନା ମଧ୍ୟ କମ ହୋଇଥାଏ। ଏଥି ସହ ଆପଣମାନେ ଜାଣିରଖନ୍ତୁ ଯେ, ରସୁଣ ଖାଇବା ଦ୍ୱାରା ଆମ ଶରୀର ସବୁବେଳେ ଗରମ ରହିଥାଏ, ଯାହା ଫଳରେ ଥଣ୍ଡା, କାଶ ଏବଂ ଛିଙ୍କ ଆଦିରୁ ରକ୍ଷା ପାଇବା ପାଇଁ ଏହା ବହୁ ଲାଭକାରୀ ପ୍ରମାଣିତ ହୋଇଥାଏ। ଏଥିରେ ଉପସ୍ଥିତ ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଦାନ୍ତ ଏବଂ ମାଢ଼ି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ।

ଦୈନିକ ରସୁଣ ଖାଉଥିବା ବ୍ୟକ୍ତିଙ୍କ ନିକଟରେ ରକ୍ତହିନତା ଦେଖାଯାଇ ନଥାଏ। ଏଥି ସହ ଏହା ବିଭିନ୍ନ ପ୍ରକାରର ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମଧ୍ୟ ରସୁଣ ଦ୍ୱାରା ଶୀଘ୍ର ଉପଶମ ମଳିଥାଏ। ରସୁଣ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଏହା ଧମନୀରେ ଅବରୋଧକୁ ଦୂର କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ହାର୍ଟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥି ସହ ଜାଣିରଖନ୍ତୁ ଯେ, ଲିଭରକୁ ସୁସ୍ଥ ରଖିବା ପାଇଁ ରସୁଣ ଖାଇବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଆପଣ ଜାଣିଛନ୍ତି କି ରସୁଣ ହଜମ ଏବଂ ଗ୍ୟାସ୍ ସମସ୍ୟାକୁ ବହୁତ ମାତ୍ରାରେ କମ୍ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ରସୁଣ ଖାଇବା ଲାଭଦାୟକ ବୋଲି ବିବେଚନା କରାଯାଏ। ମଧୁମେହ ରୋଗୀଙ୍କ ପାଇଁ କଞ୍ଚା ରସୁଣ ଖାଇବା ହିତକର ହୋଇପାରେ। କାରଣ ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ। ଏଥି ସହ ଯଦି ଆପଣ ପ୍ରତ୍ୟେକ ଦିନ ଆପଣଙ୍କ ଖାଦ୍ୟରେ ରସୁଣକୁ ସାମିଲ୍ କରନ୍ତି, ତେବେ ଅନେକ ପ୍ରକାରର ସମସ୍ୟାରୁ ରିଲାକ୍ସ ପାଇପାରିବେ।



# ଓଜନ ନିୟନ୍ତ୍ରଣ କରେ ଢୋକଲା

ବେସନକୁ ସ୍ୱାସ୍ଥ୍ୟର ଏକ ଭଣ୍ଡାର ବୋଲି କୁହାଯାଏ। ଏହା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭଦାୟକ। ଏଥିରେ ଥିବା ଗୁଣ ଆମ ତ୍ୱଚା ସମେତ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିଥାଏ। ବଡ଼ଠାରୁ ଆରମ୍ଭ କରି ଛୋଟ ପିଲାଙ୍କ ପର୍ଯ୍ୟନ୍ତ ସମସ୍ତେ ବେସନରେ ପ୍ରସ୍ତୁତ ହୋଇଥିବା ଖାଦ୍ୟକୁ ଭଲ ପାଇଥାଆନ୍ତି। ଖାସ୍ କରି ତ୍ୱଚା ପାଇଁ ବେସନ ବେଷ୍ଟ ବୋଲି ପ୍ରମାଣିତ ହୋଇଆସୁଛି। ଯାହା ଆପଣଙ୍କୁ ଏକ ଚମକଦାର ତ୍ୱଚା ପ୍ରଦାନ କରିବ। ବିଶେଷ କରି ବେସନରେ ପ୍ରସ୍ତୁତ ଖାଦ୍ୟ ଗୁଜୁରାଟୀମାନଙ୍କର ଖୁବ୍ ପ୍ରିୟ ହୋଇଥାଏ। ଢୋକଲା ଗୁଜରାଟର ପ୍ରସିଦ୍ଧ ଖାଦ୍ୟ। ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ଢୋକଲା ଖାଇବା ଦ୍ୱାରା ଆପଣଙ୍କୁ ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ସବୁଠାରୁ ଖାସ୍ କଥା ହେଉଛି ଯେ, ଢୋକଲାରେ ତେଲର ବ୍ୟବହାର ହୋଇନଥାଏ। ଏଥିପାଇଁ ଢୋକଲା ଓଜନ ନିୟନ୍ତ୍ରଣ ପାଇଁ ଲାଭକାରୀ ହୋଇଥାଏ। ସେହିପରି ଭାବେ ବେସନରେ ଅନେକ ଡିସ୍ ପ୍ରସ୍ତୁତ କରାଯାଇଥାଏ। ତେବେ ଆସନ୍ତୁ ବେସନର ଲାଭକାରୀ ଗୁଣ ସମ୍ପର୍କରେ ଜାଣିବା। ବେସନରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଛି। ଏଥିସହ ବେସନରେ ପ୍ରୋଟିନର ମାତ୍ରା ଅଧିକ ରହିଥାଏ। ଯାହା ଭେଜିଟେରିଆନ୍ସମାନଙ୍କୁ ଆବଶ୍ୟକ ଅନୁଯାୟୀ ପ୍ରୋଟିନ ଯୋଗାଇଥାଏ। ଯଦି ଆପଣ ଓଜନ କମାଇବା ପାଇଁ ଚାହିଁଥାନ୍ତି ତେବେ ବେସନକୁ ଆପଣଙ୍କ ଖାଇବା ଲିଷ୍ଟରେ ଆଡ୍ କରିପାରିବେ। ଶୀତଋତୁରେ ସାଧାରଣତଃ ଆମର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ କରି ଦେଇଥାଏ। ସେଥିପାଇଁ ଗହମ ଅଟା ତୁଳନାରେ ବେସନ ରୁଟି ଆମ ଶରୀର ପାଇଁ ଲାଭଦାୟକ ହୋଇଥାଏ। ବେସନରେ କ୍ୟାଲୋରୀ ଏବଂ ଫ୍ୟାଟର ମାତ୍ରା କମ ରହିଥାଏ ଏବଂ ଫାଇବରର ମାତ୍ରା ଅଧିକ ରହିଥାଏ। ତେଣୁ ଏହାକୁ ଡାଏଟ୍‌ରେ ସାମିଲ କରିବା ଦ୍ୱାରା ଭୋକ ନିୟନ୍ତ୍ରଣରେ କରିଥାଏ। ତେବେ ନିଜର ଓଜନକୁ କଣ୍ଟ୍ରୋଲରେ ରଖିବାକୁ ଚାହୁଁଥିଲେ ବେସନରେ ପ୍ରସ୍ତୁତ ଖାଦ୍ୟ ଆପଣଙ୍କ ଡାଏଟ୍ ରେ ସାମିଲ କରନ୍ତୁ। ଏହା ସହିତ ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ବେସନ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଡାଇବେଟସ ହେବାର ଆଶଙ୍କାକୁ ହ୍ରାସ କରିଥାଏ। ଏହା ଏକ ଗ୍ଲୁଟେନ୍ ମୁକ୍ତ ଖାଦ୍ୟ। ଯାହାର ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ। ତେଣୁ ଅଧିକାଂଶ ସମୟରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଡାଇବେଟିସ ରୋଗୀଙ୍କୁ ବେସନ ପ୍ରସ୍ତୁତି ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଏଥିରେ ବିଭିନ୍ନ ପ୍ରକାରର ଭିଟାମିନ୍, ଖଣିଜ ପଦାର୍ଥ ଏବଂ ଫାଇବର ଥାଏ, ଯାହା ହୃଦୟର ସ୍ୱାସ୍ଥ୍ୟକୁ ବଢ଼ାଏ। ଯାହା ଫଳରେ ହାର୍ଟ ଜନିତ ସମସ୍ୟାର ଆଶଙ୍କା ହ୍ରାସ ପାଇଥାଏ। ଏଥିରେ ଥିବା ପୋଟାସିୟମ୍ ରକ୍ତଚାପ ମଧ୍ୟ କମ୍ କରିଥାଏ। ଏହା ବ୍ୟତୀତ ଏଥିରେ ଫାଇବର ପ୍ରଚୁର ମାତ୍ରାରେ ଥାଏ। ଯାହା କୋଲେଷ୍ଟ୍ରୋଲକୁ ହ୍ରାସ କରିବାରେ ପ୍ରଭାବଶାଳୀ। ଏତିକି ନୁହେଁ ବରଂ ତ୍ୱଚା ସମସ୍ୟା ପାଇଁ ଫଳପ୍ରଦ ହେଉଛି ବେସନ। ବେସନ ଫେସ୍ ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚା ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ମୁହଁରୁ ବ୍ରଣ ଦୂର କରିବା ସହ ଏକ ଗ୍ଲୋଇଂ ସ୍କିନ୍ ମଧ୍ୟ ପ୍ରଦାନ କରିଥାଏ।



# ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ନିହାତି ଆବଶ୍ୟକ

ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ। ମାତ୍ର ଏସବୁ ଭୁଲ ଧାରଣା। ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ। ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣର୍ ଭୁଲ। ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ। ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ। ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ। ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ। ବେଳେବେଳେ



ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ। ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ। ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ। ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ। ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ। ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ। ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ।

# ନିୟମିତ ଡାଳିମ୍ବ ଖାଇଲେ ବଢ଼ିଥାଏ ରକ୍ତ ମାତ୍ରା

ଆପଣ ମାନେ ତ ଜାଣିଥିବେ ଆଜିକାଲି ସମସ୍ତେ ନିଜକୁ ଫିଟ୍ ଓ ସୁସ୍ଥ ରଖିବା ପାଇଁ ବିଭିନ୍ନ ପ୍ରକାରର ସବୁଜ ପନିପରିବା ଓ ଫଳ ଖାଇଥାନ୍ତି। ସେଥିମଧ୍ୟରୁ ଡାଳିମ୍ବ ହେଉଛି ଅନ୍ୟତମ। ଲୋକଙ୍କ ଅନୁସାରେ ଡାଳିମ୍ବରେ ଆଇରନ୍ ରହିଥାଏ। ଯାହା ଶରୀରରେ ରକ୍ତର ମାତ୍ରାକୁ ବଢାଇଥାଏ। ଲୋକ କିଛି ବି ଖାଦ୍ୟ ପଦାର୍ଥକୁ ଅତି ସହଜରେ ମନେ ରଖିବା ପାଇଁ ଶରୀରର ବିଭିନ୍ନ ଅଙ୍ଗ ସହ ଜଡିତ କରିଦିଅନ୍ତି। ଯେମିତିକି କିଡନୀ ପାଇଁ ବିନ୍ସ, ମସ୍ତିସ୍କ ପାଇଁ ଅଖରୋଟ ଓ ରକ୍ତ ପାଇଁ ଡାଳିମ୍ବର ଆବଶ୍ୟକତା ଥାଏ। ଗୁଡଗାଓଁର କ୍ଲିନିକାଲ୍ ନ୍ୟୁଟ୍ରିସନ୍ ମୁଖ୍ୟ ଡକ୍ଟର ଦୀପ୍ତି ଖାଟୁଜାଙ୍କ କହିବା ଅନୁସାରେ, ଡାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଭଲ। ଏହା ଆଣ୍ଟିଅକ୍ସିଡେଣ୍ଟ ଇମ୍ୟୁନିଟି ବଢେଇବାରେ ସାହାଯ୍ୟ କରିଥାଏ। ବେଳେ ବେଳେ ଏମିତି ହୋଇଥାଏ କି ଡାଳିମ୍ବର ରଙ୍ଗ ସହ ମଧ୍ୟ ଯୋଡାଯାଇଥାଏ, ଯେମିତିକି ଡାଳିମ୍ବ ଲାଲ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତର ମାତ୍ରା ବଢିଥାଏ। କିନ୍ତୁ ବାସ୍ତବରେ ଏମିତି ହୋଇନଥାଏ। ଡାଳିମ୍ବରେ ଆଣ୍ଟିଓକ୍ସିଡାନ୍ସ, ପଲିଫେନୋଲିକ୍ ଯୌଗିକ ସହ ପୁନିକାଲାଜିନ୍ସ, ଆନ୍ଥୋସାୟାନିସ୍ ଓ ହାଇଡ୍ରୋଲାଇଜାବୁଲ ଟାନିସ୍ ଭରପୁର ପରିପାଣରେ ଥାଏ। ଯାହାକି ଆପଣଙ୍କର କୋଷଗୁଡିକୁ ମୁକ୍ତ କଣିକା ସଂକ୍ରମଣରୁ ରକ୍ଷା କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଡାଳିମ୍ବରେ ଥିବା ଯୌଗିକଗୁଡିକରେ କର୍କଟ ବିରୋଧୀ ଗୁଣ ଥାଏ। ଏହା ଦ୍ୱାରା ଯକୃତ କର୍କଟ ରୋଗର ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ୟୁମର ବୃଦ୍ଧିକୁ ହ୍ରାସ କରିବା ସହ ରକ୍ତଚାପ, ପ୍ଲାଜମା, ଛାତିର ଯନ୍ତ୍ରଣାକୁ କମାଇଥାଏ।



# ଛାତ୍ରୀ ତ୍ରିଶା ତାନ୍ୟା ଇଣ୍ଡିଆନ ବୁକ ଅଫ ରେକର୍ଡ୍ସର ସାମିଲ



**ବୋରିଗୁମ୍ମା,୧୧।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ସ୍ଥିତ ମେରିଆ ମାର୍ଗ ର ଛାତ୍ରୀ ତ୍ରିଶା ତାନ୍ୟା ତିନୋଟି ଇଂରାଜୀ ପୁସ୍ତକ ଏ ନୋଟ ୱାଟ ଆଇ ଥୋଟ, ସେଣ୍ଟିମେଣ୍ଟସ ଅଫ ଏଡଲସେଣ୍ଟ ଏବଂ ଡିଜାଇନ ଡେଜିରେବଲ ଡେପିକସନ ରଚନା କରି ଚଳିତ ସେପ୍ଟେମ୍ବର ପଚିଶି ତାରିଖରେ ଇଣ୍ଡିଆନ ବୁକ ଅଫ ରେକର୍ଡସ ରେ ହାସଲକାରୀ ଭାବେ ସ୍ଥାନ ପାଇଛନ୍ତି।ଏହି ଅବସର ରେ ତାଙ୍କୁ ଏକ ମାନପତ୍ର, ମେଡାଲ, ଆଇ ବି ଆର ରେକର୍ଡ ବହି, ଏକ କଲମ, ବ୍ୟାଡ଼ଜ, ଆଇ କାର୍ଡ ପ୍ରଦାନ କରାଯାଇଛି।ସେ ବର୍ତମାନ ବିକ୍ରମ ଦେବ ୟୁନିଭର୍ସିଟି ଜୟପୁର ର ଯୁକ୍ତ ତିନି(ଇଂରାଜୀ ସମ୍ମାନ) ଶେଷ ବର୍ଷ ଛାତ୍ରୀ।ଛାତ୍ରୀ ତ୍ରିଶା ତାନ୍ୟା ପିତା ଏନ ରାଜେଶ କୁମାର ହେଉଛନ୍ତି ନୂଆଗାଁ ଏସଏସଡି ଉଚ୍ଚ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଜି ଗାୟତ୍ରୀ ଙ୍କ ବଡ଼ ଝିଅ।ମାତ୍ର ୧୯ ବର୍ଷ ବୟସ ରେ ତାଙ୍କରି ଏହି ସଫଳତା ରେ ସମସ୍ତେ ଖୁସି ପ୍ରକଟ କରିଛନ୍ତି। ସେ ଆଗାମୀ ଦିନରେ ଦୁଇଟି ଇଂରାଜୀ ଉପନ୍ୟାସ ପ୍ରକାଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ମେସିନ୍ ଡଙ୍ଗା ଯୋଗେ ହେଉଛି ଲୁଟ୍, ଚୁପ୍ ବସିଛି ଖଣି ବିଭାଗ ଓ ପୁଲିସ

# ବେଆଇନ ବାଲି ଉଠାଣକୁ କିଏ ଦେଉଛି ପ୍ରୋତ୍ସାହନ ?



**ବିଞ୍ଝାରପୁର,୧୧।୧୦(ସଂଚାର ବ୍ୟୁରୋ):** ନା ଏନଜିଟି ନିର୍ଦ୍ଦେଶ ପାଳନ ହେଉଛି ନା କାଗଜ ପତ୍ରରେ ବାଲିଘାଟର ସଠିକ୍ ଅନୁମତି ପତ୍ର ଅଛି।କିନ୍ତୁ ଦିନ ଦ୍ୱିପହରରେ ହେଉଛି ବାଲି ଲୁଟ୍ ଆଉ ବେଧଡକ ଭାବେ ଚାଲିଛି ଏହି ଧଳା ହୀରାର ଚୋରା ଚାଲାଣ। ଅଭିଯୋଗ କଲେ ଖଣି ଅଧିକାରୀ କହୁଛନ୍ତି ପୋଲିସ କୁ ଜଣାଅ ଆଉ ପୋଲିସ କହୁଛି ଏସବୁ ଖଣି ଅଧିକାରୀଙ୍କ କାର୍ଯ୍ୟ।ଏଭଳି ଦୋଛକିରେ ରାଜସ୍ୱ ହାନି ହେଉଛି ଆଉ ଓଭର ଲୋଡ଼ିଂ ବାଲି ଚାଲାଣ ପାଇଁ ନଦୀର ବାଲି ଉତ୍ସ କ୍ରମଶଃ କ୍ଷୟ ହେବାରେ ଲାଗିଛି। ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲ ଅଧୀନରେ ଥିବା ବିଭିନ୍ନ ସରକାରୀ ବାଲି ଘାଟରୁ ବାରଣ ସତ୍ତ୍ୱେ ଚାଲିଛି ଅବାଧ ବାଲି ଚାଲାଣ।ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ବିଭିନ୍ନ ଯନ୍ତ୍ର ଲଗାଇ ନଦୀ ଗର୍ଭରୁ ବାଲି ଉତ୍ତୋଳନ ହେଉଥିବା ଅଭିଯୋଗ ହେଉଛି।ଏଭଳି ହେବା ଦ୍ୱାରା ଖରସ୍ରୋତା ନଦୀ ଗର୍ଭ ପ୍ରତି ବିପଦ ଘନେଇବାରେ ଲାଗିଛି। ତହସିଲ୍ ପକ୍ଷରୁ ଯେତେବେଳେ ମାନୁଆଲ୍ ମାଇନିଂ ଲିଜର ଅନୁମତି ଦିଆଯାଉଛି ସେତେବେଳେ ଲିଜ ଧାରୀ ମାନେ ମେସିନ୍ ଲଗାଇ ଉଠାଉଛନ୍ତି।ସାରା ଭାରତରେ ବର୍ଷା ଦିନେ ଅର୍ଥାତ ଜୁଲାଇ ୧୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ନଦୀ ଗର୍ଭରୁ ବାଲି ଉତ୍ତୋଳନ ଉପରେ କଟକଣା ଲଗାଇଛି ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଅର୍ଥାତ ଏନଜିଟି। ନଦୀ ଗର୍ଭର ସୁରକ୍ଷାକୁ ଦୃଷ୍ଟିରେ ରଖି ବିଜ୍ଞପ୍ତି ପ୍ରକାଶ ପାଇଛି।କିନ୍ତୁ ବିଜ୍ଞପ୍ତି କେବଳ କାଗଜ କଲମରେ ରହି ଯାଇଛି।ସବୁ ନିର୍ଦ୍ଦେଶକୁ ଆଖି ଠାର ମାରି ଚାଲିଛି ବାଲି ଉତ୍ତୋଳନ। ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲ ଅଧିନସ୍ଥ ଗୁହାଳି ବାଲିଘାଟରେ ସବୁ ନିୟମ କୁ ଫୁ କରି ଚାଲିଛି ବାଲି ଚାଲାଣ।ଏନଜିଟି ନିର୍ଦ୍ଦେଶ କୁ ଆଡେଇ ଦେଇ ଟ୍ରକ୍ ଟ୍ରକ୍ ବାଲି ବାହାର ରାଜ୍ୟକୁ ହେଉଛି ଚାଲାଣ।ନଦୀରେ ଡ଼ଙ୍ଗା ସାହାଯ୍ୟରେ ବାଲି ଉଠା ଯାଉଛି। ସେଇ ଭଳି ଓଳେଇ ଚନ୍ଦନ ପୁର ନିକଟସ୍ଥ ଖରସ୍ରୋତା ନଦୀରୁ ମଧ୍ୟ ମେସିନ୍ ଲଗାଇ ହେଉଛି ଲୁଟ୍।ସବୁ କଟକଣାକୁ ଉଲଘଂନ କରି ବାଲି ମାଫିଆ ଏଠି ବାଲି ଲୁଟ କରୁଛନ୍ତି। ସତେ ଯେମିତି ଆଇନ ଯାଙ୍କ ଆଗରେ କିଛି ନୁହଁ।ଯେତେ ଅଭିଯୋଗ କଲେ ମଧ୍ୟ ଗୁହାରୀ ଶୁଣିବା ପାଇଁ ସମସ୍ତେ ଚୁପ। ମୁଦ୍ରା ରାକ୍ଷସର କାଗଜ ଆବର୍ଣ୍ଣନ ମଧ୍ୟରେ ଚାପି ହୋଇ ଯାଉଛି ଅଭିଯୋଗ ର କାଗଜ।ଅଭିଯୋଗ କଲେ ଖଣି ଅଧିକାରୀ କହୁଛନ୍ତି ପୋଲିସ କୁ ଜଣାଅ ଆଉ ପୋଲିସ କହୁଛି ଏସବୁ ଖଣି ଅଧିକାରୀଙ୍କ କାର୍ଯ୍ୟ। ସମସ୍ତେ ନିଜର କାର୍ଯ୍ୟକୁ ଅନ୍ୟ ଉପରେ ଲଦି ଦେଇ ଖସି ଯିବାରେ ବ୍ୟସ୍ତ।ତେବେ ଏଭଳି କ୍ରିୟା କଳାପ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ରାଜସ୍ୱ ହାନିରେ ବ୍ରେକ ଲାଗୁଛି ତାହା ଦେଖିବାକୁ ବାକି ରହିଲା।

# 'ସୁରଭି 'ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣ ପ୍ରକାଶର ମାଧ୍ୟମ



**ବାଲିଆପାଳ,୧୧।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ନିଖିରା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ସୁରେନ୍ଦ୍ର ନାଥ ସହୋଯୋଗୀ ଉ.ପ୍ରା.ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନରେ କ୍ଲଷ୍ଟର ସିଆରସିସି ରାମଚନ୍ଦ୍ର ସାହୁଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ପାତ୍ର ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ କୁମ୍ଭାରୀ ସରପଞ୍ଚ ପଙ୍କଜିନୀ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବିଦ୍ୟାଳୟ ମାନଙ୍କରେ 'ସୁରଭି ' କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳିର ପରିପ୍ରକାଶ ପାଇଁ ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସମାଜସେବୀ ଜୟନାରାୟଣ ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ମାନେ ସୁଯୋଗ ପାଇଁ ଜିଲ୍ଲା ତଥା ରାଜ୍ୟରେ ନିଜର ପ୍ରତିଭାକୁ ପ୍ରତିପାଦନ କରି ପାରୁଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ପଞ୍ଚାନନ ସେଠି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସୁଶାନ୍ତ କୁମାର ଗିରି ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷକ ଗଦାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତଃ ଜୟନାରାୟଣଙ୍କ ଜୟନ୍ତୀ ପାଳିତ



**ବାଲିଆପାଳ,୧୧।୧୦(ସଂଚାର ବ୍ୟୁରୋ):** ବାଲିଆପାଳରେ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ଜନନେତା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ୭୫ ତମ ଜନ୍ମ ଜୟନ୍ତୀ ଶନିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଛକ ସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଥିବା ଜୟନାରାୟଣ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ପ୍ରତିମୂର୍ତ୍ତି ପାଖରେ କେକ କଟା ଯାଇଥିଲା।ଏହି ଅବସରରେ ବ୍ଲକ ଛକ ଠାରେ ଲଡୁ ଓ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରୋଗ ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା।

# ଦାରିଙ୍ଗବାଡ଼ିରେ ଖୋଲିଲା ନୂତନ ବିଏସ୍ଏଫ୍ କ୍ୟାମ୍ପ



**କନ୍ଧମାଳ,୧୧।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ପାହାଡ଼ ପର୍ବତ ଘେରା ଦୁର୍ଗମ ଅଞ୍ଚଳ ଅନେକ ସମୟରେ ବିଭିନ୍ନ ସ୍ଥାନରେ ମାଓ ବାଦି ମାନେ ପୋଷ୍ଟର୍ ଲଗାଇ ଲୋକମାନଙ୍କୁ ଭୋୟବିତ କରୁଥିବାରୁ ମାଓବାଦୀ ମାନଙ୍କୁ ଖୋଜି ମୂଳପୋଛ କରିବା ସହ ସମସ୍ତ ମାଓ ଦମନ କରି ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କନ୍ଧମାଳର ଲୋକଙ୍କ ସୁରକ୍ଷା ପାଇଁ ଏବଂ ମାଓବାଦି ମୁକ୍ତ କନ୍ଧମାଳ ଜିଲ୍ଲା ଭାବରେ ପରିଚିତ କରିବା ପାଇଁ କନ୍ଧମାଳ ପୋଲିସ ପକ୍ଷରୁ ଜୋର୍ ଦାର୍ ପ୍ରସ୍ତୁତ ଜାରି ରହିଛି କନ୍ଧମାଳ ବି ଏସ୍ ଏଫ୍ ଯବାନ ମାନଙ୍କ ପକ୍ଷରୁ। କନ୍ଧମାଳ ଜିଲ୍ଲାର ସୀମାନ୍ତରେ ଥିବା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ଥାନା ଅଧୀନରେ ଥିବା ତାଯୁଙ୍ଗିଆ କଲିଙ୍ଗି ଠାରେ ବି ଏସ୍ ଏଫ୍ କ୍ୟାମ୍ପ ସ୍ଥାପନ ହେଇଛି ଏହି କ୍ୟାମ୍ପ ସ୍ଥାପନ ଆରମ୍ଭ ଦିନରେ କନ୍ଧମାଳ ଏସ୍ ପି ହରିଶ୍ ବିଶି ମୁଖ୍ୟ ଅତିଥି ଭାବେ ପତାକା ଉତ୍ତୋଳନ କରି କ୍ୟାମ୍ପ ଉଦ୍ ଘାଟନ୍ କରିଥିଲେ। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଏସ୍ ପି ଙ୍କ ସହିତ ଶହେ ଆଠ ଜଣ ବାଟାଲିୟନ ସେକେଣ୍ଡ କମାଣ୍ଡ ସତ୍ୟେନ୍ଦ୍ର ପାଠକ ଉପସ୍ଥିତ ଥିଲେ । କନ୍ଧମାଳ ଏସ୍ ପି ହରିଶ୍ ବିଶିଙ୍କ ତତ୍ୱାବଧାନରେ ପୋଲିସ ପକ୍ଷରୁ ଜନ ସମ୍ପର୍କ ଶିବିର ଆୟୋଜନ କରାଯାଇ ମାଗଣା ସ୍ୱାସ୍ଥ୍ୟ ଶିବିର ପରିଚାଳନା କରାଯାଇଥିଲା । ଏହି ଶିବିରରେ ବାଟାଲିୟନ ସିନିୟର୍ ଡାକ୍ତର ମହମ୍ମଦ ଧନିସ୍ ଦାରିଙ୍ଗବାଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅଭିଷେକ ତ୍ରିପାଠୀ ଙ୍କ ନେତୃତ୍ୱ ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ।

# ବୁଢ଼ାରଜାଙ୍କ ପ୍ରସିଦ୍ଧ ଦଶରା ପର୍ବ ପାଳିତ



**କଳାହାଣ୍ଡି,୧୧।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ବୁଢାରଜାଙ୍କ ପ୍ରସିଦ୍ଧ ବାର୍ଷିକ ଦଶରା ପର୍ବ ଶନିବାର ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛଛି। ସକାଳୁ ଦଶରା ପୁଜା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୂର୍ବ ବିଧିଅନୁସାରେ ମଧ୍ୟାହ୍ନ ୧୧ଟା ସମୟରେ ଏକ ବିରାଟ ଲାଠିଯାତ୍ରା ପୁଜକଙ୍କ ଘରୁ ଶୋଭାଯାତ୍ରାରେ ବାହାରି ବୁଢାରଜାଙ୍କ ମୁଖ୍ୟ ପୀଠକୁ ପହଞ୍ଚିଥିଲା। ଲାଠି ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମରୁ ଦେବାଦେବୀଙ୍କ ଲାଠି, କାଳିଶୀଙ୍କ ଗହଣରେ ନିଶାନ ଦଳ, ଘଣ୍ଟଦଳ, ପାରମ୍ପରିକ ଘୁମୁରା ଭଳି ବିଭିନ୍ନ ଲୋକନୃତ୍ୟ ନିଜ ନିଜର ବାଦ୍ୟ ବଜାଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଶେଷ କରି ନାଗରା ଓ ଘଣ୍ଟ ବାଦ୍ୟର ତାଳେ ତାଳେ ଦେବାଦେବୀ ମାନେ ଝୁମିଝୁମି ନାଚି ଯାଉଥିବା ଦୃଶ୍ୟ ଭକ୍ତ ଓ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପୁଜକଙ୍କ ଘର ନିକଟରୁ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଜନ ସମାଗମ ଦେଖିବାକୁ ମିଳିଥିଲା। ମଣ୍ଡେଇ ଯାତ୍ରା ସମାପନ ହେବାପରେ ମନ୍ଦିର ନିକଟରେ ଲାଖବିନ୍ଧା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ଉଦ୍‌ଯାପିତ

**କଣାସ,୧୧।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଅର୍ନ୍ତଗତ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ କଲ୍ୟାଣି ପ୍ରକଳ୍ପ (ନିରାଶ୍ରୟ ମାନସୀକ ଅସୁସ୍ଥ ବ୍ୟକ୍ତିଙ୍କ ଆଶ୍ରୟସ୍ଥଳ) ରେ ବିଶ୍ୱ ମାନସୀକ ସ୍ୱାସ୍ଥ୍ୟ ସପ୍ତାହ ପାଳନ ଅବସରରେ ୫୯୫ଜଣ ପୁରୁଷ ଓ ମହିଳା ଅନ୍ତେବାସୀଙ୍କୁ ନେଇ ୭ଦିନ ଧରି ସ୍ୱାସ୍ଥ୍ୟ ସପ୍ତାହ ଅନୁଷ୍ଠିତ ହୋଇଯାଇଥିବା ବେଳେ ଗତକାଲି ଉଦ୍‌ଯାପନ ଉତ୍ସବ ଥିବାରୁ ମୁଖ୍ୟ ଅତିଥି ଭାବେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠି ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ କୁମାର ନାୟକ ଯୋଗଦେଇଥିଲେ।

## ପିଏମ୍ ଧନଧାନ୍ୟ କୃଷି ଯୋଜନା

# ୩୬ ଯୋଜନା ଓ ୧୧୦୦ ପରିଯୋଜନାର ଶୁଭାରମ୍ଭ



**ସୁନ୍ଦରଗଡ଼,୧୧।୧୦ (ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତି ଭବନ ଠାରେ ଶନିବାର କୃଷି ବିଜ୍ଞାନ କେନ୍ଦ୍ର, କୃଷି ଓ କୃଷକ ଶସକ୍ତିକରଣ ବିଭାଗ, ସୁନ୍ଦରଗଡ଼ର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଓ ଏକ ସଭା ଆୟୋଜିତ ହୋଇ ଯାଇଅଛି। ରାଷ୍ଟ୍ରୀୟ କୃଷି ବିଜ୍ଞାନ ପରିସର, ପୁସା, ନୂଆଦିଲ୍ଲୀଠାରେ ଆୟୋଜିତ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଆତ୍ମ ନିର୍ଭରତା ମିଶନର ଶୁଭାରମ୍ଭ ଏବଂ କୃଷି ଭିତ୍ତିଭୂମି ପାଣ୍ଠି, ପ୍ରାଣୀ ପାଳନ, ମତ୍ସ୍ୟଚାଷ ଏବଂ ଖାଦ୍ୟ ପ୍ରକ୍ରିୟାକରଣର ୧୧୦୦ ରୁ ଅଧିକ ପରିଯୋଜନା ଗୁଡିକର ଉଦ୍ଘାଟନ ଏବଂ ଶିଳାନ୍ୟାସ ହୋଇଛି। ଏହି ପିଏମ୍ ଧନଧାନ୍ୟ କୃଷି ଯୋଜନା ଭାରତର ୧୦୦ଟି ଜିଲ୍ଲା ମଧ୍ୟରେ ଓଡିଶାର ସୁନ୍ଦରଗଡ଼ ଜିଲ୍ଲା ଆକାଂକ୍ଷୀ ଜିଲ୍ଲା ଭାବରେ ସ୍ଥାନିତ ହୋଇଅଛି। ଚଳିତ ବର୍ଷଠାରୁ ୬ ବର୍ଷ ନିମନ୍ତେ ଜିଲ୍ଲାରେ ବିଭିନ୍ନ ବିଭାଗର କେନ୍ଦ୍ର ତଥା ରାଜ୍ୟ ଯୋଜନା ଗୁଡିକୁ ସମନ୍ୱିତ ଭାବେ ରୂପାୟନ କରାଯାଇ କୃଷି ତଥା ଆନୁସଙ୍ଗିକ ଉତ୍ପାଦକିତା ବୃଦ୍ଧି, ଫସଲ ବିବିଧିକରଣ, ପରିବେଶ ଅନୁକୂଳ ଚିରସ୍ଥାୟୀ କୃଷି ଉପରେ ଗୁରୁତ୍ୱ ଦେଇ ଚାଷୀମାନଙ୍କର ଆୟ ବହୁଗୁଣିତ କରାଯିବାର ଲକ୍ଷ୍ୟ ରଖାଯାଇଛି।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଶିଶୁ ବାଳିକା ଦିବସ ପାଳିତ



**ବୈଶିଙ୍ଗା,୧୧।୧୦(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଙ୍କ ନାରା 'ବେଟି ବଚାଓ ବେଟି ପଢ଼ାଓ'କୁ ସଫଳ ରୂପାୟନ କରିବା ପାଇଁ ଆଜିର ଶିଶୁ ବାଳିକା ଦିବସ ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ ଅଟେ। ଏହାକୁ ଭିତ୍ତି କରି ଆଜି ରାଜକମା ଆଶ୍ରମ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁ ବାଳିକା ଦିବସ ଅତ୍ୟନ୍ତ ଉତ୍ସାହର ସହିତ ଅନୁଷ୍ଠିତ. ହୋଇଛି। ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଶିକ୍ଷିକା ତଥା ଛାତ୍ରଛାତ୍ରୀ' ସମୃଦ୍ଧ ଓଡିଶା ଗଠନରେ ଛାତ୍ରୀମାନଙ୍କର ଭୂମିକା' ଶୀର୍ଷକ ଉପରେ ହୋଇଥିବା ଆଲୋଚନାଚକ୍ରରେ ନିଜନିଜର ମତ ରଖିଥିଲେ। ଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ସହକାରୀ ଶିକ୍ଷିକା, କର୍ମଚାରୀ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରୋତ କଲେଜରେ ଆଲୋଚନାଚକ୍ର

**ଆଗଲପୁର,୧୧।୧୦(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ 'ମଧ୍ୟଯୁଗୀୟ କାବ୍ୟ ଚେତନାରେ ଦୀନକୃଷ୍ଣଙ୍କ ରସକଲ୍ଲୋଳ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଅନ୍ତର୍ଯ୍ୟାମୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ସୁଶ୍ରୀ ମାମୀ ସାହୁ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏଥିରେ ଅଧ୍ୟାପକ ବାମଦେବ ମେହେର, ଡକ୍ଟର ସୋମନାଥ ପଧାନ ଓ ଡକ୍ଟର ଲିଙ୍ଗରାଜ ମେହେରଙ୍କ ସମେତ ଜୋତ୍ସ୍ନା ଭୋଇ, ମୋହନ ପଣ୍ଡା, ତନ୍ମୟ ସା, ସଞ୍ଜୀବ ତ୍ରିପାଠୀ, ଯଶୋବନ୍ତ ସାହୁ, ଅମିତ ପଟେଲ, ଦିବ୍ୟାନୀ ପଧାନ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନାଚକ୍ରକୁ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ନୟାଗଡ଼,୧୧।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନୟାଗଡ଼ ଜିଲ୍ଲା କାରାଗାର ର ଅନ୍ତେବାସୀଙ୍କୁ ନେଇ କାରାଗାର ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇ ଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧି କରଣ କର୍ମଚାରୀ ପବନ କୁମାର ବେହେରା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସଚିବ ଅଞ୍ଜଳି ମଛଖଣ୍ଡ ଆନୁଷ୍ଠାନିକ ଭାବେ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରି ନିଜ ବକ୍ତବ୍ୟରେ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରିବାର ଲକ୍ଷ୍ୟ ଏବଂ ଉଦେଶ୍ୟ ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ଭାବରେ ଆଲୋଚନା କରିଥିଲେ ।

# ବାଣଦୋକାନ ନକରିବାକୁ ପୁରୁଣିଆ ସରପଞ୍ଚଙ୍କ ଏତାଲା

**ବୈଶିଙ୍ଗା,୧୧।୧୦ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରିପଡା ଗ୍ରାମ ଏବେ ବାରୁଦ ଗଦା ଉପରେ ଛିଡା ହୋଇଥିବାର ଅଭିଯୋଗ ହେଉଛି । ପ୍ରତିବର୍ଷ ବେଆଇନ ବାଣ ବିସ୍ଫୋରଣରେ ଜଣେ ଦୁଇ ଜଣ ମୃତ୍ୟୁ ବରଣ କରିଥିବା ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୁତ କରିଛି । ଚଳିତ ବର୍ଷ ଏହି ମାସ ୫ ତାରିଖରେ ଏକ ଭୟଙ୍କର ବାଣ ବିସ୍ଫୋରଣରେ ଗୋଟିଏ ପରିବାରର ଜଣ ସଦସ୍ୟ ଗୁରୁତର ଆହତ ହୋଇଥଲେ । ୬ ତାରିଖ ଦିନ ପରିବାରର ମୁଖ୍ୟ ଅନୀଲ ସାହୁ କଟକ ବଡ ମେଡିକାଲ ରେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୩ ଜଣ ଏବେବି ଚିକିତ୍ସାଧୀନ ଅଛନ୍ତି । ପ୍ରତିବର୍ଷ ଏଭଳି ଦୁର୍ଘଟଣାକୁ ଆଖି ଆଗରେ ରଖି ପୁରୁଣିଆ ପଞ୍ଚାୟତ ତରଫରୁ ମାସିକିଆ ବୈଠକ ଗତ ତା ୨୧,୭, ୨୫ରିଖରେ ଅନୁଷ୍ଠିତ ହୋଇଥିଲା।

# ଏସଆଇ ସ୍ତରରେ ଜିଲ୍ଲାର ୧୧ଜଣଙ୍କୁ ପଦୋନ୍ନତି



**ନୟାଗଡ଼,୧୧।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଏସଆଇ ସ୍ତରରେ ବଡ଼ ପଦୋନ୍ନତି କରିଥିବା ଜଣାପଡ଼ିଛି। ରାଜ୍ୟରେ ଏକା ବେଳେ ୪୨୭ଜଣଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ମିଳିଛି। ରଜ୍ୟରେ ପୋଲିସ ସ୍ତରରେ ସ୍ୱତନ୍ତ୍ର ବୋର୍ଡ଼ ବୈଠକ ବସିଥିଲା। ଯେଉଁଥିରେ କି ଏକା ଥରକେ ଏସଆଇରୁ ପଦୋନ୍ନତି ଦିଆଯାଇ ଆଇଆଇସି କରାଯାଇଛି। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ଶୁକ୍ରବାର ରାତିରେ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ପୋଲିସ ମୁଖ୍ୟାଳୟର ସ୍ୱତନ୍ତ୍ର ବୈଠକ ବସିଥିଲା। ଉକ୍ତ ବୈଠକ ରାଜ୍ୟରେ କାର୍ଯ୍ୟରତ ୪୨୭ ଜଣ ଏସଆଇଙ୍କୁ ପଦୋନ୍ନତି ଦିଆଯାଇ ଆଇଆଇସି କରାଯାଇଛି। ତେବେ ରାଜ୍ୟର ୪୨୭ଜଣଙ୍କ ମଧ୍ୟରୁ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ୧୧ଜଣ ଏସଆଇଙ୍କୁ ପଦୋନ୍ନତି ଦିଆଯାଇ ଆଇଆଇସି କରାଯାଇଛି। ଏସଆଇରୁ ଆଇଆଇସି ହୋଇଥିବା ଏସଆଇ ମାନେ ହେଲେ କେନ୍ଦ୍ରୀୟ ସତନ୍ତ୍ର ବୈଠକର ୮୯ ନଂ ରେ ଥିବା ଏସଆଇ ସଞ୍ଜୟ କୁମାର ପରିଡ଼ା, ୧୦୬ନଂରେ ଶିବ ରଞ୍ଜନ ସିଂହା, ୨୫୦ନଂରେ ଥିବା ପ୍ରିତିପ୍ରକାଶ ମହାନ୍ତି, ୨୬୦ନଂ ରେ ଥିବା ଶ୍ରଦ୍ଧା ନାୟକ, ୨୮୯ ନଂ ରେ ଥିବା ସ୍ନେହଲତା ପ୍ରଧାନ, ୩୨୯ ନଂ ରେ ଥିବା ସନ୍ତୋଷ କୁମାର ଦାସ, ୩୫୫ ନଂ ରେ ଥିବା ବିନୟ ରଞ୍ଜନ ପରିଡ଼ା, ୪୧୭ ନଂ ରେ ଥିବା କୃତିବାସ ହରିଚନ୍ଦନ, ୪୨୧ ନଂ ରେ ଥିବା ଗୋପବନ୍ଧୁ ମଲ୍ଲିକ, ୫୪୨ ନଂ ରେ ଥିବା ବିରଞ୍ଚି ନାରାୟଣ ଅମ୍ପାତ ଓ ୫୫୮ ନଂ ରେ ଥିବା ଏସଆଇ ଧର୍ମେନ୍ଦ୍ର ଶିଆଳଙ୍କୁ ଆଇଆଇସି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଏହି ପଦୋନ୍ନତି ଫଳରେ ବିଭିନ୍ନ ମହଲରୁ କାର୍ଯ୍ୟରତ ଏସଆଇ ମାନଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ଜଗତସିଂହପୁର,୧୧।୧୦(ସଂଚାର ବ୍ୟୁର):** ଆଜି ପୂର୍ବାହ୍ନରେ ଜଗତସିଂହପୁର ସଦର ମହକୁମା ସ୍ଥିତ ନିମାଇଁ ଭବନ ଠାରେ ଆର୍ନ୍ତଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲା ସମାଜ ମଙ୍ଗଳ ଉପବିଭାଗ ଜଗତସିଂହପୁର ଦ୍ୱାରା ପାଳିତ ହୋଇଯାଇଛି। ନୂଆ ଚେତନା ନୂଆ ଭାବନା ରେ ନୂଆ ସୃଜନର ଧ୍ୱଜା ଧାରିଣୀ ଆମ ଝିଅଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷା ପାଇଁ ପ୍ରତିଶ୍ରୁତି ବଦ୍ଧ ଓଡ଼ିଶା ସରକାରଙ୍କର ଏହା ଏକ ପ୍ରୟାସ ଅଟେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ତରାଇ, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ କାହ୍ନୁ ଚରଣ ରାଉତ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ତଥା ଶିଶୁ ସାହିତ୍ୟିକା ଶ୍ରୀମତୀ ଜ୍ୟୋତିର୍ମୟୀ ମହାନ୍ତି ଓ ଅବସର ପ୍ରାପ୍ତ ବିଜ୍ଞାନ ପରିଦର୍ଶକ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ରାଉତ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କ୍ଷେତ୍ର ପରିଦର୍ଶିକା ଆଦି ଯୋଗଦେଇ ଉପସ୍ଥିତ ଥିବା କିଶୋରୀ ବାଳିକା, ଅଙ୍ଗନବାଡ଼ି କର୍ମୀ, ଅଦ୍ୱିକା କିଶୋରୀମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ।

# ରାସ୍ତା ଉପରେ ଗଛଲତା, ଦୁର୍ଘଟଣାକୁ ପ୍ରୋତ୍ସାହନ

**କଣାସ,୧୧।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମା ଅଞ୍ଚଳର ପ୍ରଗତି ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ଗ୍ରାମା ଅଞ୍ଚଳର ବିଭିନ୍ନ ଗ୍ରାମକୁ ରାସ୍ତା ନିର୍ମାଣ କରୁଥିବା ବେଳେ ରାସ୍ତା ନିର୍ମାଣ ପରେ ରାସ୍ତା ଦାୟିତ୍ୱରେ ଥିବା ଅଧିକାରୀମାନେ ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ କେଉଁଠି ରାସ୍ତା ସାରା ଖାଲ ହୋଇଗଲାଣିତ କେଉଁଠି ରାସ୍ତା ଉପରକୁ ଗୁଳ୍ମଲତା ମାଡିଯାଇ ବାରମ୍ବାର ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା କଣାସ ବ୍ଲକରେ। କୋଟକଣା ଛକ ଠାରୁ ନୂଆଜଗନ୍ନାଥ ସଡକରୁ ବିନ୍ଧଣ, ହରଷପଡ଼ା, ଖଣ୍ଡହତା, ଦୁପୁର, ବ୍ରହ୍ମପଡ଼ା, କରମଳା କୁ ସଂଯୋଗ କରୁଥିବା ୮କିମି ପ୍ରଧାନମନ୍ତ୍ରୀ ସଡକରେ ଅନେକ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଥିବା ବେଳେ ଅନେକ ସ୍ଥାନରେ ଗୁଳ୍ମଲତା ଓ ଗଛ ମାନ ସଡକ ଉପରକୁ ମାଡି ଆସିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି।

# ଗୋମାଂସ ଚାଲାଣକୁ ନେଇ ଉତ୍ତେଜନା

● ଯୁବକଙ୍କୁ କାବୁ କରି ପୁଲିସ ଜିମା ଦେଲେ ସ୍ଥାନୀୟ ଲୋକେ



**ଜଗତସିଂହପୁର,୧୧।୧୦ (ସଂଚାର ବ୍ୟୋରୋ):** ଗୋମାଂସ ଚାଲାଣକୁ ନେଇ ଜଗତସିଂହପୁର ସହରରେ ଉତ୍ତେଜନା। ଗୋମାଂସ ନେଇ ଯାଉଥିବା ଏକ ସ୍କୁଟି ସହ ଜଣେ ଯୁବକଙ୍କୁ କାବୁ କରି ପୁଲିସ ଜିମା ଦେଲେ ସ୍ଥାନୀୟ ଲୋକେ। ଘଟଣାର ତଦନ୍ତ ଆରମ୍ଭ କରିଛି ଜଗତସିଂହପୁର ଥାନା ପୁଲିସ। ସୂଚନାନୁଯାୟୀ, ଜଣେ ଯୁବକ ସ୍କୁଟି ଯୋଗେ ଗୋମାଂସ ନେଇ ଜୋତ ଅଭିମୁଖେ ଯାଉଥିଲେ। ଗାଲୁପଡା ନିକଟରେ କିଛି ସ୍ଥାନୀୟ ଲୋକ ଯୁବକଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଯୁବକଙ୍କ ଠାରୁ ଗୋମାଂସ ଜବତ କରାଯାଇଛି। ଜଗତସିଂହପୁର ପୁଲିସ ତଦନ୍ତ ଆରମ୍ଭ କରିଛି। ଏହି ଅଞ୍ଚଳରେ ବ୍ୟାପକ ଗୋମାଂସ ଚାଲାଣ ହେଉଥିବା ନେଇ ପୂର୍ବରୁ ବଜରଙ୍ଗ ଦଳ ଅଭିଯୋଗ ଆଣିଥିଲା। ଏହାବାଦ୍ ନିକଟରେ ଜଗତସିଂହପୁର, ପାରାଦୀପ ଓ ବିରିଡ଼ିରୁ ଗୋମାଂସ ଓ ଗୋଚମଡ଼ା ଜବତ ହୋଇଥିଲା। ପୁଲିସ ପକ୍ଷରୁ ଏନେଇ ଏକାଧିକ ମାମଲା ବି ରୁଜୁ ହୋଇଛି। ଏବେ ପୁଣି ଥରେ ଗୋମାଂସ ଚାଲାଣ ହେଉଥିବା ଦେଖି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି।

# କାନକୁଟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ଲାଞ୍ଜିଗଡ଼,୧୧।୧୦ (ସଂଚାର ବ୍ୟୋରୋ):** ଛାତ୍ର ଛାତ୍ରୀଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି।ବିଭିନ୍ନ ପ୍ରକାର ଖାଦ୍ୟ ସହିତ ଖେଳ କୁଦ ସାଙ୍ଗକୁ ମନୋରଞ୍ଜନ ପାଇଁ ଅନେକ କାର୍ଯ୍ୟକ୍ରମ।ସେ ମଧ୍ୟରୁ ଅନ୍ୟତମ ହେଉଛି ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାପାଇଁ ସୁରଭି କାର୍ଯ୍ୟକ୍ରମ।ପ୍ରତ୍ୟୋକ ବର୍ଷ ଭଳି ଏବର୍ଷ ମଧ୍ୟ ଲାଞ୍ଜିଗଡ଼ ବ୍ଲକ କାନକୁଟୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫ କାର୍ଯ୍ୟକ୍ରମ ମହା ଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି।ପାଠପଢ଼ା ସହିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହିତ ସେଗୁଡିକର ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାନକୁଟୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡିକୁ ବିଶ୍ୱ ଦରବାରରେ ପରିଚିତ କରାଇଥିବା ଲୋକ ପ୍ରିୟ ଲୋକ କଳାକାର, କଣ୍ଠ ଶିଳ୍ପୀ ସର୍ବେଶ୍ୱର ଭୋଇ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବ ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ।ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ବୈଶାଖୁ ନାଏକ, ଏକ୍ସକେଡର ଶିକ୍ଷକ ସଂଘ ସଭାପତି ପଞ୍ଚାନନ ନାଗ, ଦିବାକର ବିଭାର, ଚିନ୍ମୟ ମୁଦୁଲି, ଯୁବ ସାମ୍ବାଦିକ ମଳୟ ବେନୁଆଁ ପ୍ରମୁଖ ଯୋଗ ଦେଇଥିଲେ।